

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-187 ◆FRIDAY ◆2 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୮୭ ◆ଶୁକ୍ରବାର ◆୨ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

**ନୂଆବର୍ଷ ପାଳନ ବେଳେ ଅଘଟଣ**

## ସ୍ୱିଜରଲାଣ୍ଡ ରିସୋର୍ଟରେ ବିସ୍ଫୋରଣ; ୪୦ ମୃତ

■ବର୍ଣ୍ଣ, ୧।୧ (ଏଜେନ୍ସି): ନୂଆବର୍ଷ ଆରମ୍ଭରୁ ୟୁରୋପୀୟ ଦେଶ ସ୍ୱିଜରଲାଣ୍ଡରେ ଏକ ବଡ଼ ଧରଣର ଅଘଟଣ ଘଟିଛି । ନୂଆବର୍ଷ ପାଳନ ବେଳେ ସ୍ୱିଜରଲାଣ୍ଡର କ୍ରାନ୍ସ ମୋଣ୍ଟାନା ସହରର ଏକ ଆଲପାଇନ ସ୍କି ରିସୋର୍ଟରେ ଗତକାଲି ବିଳମ୍ବିତ ରାତିରେ ବଡ଼ ଧରଣର ବିସ୍ଫୋରଣ ଘଟିବାରୁ ୪୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି । ଆହତମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ନୂଆବର୍ଷ ପାଳନ ବେଳେ ଆତସବାଜି ଯୋଗୁଁ ବିସ୍ଫୋରଣ ହୋଥିବା ସନ୍ଦେହ କରାଯାଉଛି । ତେବେ ଏହା କୌଣସି ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ପୋଲିସ ଦେଇଥିବା ସୂଚନା ଅନୁଯାୟୀ ଗତ ରାତି ୧ଟା ୩୦ରେ ଏହି ବସ୍ଫୋରଣ ହୋଇଥିଲା । ନବବର୍ଷ ଉତ୍ସବ ପାଳନ ଚାଲିଥିବା ବେଳେ କନଷ୍ଟେଲେସନ ବାରରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ସମୟରେ ବାର୍ ଭିତରରେ ୧୫୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ । ସୂଚନା ପାଇବା ମାତ୍ରେ ପୁଲିସ, ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ । ଆହତମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିଛି ଆହତଙ୍କ ଅବସ୍ଥା ଗୁରୁତର ବୋଲି ଜଣାଯାଇଛି । ସତର୍କତା ସ୍ୱରୂପ ବିସ୍ଫୋରଣ ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳକୁ ସିଲ୍ କରାଯାଇଛି । ବିସ୍ଫୋରଣର କାରଣ ନେଇ ଏପର୍ଯ୍ୟନ୍ତ କିଛି ଜଣାପଡ଼ିନାହିଁ ଓ ଏହାର ତଦନ୍ତ ଚାଲିଛି । ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି । ବାର୍‌ରେ ଉପସ୍ଥିତ ଥିବା ଲୋକଙ୍କୁ ପଚରାଉଚରା କରାଯାଉଛି । ତେବେ ବାଣଫୁଟା ଯୋଗୁଁ ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି । କନସର୍ଟ ସମୟରେ ବ୍ୟବହାର କରାଯାଇଥିବା ବାଣ ଯୋଗୁଁ ବିସ୍ଫୋରଣ ଓ ପରେ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସ୍ୱିସ ନ୍ୟୁଜ ଆଉଟଲେଟ୍ ବ୍ଲିକ ତରଫରୁ କୁହାଯାଇଛି ।

କ୍ରାନ୍ସ- ମୋଣ୍ଟାନା ରିସୋର୍ଟ ସ୍ୱିଜରଲାଣ୍ଡ ରାଜଧାନୀ ବର୍ଣ୍ଣଠାରୁ ଦୁଇ ଘଣ୍ଟା ଦୂରରେ ଭାଲାଇସ ▶ପୃଷ୍ଠା-୭



# ମହଙ୍ଗା ହେବ ବିଡ଼ି, ସିଗାରେଟ୍

### ଫେବୃଆରୀରୁ ୪୦% ଜିଏସ୍‌ଟି ସହ ନୂଆ ସେସ୍
### ସିଗାରେଟ କମ୍ପାନୀ ସେୟାରରେ ବଡ଼ ହ୍ରାସ
### ଦାନାପାଣି ହରାଇବେ ବହୁ କେନ୍ଦୁପତ୍ର ଶ୍ରମିକ

■ ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ଫେବ୍ରୁଆରୀରୁ ମହଙ୍ଗା ହେବ ବିଡ଼ି, ସିଗାରେଟ, ଜର୍ଦ୍ଦା ଜାତୀୟ ପାନମସଲା । ପ୍ରଚଳିତ ଜିଏସ୍‌ଟି ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ ଯୋଗୁଁ ଏହି ସାମଗ୍ରୀଗୁଡ଼ିକର ମୂଲ୍ୟ ବଢ଼ିବ । ଆକଳନ ଅନୁସାରେ ବିଡ଼ି ଓ ସିଗାରେଟ ମୂଲ୍ୟ ପ୍ରାୟ ୪୦% ପର୍ଯ୍ୟନ୍ତ ମହଙ୍ଗା ହେବ ଏବଂ ୧୫ଟଙ୍କା ମୂଲ୍ୟରେ ବିକ୍ରି ହେଉଥିବା ସିଗାରେଟ ୧୮ ରୁ ୨୦ ଟଙ୍କାରେ ପହଞ୍ଚିବ ।

ଭାରତରେ ତମାଖୁ ଉତ୍ପାଦ ଉପରେ ସରକାର ବହୁ ପୂର୍ବରୁ ଉଚ୍ଚ ଶୁଳ୍କ ଧାର୍ଯ୍ୟ କରିଛନ୍ତି । ସମ୍ପ୍ରତି ସିଗାରେଟ, ପାନ ମସଲା ଓ ଅନ୍ୟ ତମାଖୁ ଉତ୍ପାଦ ଉପରେ୨୮ % ଜିଏସ୍‌ଟି ଲାଗୁ ହେଉଛି । ଏବେ ସରକାର ଏହି ଜିଏସ୍‌ଟି ଉପରେ ପୁନଃ ସେସ୍ ଲାଗୁ କରିବାକୁ ଯାଉଛନ୍ତି । ଫଳରେ ସିଗାରେଟ୍ ଓ ପାନମସଲା ମୂଲ୍ୟ ୪୦% ଓ ବିଡ଼ି ମୂଲ୍ୟ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ । ବଜାର ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଏହି ଟିକସ ବୋଝକୁ ହ୍ରାସ କରିବା ପାଇଁ ସିଗାରେଟ୍ କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରିବାର ସମ୍ଭାବନା ରହିଛି ।

ସମ୍ପ୍ରତି ଭାରତରେ ସିଗାରେଟ୍ ଉପରେ ଟିକସ ପରିମାଣ ୫୩ ପ୍ରତିଶତ ରହିଛି । ଏହା ସତ୍ତ୍ୱେ ଏହି ସାମଗ୍ରୀଗୁଡ଼ିକ ମଣିଷର ସ୍ୱାସ୍ଥ୍ୟହାନୀର କାରଣ ପାଲଟିଥିବାରୁ ଅଧିକ ଟିକସ ଲାଗୁ ହେବ ବୋଲି କୁହାଯାଉଛି । ଭାରତରେ ବର୍ତ୍ତମାନ ଟିକସ ହାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ସୁପାରିଶ ଅପେକ୍ଷା ଯଥେଷ୍ଟ କମ୍ । ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ଅନୁସାରେ ଧୂମପାନକୁ ନିରୁତ୍ସାହିତ ସିଗାରେଟ୍ ଉପରେ ଅତି କମରେ ୭୫% ଟିକସ ଲାଗୁ କରାଯିବା ଉଚିତ । ଭାରତରେ ବର୍ତ୍ତମାନ ପ୍ରାୟ ୧୦ କୋଟି ଲୋକ ଧୂମପାନ କରୁଛନ୍ତି । ଏହି କାରଣରୁ ତମାଖୁ ଟିକସ ବୃଦ୍ଧିକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ନୀତି ଭାବରେ ଦେଖାଯାଉଛି । ଏହାଛଡା ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ତମାଖୁ ଚୋବାଇବା, ଜର୍ଦ୍ଦା ସୁଗନ୍ଧିତ ତମାଖୁ ଏବଂ ଗୁଟଖା ପ୍ୟାକିଂ ମେସିନ୍ ସହିତ ଜଡିତ ନୂତନ ନିୟମ ଜାରି କରିଛି । ଏହି ନିୟମଗୁଡ଼ିକ ତମାଖୁ, ଜର୍ଦ୍ଦା ଏବଂ ଗୁଟଖା ପ୍ୟାକିଂ ମେସିନର ଉତ୍ପାଦନ କ୍ଷମତା ନିର୍ଣ୍ଣୟ କରିବା ଏବଂ ଏହା ଉପରେ ଆଧାର କରି ଟିକସ ଆଦାୟ ପାଇଁ ଏକ ଢାଞ୍ଚା ତିଆରି କରିଛି । ଅପରପକ୍ଷେ ତମାଖୁ ଉତ୍ପାଦ ଉପରେ ଟିକସ ବୃଦ୍ଧି ଖବର ଆଜି ଘରୋଇ ଷ୍ଟକ୍ ବଜାରକୁ ପ୍ରଭାବିତ କରିଛି । ଫଳସ୍ୱରୂପ ଦେଶର ସର୍ବବୃହତ ସିଗାରେଟ୍ କମ୍ପାନୀ ଆଇଟିସିର ସେୟାର ଆଜି ୧୦% ହ୍ରାସ ପାଇଛି । ଏହା ୨୦୨୦ ପରଠାରୁ କମ୍ପାନୀର ସେୟାରରେ ସବୁଠାରୁ ବଡ଼ ଏକ ଦିବସୀୟ ହ୍ରାସ । ମାର୍ସବୋରୋ ଭଳି ବ୍ରାଣ୍ଡ ବିକ୍ରି କରୁଥିବା କମ୍ପାନୀ ଗଡଫ୍ରେ ଫିଲିପ୍ସର ସେୟାର ମଧ୍ୟ ପ୍ରାରମ୍ଭରୁ ୧୭.୬% ହ୍ରାସ ଘଟିଛି । ଆଇଟିସି ନିଫ୍ଟି ୫୦ ଇଣ୍ଡେକ୍ସରେ ଗୁରୁବାର ସବୁଠୁ ବଡ଼ କ୍ଷତି ସହିଥିବା କମ୍ପାନୀ ହୋଇଛି । ଅନ୍ୟପକ୍ଷରେ ଏହି ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚ ଶୁଳ୍କ ▶ପୃଷ୍ଠା-୭

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ଆକ୍ରମଣ

■ ଢାକା, ୧।୧ (ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କ ଉପରେ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଡିସେମ୍ବର ୩୧ ଅର୍ଥାତ ବିଦାୟୀ ବର୍ଷର ଶେଷ ଦିନରେ ଆଉ ଜଣେ ହିନ୍ଦୁ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି । ଆକ୍ରମଣ କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦିଆଯାଇଛି । ତେବେ ସେ ନିକଟବର୍ତ୍ତୀ ପୋଖରୀକୁ ଡେଇଁ ନିଜ ଜୀବନ ବଞ୍ଚାଇଛନ୍ତି । କିନ୍ତୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି । ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଏହାକୁ ମିଶାଇ ୪ ଜଣ ହିନ୍ଦୁ ଲୋକଙ୍କୁ ଆକ୍ରମଣ କରାଗଲାଣି । ଏହାପୂର୍ବରୁ ଘଟିଥିବା ତିନିଟି ଆକ୍ରମଣ ଘଟଣାରେ ତିନି ଜଣ ପ୍ରାଣ ହରାଇଛନ୍ତି । ଏହାକୁ ନେଇ ବାଂଲାଦେଶରେ ହିନ୍ଦୁ ସଂପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଗତକାଲି ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ହେଉଛନ୍ତି ସରିୟତପୁର ଜଲ୍ଲାର ଖୋକନ ଦାସ । ସେ ଗତକାଲି ଘରକୁ ଫେରୁଥିବା ବେଳେ ଭିଡ଼ ଆକ୍ରମଣର ଶିକାର ହୋଇଥିଲେ । ୫୦ ବର୍ଷୀୟ ଖୋକନଙ୍କୁ ଭିଡ଼ ଘେରିଯାଇଥିଲେ । ପ୍ରଥମେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା । ପରେ ନିର୍ମମ ଭାବେ ମାଡ଼ ମାରି ନିଆଁ ଲଗାଇ ଦିଆଯାଇଥିଲା । ଆକ୍ରମଣରେ ସେ ଗୁରୁତର ଭାବେ ପୋଡ଼ି ଯାଇଥିଲେ । ତେବେ ସେ ପୋଖରୀକୁ ଡେଇଁ ଜୀବନ ବଞ୍ଚାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ପୁଲିସ ଅଭିଯୁକ୍ତଙ୍କୁ ଖୋଜୁଛି ।

**ଗୁରୁତର ଖୋକନ ମେଡିକାଲରେ ଭର୍ତ୍ତି**

**୧୫ ଦିନରେ ଚତୁର୍ଥ ଘଟଣା**

ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଚତୁର୍ଥ ହିନ୍ଦୁ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି । ପୂର୍ବରୁ ଡିସେମ୍ବର ୧୮ ରେ ମୟମନସିଂ ଜିଲ୍ଲାରେ ଦୀପୁ ଚନ୍ଦ୍ର ଦାସଙ୍କୁ ଏକ ଭିଡ଼ ଦ୍ୱାରା ପିଟିପିଟି ▶ପୃଷ୍ଠା-୭

**ସରକାରୀ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

## ଲକ୍ଷ୍ୟ ହାସଲ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କର

■ ଭୁବନେଶ୍ୱର,୧।୧(ସମିସ): ୨୦୩୬ ସୁଦ୍ଧା ୫ ଶହ ବିଲିଅନ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପ୍ରଶାସନର ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଇଂରାଜୀ ନୂଆ ବର୍ଷ ୨୦୨୬ର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହିତ ଚଳିତ ବର୍ଷର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ପ୍ରଶାସନକୁ କ୍ରିୟାଶୀଳ କରିବାକୁ ଅଧିକାରୀମାନଙ୍କୁ ଏକାଧିକ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ଶ୍ରେଷ୍ଠ ୫ ବିକଶିତ ରାଜ୍ୟ ତାଲିକାରେ ▶ପୃଷ୍ଠା-୭



### ନୂଆବର୍ଷ ଶୁଭେଚ୍ଛା: ନବୀନ ନିବାସରେ ଫୁଲର ପାହାଡ଼

## ରାଜ୍ୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ନବୀନଙ୍କ ପରାମର୍ଶ

■ଭୁବନେଶ୍ୱର, ୧।୧ (ସମିସ): ଇଂରାଜୀ ନୂଆବର୍ଷ ୨୦୨୬ର ପ୍ରଥମ ଦିନରେ ଆଜି ନବୀନ ନିବାସରେପରିଲକ୍ଷିତ ହୋଇଛି ପ୍ରବଳ ଭିଡ଼ । ଦଳର ବହୁ ତୁଙ୍ଗ ନେତାଙ୍କଠାରୁ ଆରମ୍ଭ କରି ସାଧାରଣ କର୍ମୀ, ପ୍ରଶଂସକଙ୍କ ପର୍ଯ୍ୟନ୍ତ ନବୀନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଛନ୍ତି । ନବୀନ ମଧ୍ୟ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇଥିବା ବେଳେ ସମସ୍ତେ ମିଳିମିଶି ରାଜ୍ୟର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି ।




ଗୁରବାର ସକାଳୁ ସକାଳୁ ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସରେ ପ୍ରବଳ ଭିଡ଼ ପରିଲିକ୍ଷିତ ହୋଇଥିଲା । ଦଳର ନେତା, କର୍ମୀ, ଶୁଭେଚ୍ଛୁମାନେ ହାତରେ ଫୁଲତୋଡ଼ା ଧରି ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ଲମ୍ବା ଲାଇନ ଲଗାଇଥିଲେ । ନିଜର ପ୍ରିୟ ନେତାଙ୍କ ଝଲକ ଟିଏ ପାଇବା ପାଇଁ ସମର୍ଥକ ବେଶ୍ ଉତ୍ସାହିତ ଥିବାବେଳେ ସମସ୍ତେ ଶୁଭେଚ୍ଛା ପ୍ରଦାନ ସହ ନବୀନଙ୍କ ସହ ଫଟୋ ଉଠାଇଥିଲେ । ନବୀନ ମଧ୍ୟ ହସ ହସ ମୁହଁରେ ସମସ୍ତଙ୍କ ▶ପୃଷ୍ଠା-୭

**ପାନୀୟ ପ୍ରିୟ ରାଜଧାନୀବାସୀ**

## ୭ ଦିନରେ ପିଇଦେଲେ ୩୨ କୋଟିର ମଦ

■ଭୁବନେଶ୍ୱର, ୧।୧ (ସମିସ): ରାଜଧାନୀବାସୀଙ୍କୁ ବାଇଆ କରିଛି ମଦ । ଦେଶୀ ଓ ବିଦେଶୀ ସାଙ୍ଗକୁ ବିୟର ବି ବିକ୍ରି ହେଉଛ ପ୍ରଚୁର । ଯୁବପିଢିଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତବୟସ୍କ, ଏପରିକି ମହିଳାବି ମଦ ସାନ୍ନିଧ୍ୟରୁ ବାଦ ପଡ଼ିନାହାନ୍ତି । ବଡ଼ଦିନରୁ ଡ଼ିସେମ୍ବର ୩୧ ତାରିଖ ମଧ୍ୟରେ ରାଜଧାନୀବାସୀ ପାଖାପାଖି ୬ ଲକ୍ଷ ଲିଟର ମଦ ପିଇଛନ୍ତି । ସାଙ୍ଗସାଥି ଏକାଠି ହେଲେ ବୋତଲ ଖୋଲୁଛି । କେଉଁଠିକି ବୁଲିବାକୁ ଗଲେ ବି ଲୋଡ଼ାପଡୁଛି ବୋତଲ । ଭୋଜିଭାତ କଲେ ମଦ ପିଉଛନ୍ତି । କେହି ସାଥୀ ନ ମିଳିଲେ ଏକୁଟିଆ ଯାଇ ବାର୍, ରେଷ୍ଟୁରାଣ୍ଟ ଆଉ ପବ୍‌ରେ ବସି ମଦ ଢୋକି ଦେଉଛନ୍ତି ।

୨୦୨୫ ମସିହାର ଶେଷ ସପ୍ତାହରେ ରାଜଧାନୀବାସୀ ୩୨ କୋଟି ୫୫ଲକ୍ଷ ୧୨ ଶହ ୫୫ଟଙ୍କାର ମଦ ପିଇଛନ୍ତି । ଏହା ମଧ୍ୟରେ ରହିଛି ଅଢେଇ ଲକ୍ଷ ଲିଟର ବିଦେଶୀ ଓ ଦେଢ ଲକ୍ଷ ଲିଟର ଦେଶୀ ମଦ । ରମ୍, ବିୟର, ହ୍ୱିସ୍କିଠାରୁ ଆରମ୍ଭ କରି ବ୍ରାଣ୍ଡି, ସ୍କଚ୍ ପର୍ଯ୍ୟନ୍ତ ସବୁ ପିଇ ଯାଇଛନ୍ତି । କାଠୁଆ ଶୀତ ହେଲେ ବି ବିୟର ବ୍ୟବସାୟରେ କୌଣସି ଫରକ ପଡ଼ିନି । ଗତ ୭ଦିନ ମଧ୍ୟରେ ରାଜଧାନୀବାସୀ ୧ ଲକ୍ଷ ୭୮ ହଜାର ଲିଟର ବିୟର୍ ପିଇଥିବା ନେଇ ଅବକାରୀ ବିଭାଗର ସୂଚନା ଦେଇଛି । ବଡ ଦିନଠାରୁ ଜିରୋ ନାଇଟ୍ ମଧ୍ୟରେ କ୍ଲବ, ପବ୍, ଅଫ ସପ୍‌ରେ ବହୁ ସଂଖ୍ୟାରେ ଗ୍ରାହକ ଏକଜୁଟ୍ ହୋଇ ମଦ ପିଇଛନ୍ତି । ପୁରୁଷଙ୍କ ସହ ତାଳ ଦେଇ ମହିଳାମାନେ ମଦ୍ୟପାନ କରିଛନ୍ତି ବୋଲି ସୂଚନା ମିଳିଛି ।



**ଅଢେଇ ଲକ୍ଷ ଲିଟର ବିଦେଶୀ, ଦେଢ ଲକ୍ଷ ଲିଟର ଦେଶୀ ମଦ ବିକ୍ରି**

**କାଠୁଆ ଶୀତ ଦିନରେ ବି ବିକ୍ରି ହେଲା ୧.୭୮ ଲକ୍ଷ ଲିଟର ବିୟର**

ମଦ ଉପରେ ରୋକ୍ ଲାଗିବ ବୋଲି ସରକାର ଦଳ ଦାବି କରୁଥିଲେ । ମାତ୍ର ହେଲେ ବଢୁଥିବା ମଦୁଆ ସଂଖ୍ୟା ଏବଂ ମଦ ବିକ୍ରି ତଥ୍ୟ ସମସ୍ତଙ୍କୁ ଡରାଇବାରେ ଲାଗିଛି । ଜିରୋ ନାଇଟ୍ ଦିନ ରାଜଧାନୀର ସମସ୍ତ ବାର୍, ମଦ ବିକ୍ରି କରୁଥିବା ରେଷ୍ଟୋରାଁ, ପପ୍‌ରେ ଖଚାଖଚ ଭିଡ ହୋଇଛି । ରାତି ୧୨ଟା ବେଳେକୁ ଏତେ ଭିଡ ଯେ ପାଦ ପକାଇବାକୁ ଜାଗା ମିଳୁନଥିଲା । ▶ପୃଷ୍ଠା-୭





ନୂଆବର୍ଷରେ ସଜେଇ ହୋଇଛି ଦୁବାଇର ବୁର୍ଜ ଖଲିଫା

# ନୂଆବର୍ଷରେ କାଶୀ, ବୃନ୍ଦାବନ, ଅଯୋଧ୍ୟାରେ ୧୦ ଲକ୍ଷ ଭକ୍ତ

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ନୂଆବର୍ଷକୁ ଭାରତରେ ପୂରା ଧୂମ୍‌ଧାମରେ ପାଳନ କରାଯିବା ସହ ସ୍ୱାଗତ କରାଯାଇଛି। ଏହି ଅବସରରେ ଦେଶବ୍ୟାପୀ ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କାଶୀ, ବୃନ୍ଦାବନ ଓ ଅଯୋଧ୍ୟାରେ ୧୦ ଲକ୍ଷ ଶ୍ରଦ୍ଧାଳୁ ଦିଅଁ ଦର୍ଶନ କରିଛନ୍ତି। ଅଯୋଧ୍ୟାରେ ସଂଧ୍ୟା ସୁଦ୍ଧା ୫ ଲକ୍ଷରୁ ଅଧିକ ଲୋକ ରାମଲାଲାଙ୍କ ଦର୍ଶନ କରିଥିଲେ ଓ ଏହି ସଂଖ୍ୟା ଦିନ ବଢ଼ିବା ସଙ୍ଗେ ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ଏବଂ ଭିଡ଼ ମଧ୍ୟ ବଢ଼ିବାରେ ଲାଗିଛି। ମଥୁରାରେ ବାଙ୍କେ ବିହାରୀ ମନ୍ଦିର ଭକ୍ତଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଛି ଓ ଅପରାହ୍ଣ ୧୨ଟା ସୁଦ୍ଧା ଦେଢ ଲକ୍ଷରୁ ଅଧିକ ଲୋକ ମନ୍ଦିରରେ ଦର୍ଶନ କରିଥିଲେ। ଜାନୁଆରୀ ୫ ପର୍ଯ୍ୟନ୍ତ ନଆସିବାକୁ ମନ୍ଦିର ପ୍ରଶାସନ ଲୋକଙ୍କୁ ନିବେଦନ କରିଛି। ସେହିପରି ଉଜ୍ଜୟିନୀ ମହାକାଳ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭାରତୀୟ କ୍ରିକେଟ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଓ ଦଳର କିଛି ସଦସ୍ୟା ମଧ୍ୟ ଦର୍ଶନ କରିଛନ୍ତି। ଜମ୍ମୁ-କଶ୍ମୀର ବୈଷ୍ଣୋଦେବୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ବିଶୃଙ୍ଖଳା ଏଡାଇବା ପାଇଁ ବୈଷ୍ଣୋଦେବୀ ମନ୍ଦୀର ବୋର୍ଡ ପଞ୍ଜୀକରଣକୁ ସ୍ଥଗିତ ରଖିଛି।

- ୫ ଲକ୍ଷ ଶ୍ରଦ୍ଧାଳୁ ରାମଲାଲାଙ୍କ ଦର୍ଶନ କଲେ
- ବୈଷ୍ଣୋଦେବୀ ମନ୍ଦିରରେ ଅସମ୍ଭାଳ ଭିଡ଼
- ମହାକାଳ ମନ୍ଦିରରେ ୧ ଲକ୍ଷ ଭକ୍ତ



## ନୂଆବର୍ଷ ପାଇଁ ଟାଇମ୍ସ ସ୍କୋୟାରରେ ୧୦ ଲକ୍ଷ ଲୋକ

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ଭାରତ ସମେତ ବିଶ୍ୱବ୍ୟାପୀ ନୂଆବର୍ଷ ୨୦୨୬ର ଜବରଦସ୍ତ ସ୍ୱାଗତ କରାଯାଇଛି। ରାଜଧାନୀ ଦିଲ୍ଲୀର ଇଣ୍ଡିଆ ଗେଟ୍‌ରେ ଲୋକମାନେ ଅବଗଣନା ସହିତ ନୂଆବର୍ଷକୁ ଜୋରଦାର ସ୍ୱାଗତ କରିଥିଲେ। ସେହିପରି ଜମ୍ମୁ-କଶ୍ମୀରରେ ପ୍ରବଳ ତୁଷାରପାତ ଚାଲିଥିବା ବେଳେ ଲୋକେ ନୂଆବର୍ଷକୁ ସ୍ୱାଗତ କରିବାକୁ ଭୁଲି ନଥିଲେ। ନ୍ୟୁଜିଲାଣ୍ଡରେ ପ୍ରଥମେ ୨୦୨୬ ଆରମ୍ଭ ହୋଇଥିଲା। ଅକଲାଣ୍ଡର ସ୍କାଏ ଟାୱାରରେ ଜବରଦସ୍ତ ଆତସବାଜି ପ୍ରଦର୍ଶନ ହୋଇଥିଲା। ସେହିପରି ଜାପାନ, ଚୀନ୍, ସିଙ୍ଗାପୁର, ୟୁଏଇ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ମଧ୍ୟ ପାରମ୍ପରିକ କାର୍ଯ୍ୟକ୍ରମ ଓ ଆତସବାଜି ସହିତ ନୂଆବର୍ଷକୁ ସ୍ୱାଗତ କରାଯାଇଥିଲା। ଭିନ୍ନ ଭିନ୍ନ ଟାଇମ୍ ଜୋନ କାରଣରୁ ୨୯ଟି ଦେଶ ଭାରତଠାରୁ ଆଗୁଆ ନୂଆବର୍ଷ ପାଳନ କରିଥିଲେ। ଆମେରିକାର ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ନୂଆବର୍ଷ ଉତ୍ସବ ପାଳନ କରିବାକୁ ପାଖାପାଖି ୧୦ ଲକ୍ଷ ଲୋକ ଏକାଠି ହୋଇଥିଲେ। ଲୋକଙ୍କ ଉପରେ ୧ ଟନ୍‌ରୁ ଅଧିକ ରଙ୍ଗୀନ କାଗଜ ବର୍ଷା କରାଯାଇଥିଲା। ଆମେରିକା ଏହି ବର୍ଷ ନିଜର ୨୫୦ ବର୍ଷ ପୂରଣ କରିବାକୁ ଯାଉଥିବାରୁ ନୂଆବର୍ଷ ପାଳନ ସ୍ୱତନ୍ତ୍ର ଥିଲା। ସେହିପରି ରାଜଧାନୀ ୱାସିଂଟନ ଡିସିରେ ମଧ୍ୟ ଜବରଦସ୍ତ ଆତସବାଜି ଦେଖିବାକୁ ମିଳିଥିଲା। ବ୍ରାଜିଲର ରିଓ ଡି ଜାନେରିଓରେ, ବ୍ରିଟେନ ରାଜଧାନୀ ଲଣ୍ଡନର ଥେମ୍ସ ନଦୀକୂଳରେ ରଙ୍ଗବେରଙ୍ଗ ଆତସବାଜି ଦେଖିବାକୁ ମିଳିଥିଲା। ଫ୍ରାନ୍ସ ରାଜଧାନୀ ଏଫିଲ ଟାୱାରରେ ସୁନ୍ଦର ଆତସବାଜି ସହ ନୂଆବର୍ଷକୁ ସ୍ୱାଗତ କରାଯାଇଥିଲା। ସେହିପରି ଜର୍ମାନୀ, ନେଦରଲାଣ୍ଡସ, ୟୁଏଇ, ଚୀନ୍, ସିଙ୍ଗାପୁର, ଦକ୍ଷିଣ କୋରିଆ, ଜାପାନ, ଅଷ୍ଟ୍ରେଲିଆର ପ୍ରାୟ ସବୁ ସହରରେ ଆତସବାଜି ସହ ନୂଆବର୍ଷ ପାଳନ କରାଯାଇଥିଲା। ତେବେ ନେଦରଲାଣ୍ଡସର ଆମଷ୍ଟରଡାମ୍‌ରେ ନୂଆବର୍ଷ ପାଳନ ଅବସରରେ ଐତିହାସିକ ଭୋଣ୍ଡେଲ ଚର୍ଚ୍ଚରେ ନୂଆବର୍ଷ ପାଳନ ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା।

# ୨୦୨୭ରେ ଦେଶରେ ଗଡ଼ିବ ପ୍ରଥମ ବୁଲେଟ୍ ଟ୍ରେନ୍

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ଗୌହାଟୀରୁ କୋଲକାତା ମଧ୍ୟରେ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଚାଲିବ। ଏହି ଟ୍ରେନ୍‌ର ତୃତୀୟ ଏସିର ଭଡ଼ା ୨, ୩୦୦, ଦ୍ୱିତୀୟ ଏସିର ଭଡ଼ା ୩, ୦୦୦ ଓ ପ୍ରଥମ ଏସି ଭଡ଼ା ୩, ୬୦୦ ଟଙ୍କା ସ୍ଥିର କରାଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସୂଚନା ଦେଇଛନ୍ତି। ବୈଷ୍ଣବ କହିଛନ୍ତି ଯେ, ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଟ୍ରାଏଲ, ଟେଷ୍ଟିଂ ଓ ସାର୍ଟିଫିକସନ ସମାପ୍ତ ହୋଇଛି। ସ୍ଲିପର ଟ୍ରେନ୍‌କୁ ୧, ୦୦୦ କିମିରୁ ଅଧିକ ଦୂରତା ପାଇଁ ଡିଜାଇନ୍ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁବଶୀଘ୍ର ଏହି ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ ବୋଲି ବୈଷ୍ଣବ କହିଛନ୍ତି। ଏହି ବର୍ଷ ଶେଷସୁଦ୍ଧା ୧୨ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ପ୍ରସ୍ତୁତ ହେବ। ଦୁଇ ଦିନ ପୂର୍ବରୁ ଟ୍ରେନ୍‌ର ପରୀକ୍ଷଣ କରାଯାଇଥିଲା। ଏହି ଟ୍ରେନ୍ କୋଟା- ନାଗରା ରେଳ ଟ୍ରାକ୍‌ରେ ଘଣ୍ଟାପ୍ରତି ୧୮୦ କିମି ବେଗରେ ଚାଲିଥିଲା। ଲୋକୋ ପାଇଲଟ ୪ ଗ୍ଲାସ୍ ପାଣି ରଖିଥିଲେ। ଏତେ ବେଗରେ ଟ୍ରେନ୍ ଚାଲିଥିଲେ ମଧ୍ୟ ଗ୍ଲାସ୍‌ରୁ ପାଣି ପଡ଼ି ନଥିଲା।

ସେହିପରି ଆସନ୍ତାବର୍ଷ ଅର୍ଥାତ ୨୦୨୭ ଅଗଷ୍ଟ ୧୫ରେ ଦେଶରେ ପ୍ରଥମଥର ପାଇଁ ବୁଲେଟ ଟ୍ରେନ ଚାଲିବ ବୋଲି ରେଳମନ୍ତ୍ରୀ କହିଛନ୍ତି। ବୁଲେଟ ଟ୍ରେନ୍ ପ୍ରଥମେ ସୁରତରୁ ବିଲିମୋରା ପର୍ଯ୍ୟନ୍ତ ଚାଲିବ ଓ ଏହି ସେକ୍ସନ ଖୋଲିବ। ଏହାପରେ ଭାପିରୁ ସୁରତ ସେକ୍ସନ ଖୋଲିବ। ତା'ପରେ ଭାପିରରୁ ଅହମଦାବାଦ ଓ ଥାନେରୁ ଅହମଦାବାଦ ସେକ୍ସନ ଖୋଲିବ ବୋଲି ସେ କହିଛନ୍ତି। ନୂଆପିଢ଼ିର ଟ୍ରେନ୍ ପାଇଁ ବହୁ ଦିନରୁ ଦାବି ହୋଇଆସୁଛି। ବନ୍ଦେ ଭାରତ ଚେୟାର କାର୍ ଭାରତୀୟ ରେଳବାଇ ପାଇଁ ନୂତନ ଯୁଗ ଆରମ୍ଭ କରିଛି। ଲୋକେ ଏହାକୁ ବହୁତ ପସନ୍ଦ କରିଛନ୍ତି। ଦେଶରୁ ପ୍ରତ୍ୟେକ କୋଣରୁ ବନ୍ଦେ ଭାରତ ଟ୍ରେନ୍ ପାଇଁ ଦାବି ହେଉଛି ବୋଲି ସେ କହିଛନ୍ତି। ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ରେ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉତ୍କୃଷ୍ଟ ସସପେନସନ ସିଷ୍ଟମ ଓ ବିଶ୍ୱସ୍ତରୀୟ ସ୍ଲିପର କୋଚ୍ ରହିଛି। ଗୌହାଟୀରୁ ହାଓଡା ରୁଟ୍‌ରେ ବିମାନ ଭଡ଼ା ୬ରୁ ୮ ହଜାର ଟଙ୍କା ରହିଛି। କେତେକ ସମୟରେ ଏହା ୧୦ ହଜାର ଟଙ୍କାରେ ପହଞ୍ଚିଥାଏ। କିନ୍ତୁ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ରେ ଗୌହାଟୀରୁ ହାଓଡା ଯିବା ପାଇଁ ମାତ୍ର ୨, ୩୦୦ ଟଙ୍କା ଭଡ଼ା ପଡ଼ିବ ବୋଲି ସେ କହିଛନ୍ତି।




**ଗୌହାଟୀରୁ କୋଲକାତା ଚାଲିବ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍**

# ଭାରତ-ପାକିସ୍ତାନ ପରସ୍ପରକୁ ପରମାଣୁ ସୂଚନା ଦେଲେ



ନୂଆଦିଲ୍ଲୀ, ୧।୧(ଏଜେନ୍ସି): ନୂଆବର୍ଷର ପ୍ରଥମ ଦିନରେ ଅର୍ଥାତ ଗୁରୁବାର ଭାରତ ଓ ପାକିସ୍ତାନ ପରସ୍ପରକୁ ନିଜ ନିଜର ପରାମାଣୁ ଠିକଣା ସମ୍ପର୍କରେ ଠିକଣା ପ୍ରଦାନ କରିଥିଲେ। ଏହି ଠିକଣାରେ ଦୁଇ ଦେଶ ସେମାନଙ୍କ ପରମାଣୁ ଅସ୍ତ୍ର ରଖିଥାନ୍ତି। ଏହି ପ୍ରକ୍ରିୟା ତଥା ପରମ୍ପାର ଗତ ୩୫ ବର୍ଷ ହେବ ଚାଲିଆସୁଛି। ଦୁଇ ଦେଶ ନୂଆଦିଲ୍ଲୀ ଓ ଇସଲାମାବାଦ୍ ସ୍ଥିତ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଏହି ତାଲିକା ଆଦାନପ୍ରଦାନ କରିଛନ୍ତି। ୧୯୮୮ ଡିସେମ୍ବର ୩୧ରେ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଏଥିରେ ଦୁଇଦେଶ ପରସ୍ପରର ପରମାଣୁ ଠିକଣା, ଭିତ୍ତିଭୂମୀ ଉପରେ ଆକ୍ରମଣ ନ କରିବା ନେଇ ଉଲ୍ଲେଖ ରହିଛି। ଏହି ଚୁକ୍ତି ୧୯୯୧ ଜାନୁଆରୀ ୨୭ରେ ଲାଗୁ ହୋଇଥିଲା। ଏହା ଅନୁସାରେ ଦୁଇଦେଶ ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷ ଜାନୁଆରୀ ୧ରେ ପରସ୍ପରକୁ ନିଜର ପରମାଣୁ ଠିକଣା ସମ୍ପର୍କରେ ଅବଗତ କରାଇଥାନ୍ତି। ୧୯୯୨ ଜାନୁଆରୀ ୧ରେ ପ୍ରଥମଥର ପାଇଁ ଏହି ତାଲିକା ବିନିମୟ କରାଯାଇଥିଲା। ଭାରତ ପାଖରେ ୧୮୦ ଓ ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ବୋମା ରହିଛି ବୋଲି ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ତରଫରୁ କୁହାଯାଇଛି।

**୩୫ ବର୍ଷରୁ ଚାଲିଆସୁଛି ଏହି ପରମ୍ପରା**

### ହାଦି ହତ୍ୟା ଅଭିଯୁକ୍ତର ସୂଚନା

## 'ଭାରତ ନୁହେଁ; ମୁଁ ଦୁବାଇରେ ଅଛି'

ଢାକା, ୧।୧(ଏଜେନ୍ସି): ଭାରତ ଓ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ବିରୋଧୀ ନେତା ଭାବେ ବେଶ୍ ଜଣାଶୁଣା ଥିବା ଉସମାନ ହାଦି ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ମାମଲାର ମୁଖ୍ୟ ଅଭିଯୁକ୍ତ ଫୈଜଲ କରିମ ମାସୁଦ ତାଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ମାସୁଦ ଏକ ଭିଡିଓ ଜାରିକରି କହିଛନ୍ତି ଯେ, ମୁଁ ବାଂଲାଦେଶୀ ନୁହେଁ। ମୋତେ ଓ ମୋ ପରିବାରକୁ ଅଯଥାରେ ଫସାଇ ଦିଆଯାଇଛି। ହାଦି ଜମାତର ଏକ ଅଂଶ। ଜମାତର ସଦସ୍ୟମାନେ ତାଙ୍କୁ ମାରି ଥାଇପାରନ୍ତି। ହାଦିଙ୍କ ସହିତ ତାଙ୍କର କାରବାର କେବଳ ବ୍ୟବସାୟ ଓ ରାଜନୈତିକ ପାଣ୍ଠି ସହିତ ଜଡିତ ଥିଲା। ହତ୍ୟା ପରେ ଭାରତ ପଳାଇ ଆସିଥିବା ଖବରକୁ ଫୈଜଲ ପ୍ରତ୍ୟାଖାନ କରିଛନ୍ତି। ବର୍ତ୍ତମାନ ଦୁବାଇରେ ଅଛି ଓ ମୋତେ ରାଜନୈତିକ ଷଡ଼ଯନ୍ତ୍ରରେ ଫସାଯାଉଛି ବୋଲି ଫୈଜଲ କହିଛନ୍ତି। ଅନ୍ୟପଟେ ହାଦିଙ୍କ ମୃତ୍ୟୁ ସମ୍ପର୍କରେ ବାଂଲାଦେଶ ପୁଲିସ କହିଛି ଯେ, ଫୈଜଲ ଓ ତାଙ୍କ ସହଯୋଗୀ ଆଲମଗିରି ଶେଖ ସହ ମିଶି ଡିସେମ୍ବର ୧୨ରେ ହାଦିଙ୍କୁ ଗୁଳି କରି ହତ୍ୟା କରିଥିଲେ ଓ ଏହାପରେ ଦୁହେଁ ହାଲୁଆଘାଟ ସୀମା ଦେଇ ଭାରତ ପଳାଇଯାଇଥିଲେ ଓ ବର୍ତ୍ତମାନ ସେମାନେ ମେଘାଳୟରେ ଲୁଚି ରହିଛନ୍ତି। ତେବେ ବିଏସ୍‌ଏଫ୍ ଓ ମେଘାଳୟ ପୁଲିସ ଏହି ଅଭିଯୋଗଗୁଡ଼ିକୁ ପ୍ରତ୍ୟାଖାନ କରିଥିଲେ।

## ପୁଣେରେ ଶିବସେନାର ପ୍ରାର୍ଥୀ ନିଜ ଦଳର ଅନ୍ୟ ଜଣେ ପ୍ରାର୍ଥୀଙ୍କ ଏ-ବି ଫର୍ମ ଗିଳିଲେ

ମୁମ୍ବଇ, ୧।୧(ଏଜେନ୍ସି): ମହାରାଷ୍ଟ୍ରରେ ଏବେ ମହାନଗର ନିଗମ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ପୁଣେରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଶିବସେନାର ଜଣେ ପ୍ରାର୍ଥୀ ଉଦ୍ଧବ କାମ୍ବଲେ ନିଜ ଦଳର ଅନ୍ୟ ଜଣେ ପ୍ରାର୍ଥୀଙ୍କ ଏ-ବି ଫର୍ମ ଚିରିବା ସହ ଗିଳି ଦେଇଛନ୍ତି। ଏବେ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି। ବୁଧବାର ଧନକାୱାଡି ସାହାକରନଗର ୱାର୍ଡ କାର୍ଯ୍ୟାଳୟରେ ଏହି ଘଟଣା ଘଟିଛି। ଏହା ପରେ ଉଦ୍ଧବଙ୍କ ବିରୋଧରେ ଭାରତୀ ବିଦ୍ୟାପୀଠ ଥାନାରେ ଅଭିଯୋଗ କରାଯାଇଛି। ଶିବସେନାରେ ଏହି ଦୁଇ ପ୍ରାର୍ଥୀଙ୍କୁ ନିଜ ପାର୍ଟି ତରଫରୁ ଏ-ବି ଫର୍ମ ଦିଆଯାଇଥିଲା। ଏହାପରେ ଦୁଇଜଣ ପ୍ରାର୍ଥୀ କାମ୍ବଲେ ଓ ମଚିନ୍ଦ୍ର ଧୱାଲେଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପୁଲିସ କହିବା ଅନୁସାରେ ଯୁକ୍ତିତର୍କ ପରେ କାମ୍ବଲେ ଧୱାଲେଙ୍କ ଏ-ବି ଫର୍ମକୁ ଚିରିବା ସହ ଗିଳି ଦେଇଥିଲେ। କାମ୍ବଲେଙ୍କୁ ଅଟକ ରଖାଯିବା ସହ ପଚରା ଉଚରା କରାଯାଉଛି ଓ ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଥାଉ କି, ଏ-ବି ଫର୍ମ ନିର୍ବାଚନରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଫର୍ମ ଭାବେ ବିଚାର କରାଯାଏ। ଏହାଦ୍ୱାରା ଏକ ଦଳ ତା'ର ପ୍ରାର୍ଥୀଙ୍କୁ ନିର୍ବାଚନରେ ଅବତୀର୍ଣ୍ଣ ହେବା ପାଇଁ ସୁଯୋଗ ଦେଇଥାଏ ଓ ଦଳ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜର ପ୍ରାର୍ଥୀ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରିଥାଏ। ଜାନୁଆରୀ ୧୫ରେ ମୁମ୍ବଇ ସମେତ ମହାରାଷ୍ଟ୍ରର ୨୯ଟି ମହାନଗର ନିଗମରେ ନିର୍ବାଚନ ହେବ।

**ନ୍ୟୁୟର୍କ ସିଟିର ପ୍ରଥମ ମୁସ୍‌ଲିମ ମେୟର**

# କୋରାନ୍ ଛୁଇଁ ଶପଥ ନେଲେ ମମ୍‌ଦାନୀ

ନ୍ୟୁୟର୍କ୧।୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଜୋହରାନ ମମ୍‌ଦାନୀ ନ୍ୟୁୟର୍କ ସହରର ପ୍ରଥମ ମୁସ୍‌ଲିମ ମେୟର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସେ ଗୁରୁବାର କୋରାନ ହାତରେ ରଖି ଶପଥ ଗ୍ରହଣ କରିଥିଲେ। ନ୍ୟୁୟର୍କ ଇତିହାସରେ ପ୍ରଥମଥର ପାଇଁ ଏପରି ହୋଇଛି। ଏପର୍ଯ୍ୟନ୍ତ ନ୍ୟୁୟର୍କ ସିଟିର ଅଧିକାଂଶ ମେୟର ହାତରେ ବାଇବେଲ୍ ଧରି ଶପଥ ଗ୍ରହଣ କରିଆସିଥିଲେ। ତେବେ ଆମେରିକାର ସମ୍ବିଧାନ ଅନୁସାରେ ଶପଥ ଗ୍ରହଣ ପାଇଁ କୌଣସି ଧାର୍ମିକ ପୁସ୍ତକ ଧରିବା ବାଧ୍ୟତାମୂଳକ ନୁହେଁ। ୩୪ ବର୍ଷୀୟ ଡେମୋକ୍ରାଟ୍ ନେତା ମମ୍‌ଦାନୀ ନ୍ୟୁୟର୍କ ସହରର ପ୍ରଥମ ମୁସଲମାନ ଓ ପ୍ରଥମ ଦକ୍ଷିଣ ଏସୀୟ ଓ ପ୍ରଥମ ଆଫ୍ରିକୀୟ ଜନ୍ମିତ ମେୟର। ନ୍ୟୁୟର୍କ ସହରର ସିଟି ହଲ୍ ତଳେ ଏକ ବନ୍ଦ ମେଟ୍ରୋ ଷ୍ଟେସନରେ ମମ୍‌ଦାନୀ ଶପଥ ଗ୍ରହଣ କରିଥିଲେ। ଏହା ଏକ ବ୍ୟକ୍ତିଗତ ସମାରୋହ ଥିଲା ଏଥିରେ ମମ୍‌ଦାନୀଙ୍କର ପରିବାର ସଦସ୍ୟ ଯୋଗ ଦେଇଥିଲେ। ଏହାପରେ ଅପରାହ୍ଣରେ ଏକ ସାର୍ବଜନୀନ ଶପଥ ଗ୍ରହଣ ଉତ୍ସବ ଆୟୋଜନ ହୋଇଥିଲା। ମମ୍‌ଦାନୀ ଦୁଇଟି କୋରାନ ଉପରେ ହାତ ରଖି ଶପଥ ଗ୍ରହଣ କରିଥିଲେ। ଏହି ଦୁଇଟି କୋରାନ ମଧ୍ୟରୁ ଗୋଟିଏ ତାଙ୍କ ଜେଜେବାପାଙ୍କର ଥିଲା ଓ ଅନ୍ୟଟି ଏକ ଛୋଟ ପକେଟ ଆକାରର କୋରାନ ଥିଲା। ପକେଟ ଆକାରର କୋରାନ ୧୮ ତମ ଶତାବ୍ଦୀର ଶେଷ କିମ୍ବା ୧୯ଶ ଶତାବ୍ଦୀ ପ୍ରାରମ୍ଭର ବୋଲି କୁହାଯାଇଛି। ଏହା ନ୍ୟୁୟର୍କ ପବ୍ଲିକ ଲାଇବ୍ରେରୀ ସ୍କୋମବର୍ଗ ସେଣ୍ଟର ଫର ରିସର୍ଚ୍ଚ ଇନ୍ ବ୍ଲାକ କଲଚର ସଂଗ୍ରହର ଏକ ଅଂଶ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ମମ୍‌ଦାନୀ ନଭେମ୍ବର ୪ରେ ନ୍ୟୁୟର୍କ ସିଟି ମେୟର ନିର୍ବାଚନରେ ବିଜୟ ଲାଭ କରି ଇତିହାସ ସୃଷ୍ଟି କରିଥିଲେ। ଗତ ୧୦୦ ବର୍ଷର ଇତିହାସରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଓ ପ୍ରଥମ ମୁସ୍‌ଲିମ ମେୟର ଭାବେ ନିର୍ବାଚିତ ହୋଇ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲେ। ମମ୍‌ଦାନୀ ଭାରତୀୟ ମହିଳା ଫିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ। ତାଙ୍କ ପିତା ହେଉଛନ୍ତି ଜଣେ ଭରାତୀୟ- ଉଗାଣ୍ଡା ଶିକ୍ଷାବିତ ଓ ରାଜନୈତକ ସମାଲୋଚକ। ସେ ଜଣେ ପ୍ରଫେସର ଭାବେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଆଫ୍ରିକୀୟ ଅଧ୍ୟୟନର ପ୍ରଫେସର।



## ୟେମେନରୁ ସୈନ୍ୟ ପ୍ରତ୍ୟାହାର କରିବ ୟୁଏଇ

ଆବୁଧାବି, ୧।୧(ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ୟେମେନରୁ ତା'ର ସୈନ୍ୟ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। ଏଥିସହ ୟେମେନରେ ଚାଲିଥିବା ଆତଙ୍କବାଦୀ ବିରୋଧୀ ଅଭିଯାନକୁ ସମାପ୍ତ କରୁଛି ବୋଲି ୟୁଏଇ ସ୍ପଷ୍ଟ କରିଛି। ୟେମେନରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଦକ୍ଷିଣ ଟ୍ରାଞ୍ଜିସନାଲ କାଉନସିଲ (ଏସ୍‌ଟିସି)କୁ ୟୁଏଇ ସମର୍ଥନ କରୁଛି ବୋଲି ସାଉଦି ଆରବ ଅଭିଯୋଗ କରିଥିବା ବେଳେ ଏପରି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୨୪ ଘଣ୍ଟା ମଧ୍ୟରେ ୟୁଏଇ ତା'ର ସନ୍ୟ ପ୍ରତ୍ୟାହାର କରିବାକୁ ୟେମେନର ସରକାର କହିଥିଲା। ଏହାକୁ ସାଉଦି ଆରବ ମଧ୍ୟ ସମର୍ଥନ କରିଥିଲା। ମଙ୍ଗଳବାର ସାଉଦି ନେତୃତ୍ୱାଧୀନ ଏକ ମିଳିତ ସଂଗଠନ ୟେମେନର ମୁକାଲ୍ଲା ବନ୍ଦର ଉପରେ ଆକ୍ରମଣ କରିଥିଲା। ସାଉଦି ଆରବ ଦାବି କରିଥିଲା ଯେ, ମୁକାଲ୍ଲା ବନ୍ଦରରେ ପହଞ୍ଚିଥିବା ଜାହାଜ ୟୁଏଇରୁ ଅସ୍ତ୍ରଶସ୍ତ୍ର ନେଇ ଆସୁଥିଲା। ଏହି ଅସ୍ତ୍ରଶସ୍ତ୍ର ଦକ୍ଷିଣ ୟେମେନରେ ସକ୍ରିୟଥିବା ଏକ ବିଚ୍ଛିର୍ଣ୍ଣତାବାଦୀ ଗୋଷ୍ଠୀ ଦକ୍ଷିଣ ଟ୍ରାଞ୍ଜିସନାଲ କାଉନସିଲ (ଏସ୍‌ଟିସି)କୁ ଯୋଗାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ସାଉଦି ଆରବ ଦାବି କରିଛି। ଏସଟିସି ପୂର୍ବରୁ ୟେମେନ ସରକାରଙ୍କ ସହ ହୁତୀ ବିଦ୍ରୋହୀଙ୍କ ବିରୋଧରେ ଲଢ଼େଇ କରିଥିଲା। କିନ୍ତୁ ଏହି ମାସରେ ସାଉଦି ସମର୍ଥିତ ସରକାରୀ ବାହିନୀ ବରୋଧରେ ଏହା ଅଭିଯାନ ଆରମ୍ଭ କରିଛି।

# ଇନ୍ଦୋରରେ ଦୂଷିତ ପାଣି ନେଲାଣି ୧୪ ଜୀବନ

ଇନ୍ଦୋର, ୧।୧(ଏଜେନ୍ସି): ଦେଶର ସବୁଠାରୁ ସ୍ୱଚ୍ଛ ସହର ରୂପେ ପରିଚିତ ମଧ୍ୟପ୍ରଦେଶର ଇନ୍ଦୋରର ଭାଗୀରଥପୁରାରେ ଦୂଷିତ ପାଣି ପିଇ ୧୪ ଜଣ ଲୋକ ପ୍ରାଣ ହରାଇଲେଣି। ୧୪୦୦ରୁ ଅଧିକ ଲୋକ ମଧ୍ୟ ସଂକ୍ରମିତ ହେଲେଣି। ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ନେ୍କ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ସଂକ୍ରମଣ ବ୍ୟାପିବାରେ ଲାଗିଛି। ଦୂଷିତ ପାଣି ପିଇ ୧୪୦୦ ଲୋକ ସଂକ୍ରମିତ ହୋଇଛନ୍ତି ବୋଲି ଜଣାପଡ଼ିଛି। ୧୬୨ଜଣ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ୨୭ଟି ସରକାରୀ ଓ ଘରୋଇ ହସ୍ପିଟାଲରେ ପୀଡିତଙ୍କ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ ଯେ ଖରଗୋନ ଜିଲ୍ଲାର ଜାଲୁଦ୍‌ରୁ ନର୍ମଦା ନଦୀର ପାଣି ଇନ୍ଦୋରରେ ବ୍ୟବହାର କରାଯାଇଥାଏ।




ଇନ୍ଦୋର ମ୍ୟୁନିସପାଲ କର୍ପୋରେସନ (ଆଇଏମ୍‌ସି) କମିସନର ଦିଲୀପ କୁମାର ଯାଦବ କହିଛନ୍ତି ଯେ, ମୁଖ୍ୟ ଜଳ ଯୋଗାଣରେ ଏକ ଲିକେଜ୍ ଚିହ୍ନଟ ହୋଇଛି। ଭାଗିରଥୀପୁରାରେ ପାଇପଲାଇନ୍ ଉପରେ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏହା ପାନୀୟ ଜଳକୁ ପ୍ରଦୂଷଣ କରିଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଆଇଏମ୍‌ସି ଏବେ ପାଣି ପାଇପ ଲାଇନକୁ ଫ୍ଲସ କରୁଛି। ଶୁକ୍ରବାର ପର୍ଯ୍ୟନ୍ତ ଟ୍ୟାପ ପାଣି ବ୍ୟବହାର ନ କରିବାକୁ ସମସ୍ତଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତରେ ମଧ୍ୟପ୍ରଦେଶ ହାଇକୋର୍ଟର ଇନ୍ଦୋର ବେଞ୍ଚ୍ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ସ୍ୱଚ୍ଛ ଜଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଣି ଦୂଷିତ ପାଣି ପାନ କରି ବାନ୍ତି, ଝାଡାରେ ପୀଡିତ ହୋଇଥିବା ସଂକ୍ରମିତ ପୀଡିତଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାକୁ କହିଛନ୍ତି। ଶୁକ୍ରବାର ସୁଦ୍ଧା ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟରେ ପ୍ରଭାବିତ ଲୋକଙ୍କ ସଂଖ୍ୟା, ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପୀଡିତଙ୍କ ସଂଖ୍ୟା ଓ ଯୋଗାଇ ଦିଆଯାଇଥିବା ଚିକିତ୍ସା ସେବା ଅନ୍ତର୍ଭୁକ୍ତ। ଇତିମଧ୍ୟରେ ଆଜି ସକାଳେ ବିଭାଗୀୟ ମନ୍ତ୍ରୀ କୈଳାଶ ବିଜୟବର୍ଗୀୟ ଭାଗୀରଥପୁରା ଅଞ୍ଚଳରେ ପହଞ୍ଚି ୭ଜଣ ମୃତକଙ୍କ ପରିବାରକୁ ୨-୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପରିବାର ଲୋକେ ମନ୍ତ୍ରୀଙ୍କ ଉପସ୍ଥିତିରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ ଓ ଚେକ୍ ଆବଶ୍ୟକ ନାହିଁ ବୋଲି କହିଥିଲେ।







ନୂଆବର୍ଷର ପ୍ରଥମ ସୂର୍ଯ୍ୟୋଦୟ ଦେଖିବାକୁ ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼

# ନୂଆବର୍ଷରେ ଶ୍ରୀକ୍ଷେତ୍ର ଲୋକାରଣ୍ୟ

- ମହାପ୍ରଭୁଙ୍କ ଆଶିଷ ନେଇ ବର୍ଷ ଆରମ୍ଭ କଲେ
- ସଅଳ ନୀତିକାନ୍ତି, ଶୀଘ୍ର ବାହାରିଲା ମହାପ୍ରସାଦ
- ବଡ଼ଦେଉଳ, ବଡ଼ଦାଣ୍ଡ ଓ ବେଳାଭୂମି ସବୁଠି ଗହଳି

ପୁରୀ,୧।୧(ସମିସ): ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଦେଉ। ପ୍ରତ୍ୟେକଙ୍କ ପାଇଁ ନୂଆ ଆଶା ଓ ସମ୍ଭାବନା ଆଣୁ। ବର୍ଷ ୨୦୨୬ର ପ୍ରଥମ ଦିନରେ ଦାରୁବିଗ୍ରହଙ୍କୁ ଦର୍ଶନ କରି ଏମିତି କୃପାଭିକ୍ଷା କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ନୂଆବର୍ଷ ପାଇଁ ଗୁରୁବାର ଶ୍ରୀକ୍ଷେତ୍ର ପାଲଟିଥିଲା ଜନସମୁଦ୍ର। ଜୟ ଜଗନ୍ନାଥ ଧ୍ୱନିରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ବଡ଼ଦାଣ୍ଡ ହେଉ କି ବଡ଼ଦେଉଳ ଅବା ବେଳାଭୂମି ସବୁଠି ଭକ୍ତ ଓ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଥିଲା। ବୁଧବାର ରାତିରୁ ଗୁରୁବାର ଦିନତମାମ୍ ଭକ୍ତଙ୍କ ଗହଳିରେ ଉଚ୍ଛୁଳି ପଡୁଥିଲା ବଡ଼ଦାଣ୍ଡ। ଚଳଚଞ୍ଚଳ ହୋଇପଡିଥିଲା ଆଧ୍ୟାତ୍ମିକ ଓ ପର୍ଯ୍ୟଟନର ସହର ପୁରୀ। ମହାପ୍ରଭୁଙ୍କ ଦର୍ଶନ ପାଇଁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ଧାଡି। ଅନୁକୂଳ ପାଗ ସାଙ୍ଗକୁ ବର୍ଷର ପ୍ରଥମ ଦିନରେ ବିଶ୍ୱନିୟନ୍ତାଙ୍କ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରରେ ପ୍ରାୟ ୪ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। ବେଳାଭୂମିରେ ପହିଲି ସୂର୍ଯ୍ୟ ଏବଂ ରତ୍ନସିଂହାସନରେ ଦାରୁବିଗ୍ରହଙ୍କୁ ଦର୍ଶନ କରି ନୂଆବର୍ଷ ଆରମ୍ଭ କରିଛନ୍ତି ଶ୍ରଦ୍ଧାଳୁ।

ଏଥର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ସବୁଠୁ ଅଧିକ ଗୁରୁତ୍ୱ ଦେଇଥିଲେ ସରକାର ଏବଂ ପ୍ରଶାସନ। ଭକ୍ତମାନେ କିପରି ଭଲ ଅନୁଭୂତି ନେଇ ଫେରିବେ ସେଥିଲାଗି ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଥିଲେ। ବୁଧବାର ରାତି ୧୦ଟା ୨୫ରେ ଶ୍ରୀମନ୍ଦିରରେ ପହୁଡ଼ ହୋଇଥିଲା। ୩ ଘଣ୍ଟା ୩୦ ମିନିଟ୍ ଶୋଇଥିଲେ ଠାକୁର। ରାତି ୧ଟା ୫୫ରେ ଦ୍ୱାର ଫିଟି ଥିଲା। ୨ଟା ୪୦ରେ ମଙ୍ଗଳ ଆଳତି ହୋଇ ଗୁରୁବାର ସକାଳ ୬ଟା ସୁଦ୍ଧା ପହଲି ଭୋଗ ନୀତି ବଢିଥିଲା। ୭ଟା ୪୫ରେ ସକାଳ ଧୂପ, ପୂର୍ବାହ୍ନ ୧୦ଟା ୨୦ରେ ଭୋଗମଣ୍ଡପ ସରି ଧାର୍ଯ୍ୟ ସମୟ ପୂର୍ବରୁ ବାହାରିଥିଲା ମହାପ୍ରସାଦ। ମଧ୍ୟାହ୍ନ ୧୨ଟା ୫ରେ ମଧ୍ୟାହ୍ନ ଧୂପ ସରି ୧୨ଟା ୧୫ରେ ଦ୍ୱିତୀୟ ଭୋଗମଣ୍ଡପ ବଢିଥିଲା। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ବଗଲା ଧର୍ମଶାଳାଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଶେଡ୍ କରାଯାଇଥିଲା। ଭକ୍ତଙ୍କ ପାଇଁ ପାନୀୟ ଜଳ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା କରାଯାଇଥିଲା। ତେବେ ରାତି ୨ଟାରେ ଦ୍ୱାରଫିଟିବା ଲାଗି ଆପାତତଃ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଦର୍ଶନ ପାଇଁ ବୁଧବାର ରାତି ୧୨ଟା ପୂର୍ବରୁ ଭକ୍ତମାନେ ଆସି ଧାଡିରେ ଠିଆ ହୋଇଥିଲେ। ଏପରି କି ରାତି ୨ଟା ବେଳକୁ ଧାଡି ମାର୍କେଟ ଛକ ଡେଇଁ ଯାଇଥିଲା। ୧ଟା ୫୫ରେ ଦ୍ୱାର ଫିଟିବା ପରେ ଭିତର ଶୋଧ ଓ ମଙ୍ଗଳ ଆଳତି ପରେ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରୁଥିଲେ। ବାଇଶି ପାହାଚ, କୀର୍ତ୍ତନ ଚକଡା, ସାତପାହଚ ଦେଇ ବାହାରକାଠରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଏହାପରେ ବେଢା ପରିସର ବିଭିନ୍ନ ମନ୍ଦିରକୁ ଯାଇ ଦର୍ଶନ କରି ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରୁଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବାହାରୁ ପୁଲିସ ମାନବ ଶୃଙ୍ଖଳ ସହ ଦଫା ଦଫା କରି ଭକ୍ତଙ୍କୁ ଭିତରକୁ ଛାଡୁଥିଲା। କିନ୍ତୁ ଭିଡ଼ ଅଧିକ ଥିବାରୁ ପୁଲିସ କର୍ମଚାରୀଙ୍କୁ ଗହଳି ନିୟନ୍ତ୍ରଣ ପାଇଁ ନାକେଦମ ହେବାକୁ ପଡିଥିଲା। ଭୋରୁ ଧାଡି ବଳଗଣ୍ଡି ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ଦର୍ଶନରେ ପୁଲିସ ଏବଂ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ନୀତି ସଅଳ ସାଙ୍ଗକୁ ମହାପ୍ରସାଦ ଶୀଘ୍ର ବାହାରିଥିଲା। ଭକ୍ତମାନେ ଆନନ୍ଦରେ ମହାପ୍ରସାଦ ପାଇ ଖୁସି ହୋଇଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ଲାଗି ୭୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

# ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ

- ଡିକେ ସିଂ ନୂଆ ଉନ୍ନୟନ କମିସନର ନିଯୁକ୍ତ
- ହେମନ୍ତ ଶର୍ମାଙ୍କୁ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ
- ରାଜସ୍ୱ ପର୍ଷଦ ସଦସ୍ୟ ହେଲେ ସତ୍ୟବ୍ରତ ସାହୁ
- ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ମଧୁମିତା ରଥ ହେଲେ ନୟାଗଡ଼ ଜିଲ୍ଲାପାଳ

ଭୁବନେଶ୍ୱର,୧।୧(ସମିସ): ନୂଆ ବର୍ଷରେ ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟ ଶାସନ ଭାବେ ଅନୁ ଗର୍ଗ ଦାୟିତ୍ୱ ନେବା ପରେ ତାଙ୍କ ସ୍ଥାନରେ ନୂତନ ଉନ୍ନୟନ କମିସନର ଭାବେ ଦେଓ ରଞ୍ଜନ କୁମାର (ଡିକେ) ସିଂଙ୍କୁ ନିଯୁକ୍ତି ମିଳିଛି। ଗୁରୁବାର ଏନେଇ ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ଗହ୍ମ ବିଭାଗ ଓ ଜଙ୍ଗଲ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଥିବା ୧୯୯୧ ବ୍ୟାଚ୍ ଆଇଏଏସ୍ ସତ୍ୟବ୍ରତ ସାହୁଙ୍କୁ କଟକସ୍ଥିତ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କୁ ଉନ୍ନୟନ କମିସନର ତଥା ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି। ତେବେ ତାଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପିରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ କୁହାଯାଇଛି। ସେହିପରି ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ଶର୍ମା ବର୍ତ୍ତମାନ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ସହ ଇପିକଲ୍‌ର ଅଧ୍ୟକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କୁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସମବାୟ ବିଭାଗ କମିସନତ ତଥା ସଚିବ ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ଏସ୍‌ଆରସି ଭାବେ ଅତିରିକ୍ତ ଦାୟିତ୍ୱ ସହ ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ମଧୁମିତା ରଥଙ୍କୁ ନୟାଗଡ଼ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି। ସେହିପରି ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଗଜପତି ଜିଲ୍ଲାପାଳ ଭାବେ ବଦଳି କରାଯାଇଛି।

# ନୂଆବର୍ଷ ସକାଳକୁ ଗିଳିଦେଲା କୁହୁଡ଼ି



- ପୂର୍ବାହ୍ନ ୧୧ଯାଏ ରାଜଧାନୀ ଅନ୍ଧାର
- ଘନକୁହୁଡ଼ିରେ ଦିଶିଲାନି ମୁହଁକୁ ମୁହଁ
- ଡିସେମ୍ବରରେ ସବୁଠୁ ଅଧିକ କୁହୁଡ଼ି
- ଜାନୁଆରୀରେ ବି ଜାରି ରହିବ ଶୀତ

ଭୁବନେଶ୍ୱର,୧।୧(ସମିସ): ନୂଆବର୍ଷର ପ୍ରଥମ ଦିନ (ଗୁରୁବାର) ସକାଳକୁ ଗିଳିଦେଲା ଘନ କୁହୁଡ଼ି। ପୂର୍ବାହ୍ନ ୧୧ଟା ଯାଏଁ କୁହୁଡ଼ିର ଚଦରରେ ଢାଙ୍କି ହୋଇଗଲା ସାରା ଓଡ଼ିଶା। ବୁଧବାର ରାତିରୁ ରାଜ୍ୟର ଅଧିକାଂଶ ସ୍ଥାନରେ କୁହୁଡ଼ି ଆରମ୍ଭ ହୋଇ ଗୁରୁବର ଦିନ ପ୍ରାୟ ୧୦ ଟା ପର୍ଯ୍ୟନ୍ତ ଲାଗି ରହିଥିଲା। କୁହୁଡ଼ିର ପ୍ରଭାବ ଏତେ ଅଧିକ ରହିଥିଲା ଯେ ଅନେକ ସ୍ଥାନରେ ମୁହଁକୁ ମୁହଁ ଦିଶୁ ନ ଥିଲା। ୨-୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଥିଲେ ମଧ୍ୟ ଗୁରୁବାର ସକାଳୁ ଏହାର ବାସ୍ତବତା ଯୋଗୁଁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି।

ଅନ୍ୟପଟେ ଆଇଏମ୍‌ଡି ସୂଚନା ଅନୁଯାୟୀ, ଗତ ଡିସେମ୍ବର ମାସରେ ଦେଶରେ ଓଡ଼ିଶାରେ ସବୁଠୁ ଅଧିକ ଦିନ କୁହଡ଼ି ଅନୁଭୂତ ହୋଇଛି। ଓଡ଼ିଶାରେ ୩୧ ଦିନ ମଧ୍ୟରୁ ମୋଟ୍ ୨୬ ଦିନ କୁହୁଡ଼ି ଅନୁଭୂତ ହୋଇଛି। ଓଡ଼ିଶା ତଳକୁ ଆସାମ, ମେଘାଳୟ ଓ ହିମାଚଳ ପ୍ରଦେଶ ରହିଛି। ଏଠାରେ ୨୩ ଦିନ ଲେଖାଏଁ କୁହୁଡ଼ି ହୋଇଥିବା ବେଳେ ପୂର୍ବ ଉତ୍ତର ପ୍ରଦେଶରେ ୨୨ ଦିନ କୁହୁଡ଼ି ଅନୁଭୂତ ହୋଇଛି। ଓଡ଼ିଶାରେ ଅନୁଭୂତ ହୋଇଥିବା କୁହୁଡ଼ି ଦିନ ସଂଖ୍ୟା ମଧ୍ୟରେ ରାଉରକେଲାରେ ସର୍ବାଧିକ ଦିନ କୁହୁଡ଼ି ଅନୁଭୂତ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ମୁଖ୍ୟତଃ ନିର୍ମଳ ଆକାଶ ରହୁଛି। ଏହାସହ ଗୁରୁଚାପ ବଳୟର ପ୍ରଭାବ ମଧ୍ୟ ଓଡ଼ିଶା ଉପରେ ରହୁଥିବା ବେଳେ ରାଜ୍ୟକୁ କିଛି କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ରହୁଛି। ଏହି ସବୁ କାରଣ ପାଇଁ ରାଜ୍ୟରେ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି।


ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆହୁରି ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଆଶଙ୍କା ରହିଛି। ଶୁକ୍ରବାର ସନ୍ଧ୍ୟାରୁ ଶନିବାର ସକାଳ ମଧ୍ୟରେ ଜଗତସିଂହପୁରରେ ଅତି ଘନ କୁହୁଡ଼ି ଆଶଙ୍କା ସହ ପୁରୀ, କେନ୍ଦ୍ରାପଡ଼ା, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, ନୟାଗଡ଼, ଖୋର୍ଦ୍ଧା ଓ ଗଜପତି ଜିଲ୍ଲାରେ ଘନ କୁହୁଡ଼ି ନେଇ ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି।

ଅନ୍ୟପଟେ ନଭେମ୍ବର, ଡିସେମ୍ବର ପରେ ଜାନୁଆରୀରେ ମଧ୍ୟ ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେବ। ଆଇଏମ୍‌ଡି ପକ୍ଷରୁ ଜାନୁଆରୀ ମାସ ପାଇଁ ତାପମାତ୍ରା ଆକଳନ କରାଯାଇ କୁହାଯାଇଛି, ଜାନୁଆରୀରେ ରାଜ୍ୟରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ଏଥିପାଇଁ ରାଜ୍ୟରେ ପ୍ରବଳ ଶୀତ ଜାରି ରହିବ। ଅନ୍ୟପଟେ ଜାନୁଆରୀ ପ୍ରଥମ ସପ୍ତାହରେ କିଛି ମାତ୍ରାରେ ଶୀତ କମିଲେ ମଧ୍ୟ ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ଦୃଷ୍ଟାନ୍ତମୂଳକ ଭାବେ ତାପମାତ୍ରା ହ୍ରାସ ପାଇବ। ଫଳରେ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ରାଜ୍ୟରେ ଶୀତ ଲହରୀ ଅନୁଭୂତ ହେବା ନେଇ ଆକଳନ କରାଯାଇଛି।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ନବନିଯୁକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ




ଭୁବନେଶ୍ୱର,୧।୧(ସମିସ): ନବବର୍ଷର ପ୍ରଥମ ଦିନରେ ଆଜି ଓଡ଼ିଶାର ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଲୋକଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟପାଳଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ସାମଗ୍ରିକ ପ୍ରଗତି ପାଇଁ ପ୍ରମୁଖ ପ୍ରଶାସନିକ ପ୍ରାଥମିକତା, ଜାରି ରହିଥିବା ବିକାଶମୂଳକ ପଦକ୍ଷେପ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ପ୍ରଭାବଶାଳୀ ଶାସନ ସୁନିଶ୍ଚିତ କରିବା ପାଇଁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ସୁଗମ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା। ଏହି ଲକ୍ଷ୍ୟ ହାସଲ ପାଇଁ ଦଳଗତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ ଆଗାମୀ ବର୍ଷରେ ନିରନ୍ତର ବିକାଶ ଓ ଓଡ଼ିଶାବାସୀଙ୍କ ମଙ୍ଗଳ ଉପରେ ଗୁରୁତ୍ୱାରୋପ କରିଥିଲେ।



# ତାଳପତ୍ରରେ ଜୀବନ୍ତ ହେଉଛି ୫୦୦ ବର୍ଷର ଐତିହ୍ୟ

## ଲୁପ୍ତପ୍ରାୟ ପୋଥି ଲେଖନ କଳାର ପୁନରୁଦ୍ଧାର କରୁଛନ୍ତି ଅମିୟ



ମାହାଙ୍ଗା,୧।୧(ସମିସ): ଆଧୁନିକତାର ଚକାଚକ ମଧ୍ୟରେ ଯେତେବେଳେ ଆମର ପ୍ରାଚୀନ କଳା ଓ ସଂସ୍କୃତି ବିଲୁପ୍ତ ହେବାକୁ ବସିଛି, ସେତିକିବେଳେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଉଷୁମା ଗ୍ରାମର ଅମିୟ ପ୍ରସାଦ ମହାପାତ୍ର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଦୀର୍ଘ ୫୦୦ ବର୍ଷ ତଳର ତାଳପତ୍ର ପୋଥି ଲେଖନ କଳାକୁ ପୁନର୍ଜୀବିତ କରିବା ପାଇଁ ସେ ଗତ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ମହାପୁରୁଷମାନଙ୍କ ଦ୍ୱାରା ପ୍ରଣୀତ ଗୀତା, ମହାଭାରତ, ଭାଗବତ ଓ ମାଳିକା ଭଳି ଅମୂଲ୍ୟ ଗ୍ରନ୍ଥଗୁଡ଼ିକୁ ସେ ନିଜ ଜେଜେବାପାଙ୍କ ଅମଳର ପାରମ୍ପରିକ ଲେଖନୀ ସାହାଯ୍ୟରେ ତାଳପତ୍ରରେ ପୁନଃ ଲିପିବଦ୍ଧ କରୁଛନ୍ତି। ଏହି କଠିନ ସାଧନା ମଧ୍ୟରେ ସେ ଶ୍ରୀମଦ୍ ଭାଗବତ, ଗୀତଗୋବିନ୍ଦ ଓ ରାମାୟଣ ଭଳି ଅନେକ ଗ୍ରନ୍ଥ ସମାପ୍ତ କରିବା ପରେ ଏବେ ବଳରାମ ଦାସଙ୍କ "ବ୍ରହ୍ମ ପୁରାଣ' ଲେଖିବାରେ ମଗ୍ନ ଅଛନ୍ତି। ପୋଥି ପ୍ରସ୍ତୁତିର ପ୍ରକ୍ରିୟା ଅତ୍ୟନ୍ତ ଧୈର୍ଯ୍ୟସାଧ ଓ ବୈଜ୍ଞାନିକ। ଅମିୟ ପ୍ରଥମେ ତାଳଗଛରୁ ଉନ୍ନତମାନର ମଞ୍ଜି ପତ୍ର ସଂଗ୍ରହ କରି ତାକୁ ପାଗ କରିବା ପାଇଁ ପ୍ରାୟ ୧୫ ରୁ ୩୦ ଦିନ ପର୍ଯ୍ୟନ୍ତ ପଙ୍କ ବା ପୋଖରୀ ପାଣିରେ ବୁଡ଼ାଇ ରଖନ୍ତି। ପତ୍ରଟି ନରମ ଓ ଲେଖିବା ଉପଯୋଗୀ ହେବା ପରେ ଏହାକୁ ଆବଶ୍ୟକୀୟ ଆକାରରେ କାଟି ମଝିରେ ଛିଦ୍ର କରାଯାଏ ଏବଂ ବାଉଁଶ ବତା ବା କାଠ ପଟା ସାହାଯ୍ୟରେ ପୋଥି ଆକାରରେ ବନ୍ଧାଯାଏ। କେବଳ ପୋଥି ଲେଖିବା ନୁହେଁ, ବରଂ ଅନ୍ୟମାନଙ୍କ ପାଖରେ ଥିବା ପୁରୁଣା ଓ ନଷ୍ଟ ହେବାକୁ ବସିଥିବା ଗ୍ରନ୍ଥଗୁଡ଼ିକୁ ମଧ୍ୟ ସେ ସଂଗ୍ରହ କରି ସୁରକ୍ଷିତ ରଖୁଛନ୍ତି। ତାଙ୍କର ଏହି ନିଶା ଓ ଭଗବତ୍ ଭକ୍ତି ଯୋଗୁଁ ସେ ୨୦୨୫ ମସିହା ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ଭାଗବତ ମେଳଣରେ ୨୭ ଜଣ ଗାଦୀଶ୍ୱରଙ୍କୁ ନିଜ ହାତଲେଖା "ଶ୍ରୀ ଗୀତଗୋବିନ୍ଦ' ପୋଥି ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପୋଥି ଲେଖନ ବ୍ୟତୀତ ଅମିୟ ଜଣେ ସୁସାହିତ୍ୟିକ ଓ ପ୍ରବଚକ ଭାବେ ମଧ୍ୟ ବେଶ୍ ପରିଚିତ। ସେ ଗୋସ୍ୱାମୀ ତୁଳସୀଦାସଙ୍କ "ଶ୍ରୀ ରାମଚରିତମାନସ'କୁ ଓଡ଼ିଆ ନବାକ୍ଷରି ଛନ୍ଦରେ ଅନୁବାଦ କରୁଥିବା ବେଳେ ତାଙ୍କର "ମାନସ ନବାକ୍ଷରି' (ସୁନ୍ଦରାକାଣ୍ଡ) ପୁସ୍ତକଟି କଟକର ଶ୍ରୀ ତାରିଣୀ ପ୍ରେସ୍‌ରେ ପ୍ରକାଶିତ ହୋଇସାରିଛି। ଗ୍ରାମାଞ୍ଚଳରେ ହଜିଯାଉଥିବା ଭଗବତ ଟୁଙ୍ଗିର ପରମ୍ପରାକୁ ପୁନର୍ଜୀବିତ କରିବା ଏବଂ ଯୁବପିଢ଼ିଙ୍କୁ ନିଜ ଐତିହ୍ୟ ସହ ଯୋଡ଼ିବା ପାଇଁ ତାଙ୍କର ଏହି ନିଷ୍ଠାପର ଉଦ୍ୟମ ଅଞ୍ଚଳବାସୀଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି। ଓଡ଼ିଆ ଭାଷାର ଅସ୍ମିତା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଅମିୟଙ୍କ ଏହି ଲେଖନୀ ଚାଳନା ଆଗାମୀ ଦିନରେ ଏକ ଆଲୋକବର୍ତ୍ତିକା ସଦୃଶ କାର୍ଯ୍ୟ କରିବ।

ସକାଳ
THE SAKALA



# ବରିଷ୍ଠ ନାଗରିକ ମଞ୍ଚର ସମ୍ମିଳନୀ

ସିଂହପୁର,୧।୧ (ସମିସ):



ବରିଷ୍ଠ ନାଗରିକ ମଞ୍ଚ ସିଂହପୁରର ସଭାପତି ଇଂ. ପଦ୍ମନାଭ ଦାଶଙ୍କ ଅଧ୍ୟକ୍ଷତାରେ ଆଜି ସିଂହପୁର ଏମ୍‌ଡିଏନ୍ ବିଦ୍ୟାଳୟ ପରିସରରେ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଖରସ୍ରୋତା ଅବବାହିକାର ୮୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଏହି ସମ୍ମିଳନୀରେ ଭାଗ ନେଇଥିଲେ। ଏହି ଅବସରରେ ଏମ୍‌ଡିଏନ୍ ପବ୍ଲିକ୍ ସ୍କୁଲ୍ ପକ୍ଷରୁ ଚଳିତ ବର୍ଷ ଯୁକ୍ତ ଦୁଇ କୋଚିଂ ସେଣ୍ଟର ସହ ରେସିଡେନ୍ସିଆଲ ବିଦ୍ୟାଳୟ ଖୋଲିବା ଉପଲକ୍ଷେ ବିଶିଷ୍ଟ ଶିକ୍ଷାବିତ୍ ଉଦୟ ନାରାୟଣ ପରିଡ଼ା ଓ ଇଞ୍ଜିନିୟର୍ ଶ୍ରୀ ଦାଶ ଉଦ୍‌ଘାଟନ କରିଥିଲେ। ସନ୍ତୋଷ କୁମାର ବେହୁରିଆ ଭଜନ ପରିବେଷଣ କରିଥିବା ବେଳେ ଶିକ୍ଷାବିତ୍ ଗଦାଧର ପଢିଆରିଙ୍କ କବିତା ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲା। ନାରାୟଣ ଚନ୍ଦ୍ର ଦାସ ମନ୍ତ୍ର ପାଠ କରିଥିଲେ। ବରିଷ୍ଠ ନାଗରିକ ନିରଞ୍ଜନ ଦାସ, ସୁବାସ ଚନ୍ଦ୍ର ପ୍ରଧାନ, ଶରତ କୁମାର ନାୟକ, ପ୍ରଦୀପ କୁମାର ଜେନା, ମେଘନାଦ ମହାଳିକ, କୃଷ୍ଣଚନ୍ଦ୍ର ବେହେରା, ଅକ୍ଷୟ କୁମାର ସାମଲ, କୃଷ୍ଣ ଚନ୍ଦ୍ର ଥାଟୋଇ, ଚନ୍ଦ୍ରମଣି ଦାସ, ପୁରୁଷୋତ୍ତମ ବେହେରା, କ୍ଷୀରୋଦ କୁମାର ବେହେରା, ଦେବେନ୍ଦ୍ର କୁମାର ସାମଲ, ପଦ୍ମ ଚରଣ ଧଳ, ଗୋଲକ ଚନ୍ଦ୍ର ଦାସ, ଘନଶ୍ୟାମ ଦାସ୍, ବିଷ୍ଣୁଚରଣ ବେହେରା, ଗୁରୁଚରଣ ଥାଟୋଇ, କଳାକାର ପାତ୍ର, ଅବନେନ୍ଦ୍ର ବେଉରିଆ, ଅମ୍ବିକା ସାମଲ, ଶ୍ୟାମସୁନ୍ଦର ସାମଲ, ରମାକାନ୍ତ ସାମଲ, ଭରତ ଚନ୍ଦ୍ର ଥାଟୋଇ, କୀର୍ତ୍ତନ ବିହାରୀ ସାମଲ, ମୀନକେତନ ସାମଲ, ଅଶୋକ କୁମାର ପଣ୍ଡା, ବଂଶଧର ବେହେରା. ନିରଞ୍ଜନ ଥାଟୋଇ, ରତ୍ନାକର ସାମଲ, ଅର୍ଜୁନ ଚରଣ ଦାଶ, କୃଷ୍ଣଚନ୍ଦ୍ର ଭୂୟାଁ, ଅଭୟ ବିଶ୍ୱାଳ, ଅମିୟ ବିଶ୍ୱାଳ, ନିତ୍ୟାନନ୍ଦ ସାମଲ ପ୍ରମୁଖ ସଂଯୋଜନା କରିଥିଲେ।

# ବରୁଣେଇ ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

ପ୍ରୀତିପୁର, ୧।୧(ସମିସ): ବରୁଣେଇ ବରିଷ୍ଠ ନାଗରିକ ସଂଘର ୨୦୨୫ର ବାର୍ଷିକ ଉତ୍ସବ ଓ ସାଧାରଣ ସଭା ସଂଘର ସ୍ଥାୟୀ କାର୍ଯ୍ୟାଳୟ ଫତେପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବଟକୃଷ୍ଣ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତଲ ସଭା ଆରମ୍ଭରେ ଅତିଥି ବୃନ୍ଦ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ବନମାଳୀ ପତି ବେଦ ପାଠ କରିଥିଲେ ଓ କୃପାସିନ୍ଧୁ ପତି ମା' ବରୁଣେଇଙ୍କ ସ୍ତୁତି ଗାନ କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଇତିମଧ୍ୟରେ ସଂଘ ସଦସ୍ୟଙ୍କ ମଧ୍ୟରୁ ଦେହାବସାନ ଘଟିଥିବା ଦିବଂଗତ ସଦସ୍ୟଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ନାଗରିକ ସଂଘ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଅଜୟ ଓଝା, ଦେବପ୍ରସାଦ ସାମଲ, ରାଧାକାନ୍ତ ସାହୁ ଓ କାର୍ଯ୍ୟକାରୀ ସଭାପତି ଶ୍ରୀଧର ସାହୁଙ୍କ ସମେତ ରବିନାରାୟଣ ସାମଲ, ସୁରେନ୍ଦ୍ର ପତି, ପ୍ରମୋଦ ସାମଲ, ସଚିଦାନନ୍ଦ ଗୁରୁ, ସୁଧୀର ଆଶ୍ଚର୍ଯ୍ୟ, ସରୋଜ ମଲ୍ଲିକ, ନିରଞ୍ଜନ ସାମଲ, ନରେନ୍ଦ୍ର ବାରିକ, ଅର୍ଜୁନ ରାଉତ, ରାଜେନ୍ଦ୍ର ସାମଲ, ସୁବାସ ସ୍ୱାଇଁ, ଶ୍ୟାମସୁନ୍ଦର ଜେନା, ରମେଶ ପଲାଇ, ସହଦେବ ସେଠୀ, ରବୀନ୍ଦ୍ର ମଲ୍ଲିକ ଓ ଭଗବାନ ସେଠୀ ପ୍ରମୁଖ ସଂଘର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଗାମୀ ଦିନ ପାଇଁ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ନିରଞ୍ଜନ ପାତ୍ର ବାର୍ଷିକ ବିବରଣୀ ପାଠ କରିବା ସଙ୍ଗେ ସଙ୍ଗେ ବିଗତ ବର୍ଷର ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଆଗାମୀ ୩ ବର୍ଷ ପାଇଁ ସଂଘ ପରିଚାଳନା ପରିଷଦର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ସଭାପତିଙ୍କ ଅଭିଭାଷଣ ପରେ ମଣିଭଦ୍ର ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।




# ବୃଦ୍ଧାଶ୍ରମରେ ଶୀତବସ୍ତ୍ର ବଣ୍ଟନ

କୟାଁଗୋଲା,୧।୧(ସମିସ): ଦଶରଥପୁର ବ୍ଲକର ମଲ୍ଲୀକାପୁରସ୍ଥ ଲକ୍ଷ୍ମୀନାରାୟଣ ବୃଦ୍ଧାଶ୍ରମରେ ଆଜି ଇଂରାଜୀ ନୂଆବର୍ଷ ଅବସରରେ ପିପୁଲ କେୟାର ଫାଉଣ୍ଡେସନର ବିଂଝାରପୁର ଶାଖା ପକ୍ଷରୁ ଅନ୍ତେବାସୀଙ୍କୁ ଶୀତବସ୍ତ୍ର ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧକ୍ଷ ସୁଶାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଫାଉଣ୍ଡେସନର ଉପାଧକ୍ଷା ଶୁଭଶ୍ରୀ ପ୍ରିୟଦର୍ଶିନୀ ଜେନା, ସମ୍ପାଦକ ଉଦୟନାଥ ଜେନା, ପ୍ରାକ୍ତନ ବ୍ଲକ୍ ଶିକ୍ଷାଧିକାରୀ ଅର୍ଣ୍ଣଦା ପ୍ରସାଦ ରଣା, ବାଙ୍ଗରା ସରପଞ୍ଚ ଜ୍ଞାନରଞ୍ଜନ ଜେନା, ଲକ୍ଷ୍ମୀନାରାୟଣ ଭିନ୍ନକ୍ଷମ ଥଇଥାନ ଓ ଚିକିତ୍ସା କେନ୍ଦ୍ରର ପରିଚାଳିକା ଶ୍ୱେତା ମଲ୍ଲିକ, ସମ୍ବାଦଦାତା ତଥା ଫାଉଣ୍ଡେସନର ସଭ୍ୟ ଭାଗୀରଥି ଜେନା ପ୍ରମୁଖ ଯୋଗ ଦେଇଥିଲେ। ବୃଦ୍ଧାଶ୍ରମର ୩୦ ଜଣ ଅନ୍ତେବାସୀ ଓ ମଲ୍ଲୀକାପୁର ପଞ୍ଚାୟତର ୧୩ ଜଣ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରାଯିବା ସହ ଖାଦ୍ୟ ଦିଆଯାଇଥିଲା। ଫାଉଣ୍ଡେସନର ରଶ୍ମିରଞ୍ଜନ ସ୍ୱାଇଁ ଓ ଶିଶିର ଦାସଙ୍କ ସହ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



# ପୃଥକ୍ ଦୁର୍ଘଟଣାରେ ଦୁଇ ଗୁରୁତର

ସୁକିନ୍ଦା,୧।୧(ସମିସ): ସୁକିନ୍ଦା-ଆଶୋକଝର ରାସ୍ତାର ଲେମ୍ବୋ ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଆରୋହୀ କିଶୋର ଦେହୁରୀ ଗୁରୁତର ଆହତ ହୋଇଛନ୍ତି। ସୁକିନ୍ଦା ଥାନା ଅନ୍ତର୍ଗତ କବାଟ ଗ୍ରାମର କିଶୋର ଦେହୁରୀ ବାଇକ୍ ନେଇ ଅଶୋକଝର ଯାଉଥିବା ସମୟରେ ଲେମ୍ବୋ ଛକ ନିକଟରେ ଦୁର୍ଘଟଣାର ଶିକାର ହୋଇ ହୋଇଥିଲେ। ସୁକିନ୍ଦା ଅଗ୍ନିଶମ କର୍ମଚାରୀ ପହଞ୍ଚି କିଶୋରଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି। ସେହିପରି ମଙ୍ଗଳପୁର-ଟମକା ରାସ୍ତାର କଳରଙ୍ଗୀ ଛକ ନିକଟରେ ଏକ ଅଟୋ ଦୁର୍ଘଟଣାରେ ଚାଳକ ବାସୁଦେବ ପିଙ୍ଗୁଆ(୪୦) ଗୁରୁତର ଅବସ୍ଥାରେ ଟାଟା ମେଡିକାରେ ଭର୍ତ୍ତି ହୋଇଛନ୍ତି। କାଳିଆପାଣି ଥାନା ଅନ୍ତର୍ଗତ ମହୁଲଖାଳ ଗ୍ରାମର ମଙ୍ଗୁଲୁ ପିଙ୍ଗୁଆଙ୍କ ପୁଅ ବାସୁଦେବ ଗୁରୁବାର ଅଟୋ ନେଇ ଯାଉଥିବା ସମୟରେ କଳରଙ୍ଗୀ ଛକ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବାସୁଦେବଙ୍କ ଗୋଡ଼ ଭାଙ୍ଗିଯାଇଥିବାରୁ ପ୍ରାଥମିକ ଚିକିତ୍ସା ପରେ କଳିଙ୍ଗନଗରସ୍ଥ ଟାଟା ମେଡ଼ିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।






















































# ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ଲକ୍ଷାଧିକ ଭକ୍ତ

ଭଦ୍ରକ/ଆରଡ଼ି,୧।୧(ସମିସ)





ଇଂରାଜୀ ନୂଆବର୍ଷରେ ଶୁଭ ମନାସିବା ପାଇଁ ପ୍ରସିଦ୍ଧ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଭୋର ୪ଟାରୁ ଲାଗିଥିଲା ଭକ୍ତଙ୍କ ଭିଡ଼। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତି, ମହାସ୍ନାନ, ଘର୍ଷଣଲାଗି ଜଳାଭିଷେକ ନୀତି ସମ୍ପନ୍ନ ହେବା ପରେ ବାବାଙ୍କୁ ନବବସ୍ତ୍ର ଓ ଫୁଲ ଚନ୍ଦନ ଲାଗି କରାଯାଇଥିଲା। ପରେ ପ୍ରଭୁଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ପହିଲି ବାଲ୍ୟ ଭୋଗ ଓ ପରେ ଅନ୍ନ ଭୋଗ ଲାଗି କରାଯାଇଥିଲା। ଭକ୍ତମାନଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ସକାଳ ୫ଟାରୁ ରାତ୍ର ୧୦ଟା ଯାଏଁ ସାହାଣ ମେଲା କରାଯାଇଥିଲା। ଅନ୍ୟପଟେ ଭକ୍ତମାନଙ୍କର ଶୃଙ୍ଖଳିତ ଦର୍ଶନ ନିମନ୍ତେ ମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା ସହ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ସେହିପରି ସ୍ଥଳପଥ ଓ ଜଳପଥରେ ଭକ୍ତମାନଙ୍କର ସୁଗମ ଯାତାୟାତ ନିମନ୍ତେ ଟ୍ରାଫିକ ପୁଲିସ ସହ ଅଗ୍ନିଶମ ବାହିନୀ ଓ ଫୋର୍ସ ମୁତୟନ କରାଯାଇଥିଲା। ଏଥିସହ ଭଦ୍ରକ-ଆଖଣ୍ଡଳମଣି ମୁଖ୍ୟ ରାସ୍ତାରେ ଯେପରି ଗହଳି ନହେବ ସେଥିପାଇଁ କୁଲେଇପଦା-ଆରଡ଼ି ରାସ୍ତା ଦେଇ ପୀଠକୁ ସମସ୍ତ ଯାତ୍ରୀବାହୀ ୪ଚକିଆ ଯାନ ଆସିଥିଲା। ମନ୍ଦିର ଭିତର ବେଢ଼ାରେ ଚାନ୍ଦବାଲି ତହସିଲଦାର ଭବତୋଷ ମଲିକ, ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀ, ଧୁଷୁରୀ ଥାନା ଅଧିକାରୀ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ପ୍ରମୁଖ ଭକ୍ତଙ୍କ ଦର୍ଶନ ଓ ନୀତିକାନ୍ତିର ତଦାରଖ କରିଥିଲେ। ଏଥିସହ ପାଲସାହିସ୍ଥିତ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ଦାଶଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଶୃଙ୍ଖଳାରକ୍ଷାରେ ସହଯୋଗ କରିଥିଲେ। ମନ୍ଦିରର ନୀତିନିର୍ଘଣ୍ଟ ଅନୁଯାୟୀ ମଧ୍ୟାହ୍ନ ୨ଟା ସୁଦ୍ଧା ସମସ୍ତ ସକାଳ ଧୂପ ସରିବା ପରେ ବାବାଙ୍କୁ ଯୋଗୀ ବେଶରେ ସଜ୍ଜିତ କରାଯାଇ ବଡ଼ ଅନ୍ନନୀତିଭୋଗ ଲାଗି କରାଯାଇ ୧ଟାରେ ଶୟନ(ଅବକାଶ) ନୀତି କରାଯାଇଥିଲା। ପରେ ଅପରାହ୍ନ ୪ଟାରେ ବାବାଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇ ଭକ୍ତଙ୍କ ଦର୍ଶନ ପାଇଁ ସାହାଣମେଲା କରାଯାଇଥିଲା।

## ● ଧୋକା ଦେଲା ଗୁଗଲ୍ ମ୍ୟାପ
## ଗାଁ’ ଭିତରେ ପଶିଗଲା ଟ୍ରକ୍; ଭାଙ୍ଗିଲା ଘର



ଭଦ୍ରକ,୧।୧(ସମିସ): ଧୋକା ଦେଲା ଗୁଗଲ୍ ମ୍ୟାପ। ଗାଁ’ ଭିତରେ ଟ୍ରକ୍ ପୂରାଇ ଘର ଭାଙ୍ଗିଦେଲା ଚାଳକ। ଏମିତି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ୍ ଧାମରା ଅଞ୍ଚଳରେ। ସୂଚନା ମୁତାବକ ଆଜି ଭୋର୍ ସମୟରେ କଟକରୁ ଏକ ଟ୍ରକ୍ ଧାମରା ବନ୍ଦର ଅଭିମୁଖେ ଯାଉଥିଲା। ନୂଆକରି ଧାମରାକୁ ଗାଡ଼ି ନେଇ ଯାଉଥିବା ଡ୍ରାଇଭରକୁ ରାସ୍ତା ଜଣା ନ ଥିବାରୁ ସେ ଗୁଗଲ୍ ମ୍ୟାପ ଦେଖି ଗାଡ଼ି ଚଳାଉଥିଲେ। ମାତ୍ର ଭଦ୍ରକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଦିଗଛିଆ ଛକ ନିକଟସ୍ଥ ପାତ୍ରସାହି ରାସ୍ତାରେ ଗାଡ଼ି ଚଳାଇ ଗାଁ ଭିତରକୁ ଚାଳକ ଜଣଙ୍କ ନେଇ ଯାଇଥିଲେ। ଅଣଓସରିଆ ଗାଁ ଭିତରେ ବଡ଼ ଟ୍ରକ୍‌ଟି ଆଉ ବୁଲି ନ ପାରି ରମେଶ ଦାସଙ୍କ ଘର ଉପରେ ମାଡ଼ି ଯାଇଥିଲା। ଏହା ଦେଖି ଗାଁ ଲୋକେ ବାଂଶଡ଼ା ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ବାଂଶଡ଼ା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ଗାଡ଼ିକୁ ଉଦ୍ଧାର କରି ଥାନାକୁ ନେଇଥିବା ଜଣାପଡ଼ିଛି।

## ଭଦ୍ରକ ସାହିତ୍ୟ ପରିଷଦର କବିତା ଆସର




ଭଦ୍ରକ,୧।୧(ସମିସ): ଭଦ୍ରକ ସାହିତ୍ୟ ପରିଷଦର ପ୍ରତିବର୍ଷ ପରି ୨୦୨୬ ଆରମ୍ଭରେ ପରିଷଦର ବରିଷ୍ଠ ସଦସ୍ୟ ସାହିତ୍ୟିକ ମୁକ୍ତିକାନ୍ତ ମଲ୍ଲିକଙ୍କ ବାସଭବନରେ ଏକ ବନ୍ଧୁମିଳନ ଓ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା। ଡ.ରାଧାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ବିଶିଷ୍ଟ ଲେଖକ, ଶିକ୍ଷାବିତ ଡ.ଗୋଲକ ବିହାରୀ ସାହୁ, ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପିକ ଭାନୁମତୀ ମାଟିଆ, ପ୍ରାଧ୍ୟାପକ ନିହାର ରଞ୍ଜନ କର ଯୋଗ ଦେଇଥିଲେ। ଦେବେଶ ମଲ୍ଲିକଙ୍କ ଭଜନ ପରେ ଅନୁଷ୍ଠାନ ସମ୍ପାଦକ ବିଜୟ ବହଳୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ସଭାକାର୍ଯ୍ୟ ଓ ରତିକାନ୍ତ ବେହେରାଙ୍କ ସଂଯୋଜନାରେ କବିତା ପାଠ ଆରମ୍ଭ ହୋଇଥିଲା। ଅକ୍ଷୟ ଜେନା(ବଡ଼), ରମେଶ ଦାସ, ବିଜୟ ଜେନା, ଦାଶରଥି ପଣ୍ଡା, ଶାନ୍ତନୁ ରାଉତ, କିଶୋର ପାଣିଗ୍ରାହୀ, ଦାଶରଥି ପାଣିଗ୍ରାହୀ, ଗୌରାଙ୍ଗ ବାରିକ, ଗୋଲକ ପ୍ରସାଦ ବୟାରୀ, ଡ.ଅବନୀ ପ୍ରଧାନ, ଗୌତମ ମହାରଣା, କୈଳାସ ଦାସ, ଦୀପ୍ତିମୟୀ ସାହୁ, ଶଶାଙ୍କ ପଣ୍ଡା, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପିକା ଉଷାରାଣୀ ଜେନା, ଅଧ୍ୟାପିକା ନିଳୀମା ପଣ୍ଡା, ଖଗେଶ୍ୱର ଜେନା, ବିପ୍ଳବ ହୋତା, ଶରତ ନାୟକ, ବାବୁଲାଲ ଦାସ, ସୁରଞ୍ଜନ ମିଶ୍ର, ଅମର ପାଣିଗ୍ରାହୀ, ଅରୂପ ନାୟକ, ମନୋରଞ୍ଜନ ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ବରିଷ୍ଠ ସମାଜସେବୀ ସାହିତ୍ୟିକ ପ୍ରଭାତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଶେଷରେ "ଗୋଧୂଳି' ପତ୍ରିକା ଉନ୍ମୋଚିତ ହୋଇଥିଲା।

## ଧାମନଗର ବ୍ଲକ୍ ଓ ସହରାଞ୍ଚଳରେ ବଢ଼ିଲା ବୁଥ୍ ସଂଖ୍ୟା; ମୋଟ ସଂଖ୍ୟା ୨୩୬କୁ ବୃଦ୍ଧି

ଧାମନଗର,୧।୧(ସମିସ): ଧାମନଗର ବ୍ଲକ୍ ଓ ଏନ୍ଏସିରେ ନିର୍ବାଚନୀ ବୁଥ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବରୁ ଧାମନଗର ବ୍ଲକର ୩୧ ଗୋଟି ପଞ୍ଚାୟତ ଓ ଏନ୍ଏସିର ୧୧ ଗୋଟି ୱାର୍ଡରେ ମୋଟ ୧୮ ୯ ଟି ମତଦାନ କେନ୍ଦ୍ର ଥିଲା। ଏବେ ଆଉ ୪୭ ଟି ମତଦାନ କେନ୍ଦ୍ର ବୃଦ୍ଧି ପାଇବା ପରେ ମୋଟ ସଂଖ୍ୟା ୨୩୬ରେ ପହଞ୍ଚିଛି। କେଉଁ ବୁଥ୍ ହୋଇଛି ତାହା ସ୍ପଷ୍ଟ ହୋଇଛି। ଅବଶ୍ୟ ବୁଥ ନମ୍ବର ଏଯାଏଁ ଜଣାପଡ଼ିନାହିଁ। ଏହି ଅବସରରେ ବ୍ଲକ୍ ଏବଂ ଏନ୍ଏସି ଅଞ୍ଚଳରେ ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (ଏସ୍ଆଇଆର୍) ସରିବା ପରେ ଅଞ୍ଚଳର ମୋଟ ଭୋଟର ସଂଖ୍ୟା ସହ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏଭଳି ସ୍ଥିତିରେ ଚୂଡ଼ାନ୍ତ ଭୋଟର ତାଲିକା ଜାନୁଆରୀ ମାସରେ ପ୍ରକାଶ ପରିବର୍ତ୍ତେ ବିଳମ୍ବ ହେବ ବୋଲି ଜଣାଯାଇଛି। ନିର୍ବାଚନ ମଣ୍ଡଳୀରେ ଅଧିକ ଜନସଂଖ୍ୟା ତଥା ଭୋଟରଙ୍କୁ ନିକଟବର୍ତ୍ତୀ ଅଞ୍ଚଳରେ ମତଦାନ ସୁବିଧା ଯୋଗାଇ ଦେବା ଲକ୍ଷ୍ୟ ନେଇ ନିର୍ବାଚନ କମିଶନ ପକ୍ଷରୁ ବୁଥ୍ ବୃଦ୍ଧି ନିଷ୍ପତ୍ତି ନିଆଯାଇଛି। ଦୀର୍ଘ୨୪ବର୍ଷ ପରେ ଦେଶରେ ସ୍ୱତନ୍ତ୍ର ଭୋଟର ଚିହ୍ନଟ ପ୍ରକ୍ରିୟା ବା (ଏସ୍ଆଇଆର୍)ହେଉଛି। ତେବେ ଧାମନଗର ଅଞ୍ଚଳରେ ନିଯୁକ୍ତ ବିଏଲ୍ଓମାନେ ଏହି କାର୍ଯ୍ୟରେ ଲାଗିପଡ଼ିଛନ୍ତି।ଫଳରେ ନକଲି ଭୋଟର ଚିହ୍ନଟ ସହଜ ହେବ ଓ ନିର୍ବାଚନ ଅଧିକାରୀ ଗୋଟି ଗୋଟି କରି ନାଗରିକ ପ୍ରମାଣ ପାଇଁ ଦସ୍ତାବିଜ ଯାଞ୍ଚ କରିବେ ବୋଲି ସୂଚନ ମିଳିଛି।

## ଦେଢ଼ବର୍ଷ ପରେ ୭୦ ସରକାରୀ ଓକିଲ ନିଯୁକ୍ତ

ଭଦ୍ରକ,୧।୧(ସମିସ): ଆଜି ଭଦ୍ରକ ଜିଲ୍ଲାରେ ୭୦ଜଣ ଆଇନଜୀବୀଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲାର ଫୌଜଦାରୀ ମାମଲା ବିଚାରର ସମାଧାନ ପାଇଁ ୪୪ଜଣଙ୍କୁ ଭଦ୍ରକ ସଦର ମହକୁମାରେ ନିଯୁକ୍ତି ଦିଆଯାଇଛି। ଅନ୍ୟ ୨୬ଜଣଙ୍କୁ ଜିଲ୍ଲାର ବାସୁଦେବପୁର, ଚାନ୍ଦବାଲି, ଧାମନଗର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ରାଜସ୍ୱ ଅଦାଲତରେ ନିଯୁକ୍ତି ଦିଆଯାଇଛି। ସୂଚନାନୁଯାୟୀ, ଡିଷ୍ଟ୍ରିକ ସେସନ୍ସ ଜଜ୍ କୋର୍ଟର ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ଦିପ୍ତୀରଞ୍ଜନ ଜେନା ଓ ସ୍ପେଶାଲ ପିପି ଭାବେ(ଏନ୍‌ଡିପିଏସ୍, ଏସ୍‌ସି-ଏସ୍‌ଟି) ବସନ୍ତ କୁମାର ଦାସ ନିଯୁକ୍ତି ପାଇଛନ୍ତି। ସେହିପରି ସରୋଜ ତପନ ଦାସଙ୍କୁ ଆଡିସନାଲ ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ନିଯୁକ୍ତି ଦିଆଯାଇଛି। ଅତିରିକ୍ତ ଜିଲ୍ଲାଜଜ୍‌ଙ୍କ କୋର୍ଟରେ ଆଡିସନାଲ ପିପି ଭାବେ ମାଧବ ଚନ୍ଦ୍ର ନାୟକ, ଆସୋସିଏଟ୍ ଲୟର ଭାବେ ଚନ୍ଦ୍ରଶେଖର ସାହୁ, ସ୍ପେଶାଲ ପିପି ଏନ୍‌ଡିପିଏସ୍ ମାଧବ ଚନ୍ଦ୍ର ଦାସ ଓ ସ୍ପେଶାଲ ପିପି ଏସ୍-ଏସଟି ତୁଷାରକାନ୍ତ ଦାସଙ୍କୁ ନିଯୁକ୍ତି ମିଳିଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ଆଡିସନାଲ ପିପି ଭାବେ ଦୁର୍ଗାପ୍ରସନ୍ନ ରାୟ ମହାପାତ୍ର, ଆସିଟାଣ୍ଟ ପିପି ଭାବେ ଆଦିତ୍ୟ ନାରାୟଣ ମିଶ୍ର ଓ ସଞ୍ଜୀବ କୁମାର ପଣ୍ଡାଙ୍କୁ ନିଯୁକ୍ତି ମିଳିଛି। ସେହିପରି ବରିଷ୍ଠ ଦେୱାନୀ ଜଜ୍‌ଙ୍କ ଅଦାଲତରେ ଆଡିସନାଲ ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ସଞ୍ଜୟ ମହାପାତ୍ର ଓ ସହକାରୀ ଆଇନଜୀବୀ ଭାବେ ବନମାଳୀ ଜେନାଙ୍କୁ ମିଳିଛି। ମାତ୍ର କନିଷ୍ଠ ଦେୱାନୀ ଜଜ୍‌ଙ୍କ ଅଦାଲତରେ ସରକାରଙ୍କ ତରଫରୁ ମାମଲା ପରିଚାଳନା ପାଇଁ କାହାରିକୁ ନିଯୁକ୍ତି ଦିଆଯାଇନି। ରେଜିଷ୍ଟର ସିଭିଲ କୋର୍ଟ ତଥା ଅତିରିକ୍ତ ଦେୱାନୀ ଅଦାଲତରେ ନମିତା ନାୟକ ଓ ଅଞ୍ଜୁବାଳା ରାଉତ (ବାଳଅପରାଧ) ପରିଚାଳନା ପାଇଁ ନିଯୁକ୍ତି ଦିଆଯାଇଛି। ଆଡିସନାଲ ସିଭିଲ ଜଜ୍ ସିନୟର ଡିଭିଜନ୍‌ରେ ଆଡିସନାଲ ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ସୁବୋଧ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏସ୍‌ଡିଜେଏମଙ୍କ କୋର୍ଟରେ ଆସିଷ୍ଟାଣ୍ଡ ପିପି ଭାବେ ଗଣେଶ ଚନ୍ଦ୍ର ଦାସ, ପ୍ରଦୀପ କୁମାର ଲେଙ୍କା, ଶ୍ରୀକାନ୍ତ ତ୍ରିପାଠୀ, ବିଜୟ କୁମାର ଦାସଙ୍କୁ ନିଯୁକ୍ତି ମିଳିଛି। ସେହିପରି ଜେଏମ୍‌ଏଫସି-୧ କର୍ଙ୍କ ଅଦାଲତରେ ଆସିଷ୍ଟାଣ୍ଟ ପିପି ଭାବେ ଦିଲ୍ଲୀପ କୁମାର ପଣ୍ଡା ଓ କାହ୍ନୁ ଚରଣ ବାରିକ ନିଯୁକ୍ତି ପାଇଥିବା ବେଳେ ଜେଏମଏଫସି-୨ରେ ଆସିଷ୍ଟାଣ୍ଟ ପିପି ଭାବେ ସୁରଜିତ କୁମାର ପାଲ୍ ଓ ମନୋଜ କୁମାର ରାଉତଙ୍କୁ ନିଯୁକ୍ତି ମିଳିଛି । ସେହିପରି କ୍ରିମିନାଲ କୋର୍ଟ ଗୁଡିକରେ ୧୦ଜଣଙ୍କୁ ଆସିଷ୍ଟାଣ୍ଡ ପିପି ଭାବେ ନିଯୁକ୍ତି ମିଳିଛି। ଏମାନେ ହେଲେ-ବିଶ୍ୱରଞ୍ଜନ ଦାସ, ଦେବକୀନନ୍ଦନ ମହାପାତ୍ର, ଗିରିଜାଶଙ୍କର ଦାସଙ୍କ, ମାନସ କୁମାର ବେହେରା, ଅଞ୍ଜୁବାଳା ରାଉତ, ନାରାୟଣ ଚନ୍ଦ୍ର ସାହୁ, ଜିତେନ୍ଦ୍ର କୁମାର ପଣ୍ଡା, ନିକୁଞ୍ଜକୃଷ୍ଣ ପୁହାଣ, ମଧୁସୂଦନ ମିଶ୍ର ଓ ଜ୍ୟୋତିରଞ୍ଜନ ବେହୁରାଙ୍କୁ ନିଯୁକ୍ତି ମିଳିଛି। ସେହିଭଳି ଜିଲ୍ଲାପାଳଙ୍କ କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ ଏସ୍‌କେ ଭୋଳ, ସେହିଭଳି ଉପଜିଲ୍ଲାପାଳଙ୍କ କୋର୍ଟରେ ଉମେଶ ଚନ୍ଦ୍ର ଜେନା, ଅରୁଣ କୁମାର ମହାନ୍ତି, ଈଶ୍ୱରଦାସ, ନାରାୟଣ ସେନାପତିଙ୍କୁ ନିଯୁକ୍ତି ମିଳିଛି। ଅନୁରୂପଭାବେ ଉପଜିଲ୍ଲାପାଳଙ୍କ କୋର୍ଟ(କ୍ରିମିନାଲ) ରେ ଚକ୍ରଧର ରାଉତଙ୍କୁ ନିଯୁକ୍ତି ମିଳିଛି। ଭଦ୍ରକ ତହସିଲର ଆସିଷ୍ଟାଣ୍ଟ ପିପିଭାବେ ରିନାମୟୀ ନାୟକଙ୍କୁ ନିଯୁକ୍ତି ମିଳିଛି।

## ୮ ମାସ ଧରି ମିଳୁନି ହରିଶ୍ଚନ୍ଦ୍ର ସହାୟତା

ଦୋଳସାହି,୧।୧(ସମିସ): ୮ ମାସ ଧରି ମିଳୁନି ହରିଶ୍ଚନ୍ଦ୍ର ସହାୟତା ରାଶି। ସରକାରଙ୍କ ପକ୍ଷରୁ ମୃତ ବ୍ୟକ୍ତିଙ୍କ ପରିବାରକୁ ଶେଷକୃତ୍ୟ ଲାଗି ସହାୟତା କରାଯାଉଥିବା ହରିଶ୍ଚନ୍ଦ୍ର ଯୋଜନାରେ ଗତ ୮ ମାସ ଧରି ମିଳୁନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍‌ର ୩୧ ପଞ୍ଚାୟତରେ ୮ ଶହରୁ ଅଧିକ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ସହାୟତା ଅର୍ଥ ଦିଆଯାଇନଥିବା ଜଣାଯାଇଛି। ଏହି ହରିଶ୍ଚନ୍ଦ୍ର ସହାୟତା ପାଇବାକୁ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ଅନ୍‌ଲାଇନ୍‌ରେ ଆବେଦନ କରିଥିବାବେଳେ ଅଦ୍ୟାବଧି ସେମାନଙ୍କ ଆକାଉଣ୍ଟକୁ ସହାୟତା ଅର୍ଥ ଆସୁନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ତୁରନ୍ତ ଏହି ହରିଶ୍ଚନ୍ଦ୍ର ସହାୟତା ଅର୍ଥ ପ୍ରଦାନ କରିବାକୁ ଦାବି ହେଉଛି।

## ପାଲା ପୀଠର ବିକାଶ ପାଇଁ ସାଂସଦଙ୍କୁ ସ୍ମାରକପତ୍ର



ଭଣ୍ଡାରିପୋଖରୀ,୧।୧(ସମିସ):ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ସାରଣା ପ୍ରାଚୀ ପାଲାପୀଠ ବିକାଶ ପାଇଁ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସାଂସଦ ଶ୍ରୀ ସେଠୀ ବୁଧବାର ପାଚୀ ପାଲାପୀଠ ପରିଦର୍ଶନ କରି ଗାୟକ କଳାକର ସ୍ୱର୍ଗତ ଅନିରୁଦ୍ଧ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଗାୟକଙ୍କ ପୁତ୍ର ପାଲାପୀଠ କମିଟି ସଭାପତି ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ସମ୍ପାଦକ ନବକିଶୋର ପରିଡ଼ା, ସଦସ୍ୟ ନୀଳମଣି ଦାସ, ଗୋପୀନାଥ ବାରିକ, ଦାମୋଦର ନାୟକ, ବିଶ୍ୱମ୍ଭର ରାଉତ, ସରପଞ୍ଚ ରଞ୍ଜନ କୁମାର ପରିଡା ପ୍ରମୁଖ ପ୍ରାଚୀନ ପାଲାପୀଠର ପ୍ରବେଶ ଫାଟକ ଓ ପାଲାପୀଠର ବିକାଶ ସହ ପୁଷ୍କରିଣୀ ପୁନରୁଦ୍ଧାର, ଭଗ୍ନମନ୍ଦିର ପୁନଃନିର୍ମାଣ ଦାବି ସମ୍ବଳିତ ସ୍ମାରକପତ୍ର ସାଂସଦଙ୍କୁ ପ୍ରଦାନ କରିଥିଲେ। ଏଥିପାଇଁ ଦୃଷ୍ଟି ଦେବେ ବୋଲି ସାଂସଦ ଶ୍ରୀ ସେଠୀ ପ୍ରତିଶ୍ରୁତି ଦେଇଥିଲେ।

## ଲୋକଙ୍କ ଜୀବନଧାରାର ପରିବର୍ତ୍ତନ ଆଣିଛି ଟାଟା ଷ୍ଟିଲ୍ କଳିଙ୍ଗନଗର



ଦାନଗଦି, ୧।୧(ସମିସ): ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ଏକ ଶିଳ୍ପ ଶକ୍ତିକେନ୍ଦ୍ରରୁ ଓଡ଼ିଶାର କଳିଙ୍ଗନଗର ଅଞ୍ଚଳରେ ସାମାଜିକ ଗତିଶୀଳତାକୁ ପ୍ରାଥମିକତା ଦେଇ ଆସିଛି। ନିଜର କାର୍ଯ୍ୟକ୍ଷମ ଡିଏନଏ ମଧ୍ୟରେ ସ୍ଥାନୀୟ ଲୋକଙ୍କ କଲ୍ୟାଣକୁ ଅନ୍ତର୍ଭୁକ୍ତ କରି ଏହି କେନ୍ଦ୍ର ଉତ୍ପାଦନକୁ ଗୁରୁତ୍ୱ ନ ଦେଇ ଟାଟା ଷ୍ଟିଲ୍ ଫାଉଣ୍ଡେସନ ସହଭାଗିତାରେ ପ୍ଲାଣ୍ଟ ଆଖପାଖ ଗ୍ରାମର ପ୍ରାୟ ୧୪ ଲକ୍ଷ ଲୋକଙ୍କ ଜୀବନକୁ ସକାରାତ୍ମକ ଭାବେ ପ୍ରଭାବିତ କରିପାରିଛି। ସବୁଠାରୁ ଦୃଶ୍ୟମାନ ପରିବର୍ତ୍ତନ ହେଉଛି ଏହି ଅଞ୍ଚଳରେ ନୂତନ ଶ୍ରେଣୀର ମହିଳା ନେତୃତ୍ୱର ଅଭ୍ୟୁଦୟ।

'ଦିଶା' କାର୍ଯ୍ୟକ୍ରମ ମାଧ୍ୟମରେ ୧,୫୦୦ରୁ ଅଧିକ ମହିଳା ଡିଜିଟାଲ୍ ସାକ୍ଷରତା ଓ ସ୍ୱାଧୀନ ଆର୍ଥିକ ପରିଚାଳନାରେ ଦକ୍ଷତା ହାସଲ କରିଛନ୍ତି। ଏହି ସାମର୍ଥ୍ୟ ଘରର ଚାରିକାନ୍ଥରୁ ବୋର୍ଡରୁମ୍ ପର୍ଯ୍ୟନ୍ତ ପହଞ୍ଚିଛି। ନବଜୀବନ ସମବାୟ ସମିତି ଏବେ ବାର୍ଷିକ ୬୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ ସଂଗ୍ରହ କରୁଛି ଓ ପାରମ୍ପରିକ ସଉରା କଳାକୁ ମୁମ୍ବାଇର କାଲା ଘୋଡା ଆର୍ଟ ଫେଷ୍ଟିଭାଲ୍ ଭଳି ଜାତୀୟ ସ୍ତରର ମଞ୍ଚକୁ ନେଇପାରିଛି। ଦୀର୍ଘସ୍ଥାୟିତ୍ୱ ପାଇଁ ପ୍ରୟାସ ମଧ୍ୟ ସେତିକି ମହତ୍ତ୍ୱାକାଂକ୍ଷୀ। ୩୦୦ ନିୟୁତ କ୍ୟୁବିକ୍ ଫୁଟ୍ ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରି ଟିଏସକେ ପ୍ରାୟ ୭୦୦ ଏକର ଶୁଷ୍କ ଜମିକୁ ଉର୍ବର ଓ ଜଳବାୟୁ ସହନଶୀଳ ଚାଷଜମିରେ ପରିଣତ କରିଛି। ଏହି ପରିବେଶ ପରିଚାଳନା ସହିତ ଅଞ୍ଚଳର ଭବିଷ୍ୟତ ପ୍ରତି ପ୍ରତିବଦ୍ଧତା ସ୍ୱରୂପ 'ଜ୍ୟୋତି ଫେଲୋସିପ୍' ମାଧ୍ୟମରେ ନିକଟରେ ୮୩୬ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଯେଉଁଥିରେ ୭୦ ପ୍ରତିଶତ ହେଉଛନ୍ତି ଛାତ୍ରୀ। ଟାଟା ଷ୍ଟିଲ୍ ଫାଉଣ୍ଡେସନ ୩,୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଭାଷା ଶିକ୍ଷା ମାଧ୍ୟମରେ ଆଦିବାସୀ ଐତିହ୍ୟର ସଂରକ୍ଷଣ ଦିଗରେ କାର୍ଯ୍ୟ କରୁଛି। ଦାନଗଦିର ମଲ୍ଟି-ସ୍କିଲ୍ ସେଣ୍ଟରଠାରୁ ଆରମ୍ଭ କରି ୩୯ଟି ପଞ୍ଚାୟତରେ ଚାଲିଥିବା ଅପପୁଷ୍ଟି ନିରାକରଣ ପ୍ରକଳ୍ପ, ଟାଟା ଷ୍ଟିଲ୍ କଳିଙ୍ଗନଗରର ଏହି ଯାତ୍ରା ସାମଗ୍ରିକ ବିକାଶର ଏକ ଶ୍ରେଷ୍ଠ ଉଦାହରଣ।

## ଧାମନଗରର ବିଭିନ୍ନ କୋର୍ଟରେ ୧୧ ସରକାରୀ ଓକିଲ ନିଯୁକ୍ତି

ଧାମନଗର,୧।୧(ସମିସ): ଭଦ୍ରକ ଜିଲ୍ଲା ଧାମନଗରରୁ ୧୧ଜଣ ଆଇନଜୀବୀଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯାଇଛି। ଆଇନଜୀବୀ ଦୀପ୍ତି ରଞ୍ଜନ ଜେନାଙ୍କୁ ଜିଲ୍ଲା ଜଜକୋର୍ଟ, ଗଣେଶ ଚନ୍ଦ୍ର ଦାଶଙ୍କୁ ଏସ୍‌ଡିଜେଏମ୍ କୋର୍ଟରେ ସରକାରୀ ଓକିଲ ଭାବେ ନିଯୁକ୍ତି ମିଳିଛି। ଭଦ୍ରକ ସିଭିଲ ଜଜ(ସିନିଅର ଡିଭିଜନ) ର ସରକାରୀ ଓକିଲ ଭାବେ ସୁବୋଧ କୁମାର ସାହୁଙ୍କୁ ନିଯୁକ୍ତି ମିଳିଛି।ସେହିପରି ଜେଏମଏଫସି ଭଦ୍ରକ କୋର୍ଟର ସରକାରୀ ଓକିଲ ଭାବେ ଦେବକୀ ନନ୍ଦନ ମହାପାତ୍ରଙ୍କୁ ନିଯୁକ୍ତି ମିଳିଥିବା ବେଳେ ଧାମନଗର ଜେଏମଏଫସି କୋର୍ଟର ସରକାରୀ ଓକିଲ ଭାବେ ରଞ୍ଜିତ କୁମାର ମହାନ୍ତି, ଅମର କୁମାର ମହାନ୍ତି ଓ ନିରାକାର ଜେନାଙ୍କୁ ନିଯୁକ୍ତି ମିଳିଛି। ଧାମନଗର ଗ୍ରାମ୍ୟ ନ୍ୟାୟାଳୟର ସରକାରୀ ଓକିଲ ଭାବେ ଆଇନଜୀବୀ ସୁଦର୍ଶନ ସାମଲ ଓ ଅଜିତ କୁମାର ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ଧାମନଗର ତହସିଲଦାରଙ୍କ କୋର୍ଟର ସରକାରୀ ଓକିଲ ଭାବେ ବିଜୟ କୁମାର ରାମ ଓ ସ୍ମୃତି ରଞ୍ଜନ ପଣ୍ଡାଙ୍କୁ ନିଯୁକ୍ତି ମିଳିଛି। ଏହି ବିଜ୍ଞପ୍ତି ପ୍ରକାଶ ପରେ ନବ ନିଯୁକ୍ତ ସରକାରୀ ଓକିଲ ମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ସହ ଶୁଭକାମନା ମିଳୁଛି।

## ଜଳକର ଦେଇ ପାଣି ପାଉନି ଚାଷୀ

ଅସୁରାଳି,୧।୧(ସମିସ)



ଧାମନଗର ବ୍ଲକ୍‌ର ୫-୬ଟି ପଞ୍ଚାୟତ ଦେଇ ପ୍ରବାହିତ ୫ନମ୍ବର କେନାଲ ପ୍ରାୟ ୧୬.୩ କି.ମି ପର୍ଯ୍ୟନ୍ତ ବ୍ୟାପିଛି। ଏହି କେନାଲ ଉପରେ ୧୮ ହଜାର ଚାଷୀଙ୍କ ଜୀବନ-ଜୀବିକା ନିର୍ଭର କରୁଛି। କିନ୍ତୁ ସଫେଇ ଓ କାଡ଼ାନାଳ ବ୍ୟବସ୍ଥା ନଥିବାରୁ ଚାଷୀମାନେ ଗୁରୁତର ସମସ୍ୟାରେ ପଡ଼ିଛନ୍ତି। ଖରିଫ ଚାଷ ପାଇଁ ପାଣିର ଆବଶ୍ୟକତା ଥିବା ସମୟରେ ଚାଷୀ ଏଥିରୁ ବଞ୍ଚିତ ହେଉଛି। କେନାଲରେ ସଫେଇ ନଥିବାରୁ ଜଳ ବିଲ ପର୍ଯ୍ୟନ୍ତ ପହଞ୍ଚୁ ନାହିଁ। ଫଳରେ ଚାଷୀମାନେ ଜଳକର ଦେଇଥିଲେ ମଧ୍ୟ ମୁନ୍ଦାଏ ପାଣି ପାଇପାରୁନାହାନ୍ତି। ଧାମନଗର ବ୍ଲକ୍‌ରେ ରେବ, କପାଳି, କୋଚିଲା, ଗେଙ୍ଗୁଟି ଓ କଣ୍ଡିଆ ନଦୀ ପ୍ରବାହିତ ହେଉଛି। କିନ୍ତୁ ଏହି ଜଳକୁ ସଂରକ୍ଷିତ କରି କୃଷି କାର୍ଯ୍ୟରେ ବ୍ୟବହାର କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଏହି ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଛି। କୋଠାରଠାରୁ ପୂର୍ବ ଦିଗରେ ପ୍ରାୟ ୧୦ଟି ପଞ୍ଚାୟତ କେବଳ ନଦୀ ଜଳ ଉପରେ ନିର୍ଭରଶୀଳ। ଯେଉଁଠାରେ ଉଠା ଜଳସେଚନ ପ୍ରକଳ୍ପ ରହିଛି, ସେଗୁଡ଼ିକ ଦୀର୍ଘଦିନ ଧରି ଅଚଳ ପଡ଼ିଛି। ଗୋବିନ୍ଦପୁର ସହିତ କଲ୍ୟାଣୀ, କାକୁଡ଼ିଗଡ଼ିଆ, ଉଚ୍ଚପଦା, ବମକୁରା, ପତ୍ରୀସାହି, ସରପୁର, କଷଟି, ଅଜମତପୁର, କାରୁଆ, ଝାରଡ଼ିଆ, ଗଡ଼ିଆଳି, ଫତେପୁର ଆଦି ଅଞ୍ଚଳରେ ଜଳାଭାବରେ ଚାଷୀମାନେ ମରୁଡ଼ି ପରିସ୍ଥିତିକୁ ସାମ୍ନା କରୁଛନ୍ତି। ଗୋବିନ୍ଦପୁର ମୌଜାରେ ଉପର ବିଲ ଓ ବଣ ବିଲରେ ଜଳାଭାବରୁ ୩୫ ଏକର ଜମିରେ ଚାଷୀମାନେ ଫସଲ କରିପାରୁନାହାନ୍ତି। ପ୍ରଚଣ୍ଡ ଗ୍ରୀଷ୍ମର ତାପରେ ନଦୀ-ନାଳ ଶୁଖିଯାଇଥିବାରୁ ଚାଷୀଙ୍କ ଚିନ୍ତା ଆହୁରି ବଢ଼ିଛି। ଜଳାଭାବ ସମସ୍ୟାର ସମାଧାନ ନହେଲେ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯିବ ବୋଲି ବିଦ୍ୟାଧର ଦାସ, ଭାଗୀରଥ ଦାସ, ବିଦ୍ୟାଧର ବସନ୍ତିଆ, ଅନିଲ ଜେନା, ଜୟଦେବ ସାହୁ, ଜାଗର ସାହୁ, ଲକ୍ଷ୍ମଣ ନାଥ, ଅକ୍ଷୟ ନାଥ, ବ୍ରହ୍ମାନନ୍ଦ ଜେନା, ନିରାକାର ଜେନା ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି। ଏହି ପରିସ୍ଥିତିରେ କନିଷ୍ଠ ଯନ୍ତ୍ରୀ ତପସ୍ୱିନୀ ସାହୁଙ୍କୁ ସମ୍ପର୍କ କରିବାକୁ ଚେଷ୍ଟା କରାଗଲେ ମଧ୍ୟ ସଫଳତା ମିଳିନାହିଁ।

## ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଲେ କର୍ମୀ



ବାରିକପୁର,୧।୧(ସମିସ): ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ତାଙ୍କ ଆବାସିକ କାର୍ଯ୍ୟାଳୟ ଠାରେ କର୍ମୀମାନେ ଭେଟି ପୁଷ୍ପଗୁଚ୍ଛ ଦେଇ ନୂତନ ବର୍ଷର ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ବିଧାୟକ ମଧ୍ୟ କର୍ମୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର କର୍ମୀମାନେ ଏଥିରେ ଯୋଗ ଦେଇଥିଲେ। ଅନୁରୂପ ଭାବେ ବିବିସିସି ବ୍ୟାଙ୍କ ପରିସରରେ ନୂତନ ବର୍ଷ ପାଳିତ ହୋଇଛି। ବ୍ୟାଙ୍କ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଭାରତୀଙ୍କୁ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ସଭାପତି ଜୟନ୍ତ ସାହୁ, ସତ୍ୟନାରାୟଣ ମିଶ୍ର, ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇ, ସୌମ୍ୟରଞ୍ଜନ ପଣ୍ଡା, ପିନାକୀ ରଞ୍ଜନ ଦାସ, ଜୟନ୍ତ ଭୋଇ, ନିର୍ମଳ ଦାସ, ମଦନମୋହନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଖୁଆପଦା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ମଧ୍ୟ ଆଞ୍ଚଳିକ ବନ୍ୟ ସୁରକ୍ଷା ସମିତି ପକ୍ଷରୁ ନୂଆ ବର୍ଷ ଅଭିନନ୍ଦନ ଦେଇଥିଲେ। ସମିତି ସମ୍ପାଦକ ଅକ୍ଷୟ ତ୍ରିପାଠୀ, ଉପସଭାପତି ନାରାୟଣ ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟାଳୟ ଠାରେ ଉପସ୍ଥିତ ହୋଇ ଭାରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ହିତେଶ କୁମାର ସାହୁ ଏବଂ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାଛଡ଼ା ବ୍ଲକ୍ ପ୍ରଶାସନ ସମେତ ତହସିଲ କାର୍ଯ୍ୟାଳୟ, ବିଇଓ ଅଫିସ, ମେଡିକାଲ ଠାରେ ମଧ୍ୟ ଅଧିକାରୀଙ୍କୁ କର୍ମଚାରୀ ଏବଂ ଶୁଭେଚ୍ଛୁମାନେ ଇଂରାଜୀ ନବବର୍ଷର ଶୁଭେଚ୍ଛା ଜଣାଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଆମେ ପରସ୍ପରର ପରିପୂରକ ବୋଲି ଭୁଲି ଯାଇଥିବାରୁ ବିଶ୍ୱରେ ଶାନ୍ତି ବ୍ୟାହତ ହେଉଛି।

-ମଦର ଟେରେସା

## ଭ୍ୟାକ୍‌ସିନ୍ ଭୟ

ଅମୃତ ଯଦି ବିଷ ପାଲଟେ, ଔଷଧ ଯଦି ରୋଗ ସୃଷ୍ଟି କରେ, ଟିକା ଯଦି ସଂକ୍ରମଣକୁ ଜନ୍ମ ଦିଏ ତେବେ ଅତ୍ୟାଧୁନିକ ଭେଷଜ ବିଜ୍ଞାନ ଯୁଗରେ ଏହାକୁ କେବଳ ଏକ ବିଡ଼ମ୍ବନା ନୁହେଁ, ବ୍ୟତିକ୍ରମ ବୋଲି କହିବାକୁ ହେବ। ଦୁର୍ଭାଗ୍ୟବଶତଃ ଏଭଳି ଏକ ଅଲୋଡ଼ା ବ୍ୟତିକ୍ରମ ଓ ବିଡ଼ମ୍ବନା ସହିତ ଭାରତର ନାମ ପୁଣି ଥରେ ଯୋଡ଼ି ହୋଇଯାଇଛି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବଜାରରେ ବିକ୍ରି ହେଉଥିବା ଭାରତରେ ଉତ୍ପାଦିତ 'ଅଭୟରାବ୍' ନାମକ ଏକ ଆଣ୍ଟିରାବିଜ୍ ଟିକା(କୁକୁର, ବିରାଡ଼ି, ବିଲୁଆ, ବାଦୁଡ଼ି, ମାଙ୍କଡ଼ ଆଦି ପ୍ରାଣୀ କାମୁଡ଼ା ଜନିତ ପ୍ରାଣଘାତୀ ସଂକ୍ରମଣରୁ ସୁରକ୍ଷା ପାଇଁ ପ୍ରତିଷେଧକ) ନେଇ ସେଠାକାର କେତେକ ବ୍ୟକ୍ତି ସଂକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏପରିକି ଯେଉଁମାନେ ପ୍ରତିଷେଧକ ରୂପେ ଆଗୁଆ 'ଅଭୟରାବ୍' ନେଇସାରିଛନ୍ତି ସେମାନେ ଟିକା ପ୍ରଭାବକୁ କାଟିବା ପାଇଁ ତୁରନ୍ତ ଡାକ୍ତରୀ ଚିକିତ୍ସା କରାଇବାକୁ ଅଷ୍ଟ୍ରେଲିଆ ସମେତ ଇଂଲଣ୍ଡ ଓ ଆମେରିକାର ସ୍ୱାସ୍ଥ୍ୟ ବିଭାଗ ଜରୁରୀ ପରାମର୍ଶ ଦେଇଛି। ଏପରିକି ଭାରତରୁ ସେଠାକୁ ଯାଉଥିବା ପର୍ଯ୍ୟଟକମାନେ 'ଅଭୟରାବ୍' ନେଇଛନ୍ତି କି ନାହିଁ ତାହାର ଯାଞ୍ଚ କରିବାକୁ ସମ୍ପୃକ୍ତ ଦେଶର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟମାନେ ମାର୍ଗଦର୍ଶିକା ଜାରି କରିଥିବା ସୂଚନା ମିଳିଛି।

ସାଂଘାତିକ ତଥା ଉଦ୍‌ବେଗଜନକ ତଥ୍ୟ ହେଲା ଏହି ଟିକା ପ୍ରସ୍ତୁତକାରୀ କମ୍ପାନୀ 'ହ୍ୟୁମାନ୍ ବାୟୋଲଜିକାଲ୍ ଇନ୍‌ଷ୍ଟିଚ୍ୟୁଟ୍' ହେଉଛି ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ। ଗତ ନଭେମ୍ବର ମାସରୁ 'ଅଭୟରାବ୍'ର କେତେକ ନକଲି ବା ଭେଜାଲ୍ ଟିକା ଭାରତର ବିଭିନ୍ନ ସହରର ଔଷଧ ବଜାରକୁ ଆସିଥିବା ଜଣାପଡ଼ିବା ପରେ ଆମେରିକାର 'ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍ସନ୍' ପକ୍ଷରୁ ଭାରତୀୟ ପର୍ଯ୍ୟଟକଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ବିଶେଷକରି ଗତ ଅକ୍ଟୋବର ମାସରୁ ଆମେରିକା ଆସିଥିବା ଭାରତୀୟ ପର୍ଯ୍ୟଟକମାନେ 'ଅଭୟରାବ୍' ନେଇଛନ୍ତି କି ନାହିଁ ତାହାର ଯାଞ୍ଚ କରିବାକୁ ଆମେରିକାରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ଏଠାରେ ଦୁଇଟି ପ୍ରସଙ୍ଗ ଉଦ୍‌ବେଗ ସୃଷ୍ଟି କରୁଛି। ପାଶ୍ଚାତ୍ୟ ଦେଶମାନେ 'ଅଭୟରାବ୍' ଭେଜାଲ୍ ହୋଇଥିବା ବ୍ୟାଚ୍‌ର ଘାତକ ଚରିତ୍ର ବିଷୟରେ ସତର୍କ ସୂଚନା ଜାରି କରିସାରିଥିବା ବେଳେ ଭାରତରେ ସେଭଳି ନିଷ୍ଠା ଦେଖାଯାଇନାହିଁ। ଯେଉଁ ପୀଡ଼ିତମାନେ ଉକ୍ତ ବିବାଦୀୟ ବ୍ୟାଚ୍‌ର ଟିକା ନେଇସାରିଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ମଧ୍ୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇନାହାନ୍ତି। ଦ୍ୱିତୀୟ ପ୍ରସଙ୍ଗଟି ସାମଗ୍ରିକ ଭାବେ ଦେଶର ଭାବମୂର୍ତ୍ତି, ବିଶ୍ୱସନୀୟତା ଓ ଅର୍ଥନୀତି ସହିତ ଜଡ଼ିତ। ଭାରତୀୟ ଔଷଧ ନିର୍ମାତାଙ୍କ କଫ୍‌ ଶିରପ୍ ଖାଇ ୨୦୨୪ରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ୬୬ ପିଲାଙ୍କର ମୃତ୍ୟୁ ଘଟଣା ପରେ ଉକ୍ତ ଔଷଧର ବ୍ୟବହାର ଓ ବିକ୍ରିବଟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଥିଲା। କିନ୍ତୁ ଏହି ଘଟଣା ପରେ ଭାରତର ଔଷଧର ମାନ ଯାଞ୍ଚ ଲାଗି ଥିବା କର୍ତ୍ତୃପକ୍ଷ ଯେତିକି ତତ୍ପର ହେବା କଥା ସେଥିରେ ବୋଧହୁଏ ଅଭାବ ରହିଗଲା। ତେଣୁ ଏବେ ପୁଣି ଟିକା କ୍ଷେତ୍ରରେ ଭାରତ ଅପବାଦ ମୁଣ୍ଡାଇଛି।

କମ୍ପାନୀ ପକ୍ଷରୁ (୮କଇ୨୪୦୧୪) ବ୍ୟାଚ୍‌ର ନକଲି ଟିକା ବଜାରରେ ବିକ୍ରି ହୋଇଥିବା ସ୍ୱୀକାର କରିଥିବା ବେଳେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ସ୍ପଷ୍ଟୀକରଣ ଦେଇଛି। 'ଅଭୟରାବ୍' ଭାରତୀୟ ଟିକା ବଜାରରେ ୪୦% ଅଂଶ ଦଖଲ କରିଛି। ତେଣୁ ଯେଉଁମାନେ ସେହି ଟିକା ନେଇସାରିଛନ୍ତି ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ କେବଳ ଭଗବାନଙ୍କ ଭରସାରେ ରହିଛି। ଅପରପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଅଭିଯୋଗ ମିଳିବା ମାତ୍ରେ ଦିଲ୍ଲୀ, ମୁମ୍ବାଇ, ଆଗ୍ରାର ଔଷଧ ବଜାରରେ ଚଢ଼ଉ କରାଯାଇଥିଲା ଏବଂ 'ଅଭୟରାବ୍'ର ଉକ୍ତ ବ୍ୟାଚ୍‌ର ସମସ୍ତ ଔଷଧକୁ ଜବତ କରାଯାଇଥିଲା। କିନ୍ତୁ ପରୀକ୍ଷା ପରେ ସେଥିରେ ସେଭଳି କିଛି ହାନିକାରକ କିମ୍ବା ଭେଜାଲ୍ ଉପାଦାନ ନଥିବା ଜଣାପଡ଼ିଥିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପାଶ୍ଚାତ୍ୟ ବିକଶିତ ଦେଶମାନେ ଯାହାକୁ ଉଦ୍‌ବେଗଜନକ ଭାବେ ଚିହ୍ନିତ କରିଛନ୍ତି ତାହାକୁ ଭାରତୀୟ କର୍ତ୍ତୃପକ୍ଷ ନିର୍ଭେଜାଲ୍ ପ୍ରମାଣପତ୍ର ଦେଇଦେଲେ କିପରି। ହୁଏତ ଏଥିସହିତ ଦେଶର ଭାବମୂର୍ତ୍ତି ଓ ଅର୍ଥନୀତି ଜଡ଼ିତ ଥିବାରୁ କର୍ତ୍ତୃପକ୍ଷ ଚାପରେ 'ଅଭୟରାବ୍'ର ଉକ୍ତ ବିବାଦୀୟ ବ୍ୟାଚ୍‌କୁ ଅପବାଦମୁକ୍ତ କରିଦେଇଥାଇ ପାରନ୍ତି।

ଆମ ଦେଶର ଔଷଧ ବଜାରର କାରବାର ବାର୍ଷିକ ପ୍ରାୟ ୫୦୦୦ କୋଟି ଡଲାର। ଭାରତ ମଧ୍ୟ ବିଶ୍ୱର ସର୍ବାଧିକ ଜେନେରିକ୍(ମୌଳିକ ଔଷଧ) ଔଷଧ ପ୍ରସ୍ତୁତ କରେ, ଯାହା ଆନ୍ତର୍ଜାତିକ ଆବଶ୍ୟକତାର ୨୦ପ୍ରତିଶତ। କଠୋର ନିୟାମକ ଓ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟରେ ଆମ ଦେଶରେ ଔଷଧ ଓ ଟିକା ଉତ୍ପାଦିତ ହୋଇଥାଏ। ଗୁଣାତ୍ମକମାନ ଦୃଷ୍ଟିରୁ ଉତ୍କୃଷ୍ଟ ଓ ମୂଲ୍ୟ ଦୃଷ୍ଟିରୁ ସୁଲଭ ରହୁଥିବାରୁ ବିଦେଶରେ ଭାରତୀୟ ଔଷଧ ଓ ଟିକାର ଚାହିଦା ଅଧିକ। ଆନ୍ତର୍ଜାତିକ ଔଷଧ ଗୁଣାତ୍ମକମାନ ନିୟନ୍ତ୍ରଣ ସଂସ୍ଥା ଏବଂ ବିଭିନ୍ନ ଦେଶର ସମ୍ପୃକ୍ତ ସଂଗଠନଗୁଡ଼ିକ ଦ୍ୱାରା ଭାରତୀୟ ଔଷଧର ଗୁଣ, ମାନ ଓ ନିରାପତ୍ତା ଅନୁମୋଦିତ। କୋଭିଡ୍, ଏଡ୍ସ ଓ ବିଭିନ୍ନ ଭୂତାଣୁଜନିତ ରୋଗ ସଂକ୍ରମଣ ପ୍ରତିରୋଧକାରୀ ଔଷଧ ଏବଂ ଟିକା ଉତ୍ପାଦନରେ ଭାରତ ବିଶ୍ୱରେ ଏକନମ୍ବର ମାନ୍ୟତା ହାସଲ କରିଛି। କିନ୍ତୁ ଯେତେବେଳେ ନାମୀଦାମୀ ବ୍ରାଣ୍ଡର ଉତ୍ପାଦ ନିମ୍ନମାନର କିମ୍ବା ବିଷାକ୍ତ କିମ୍ବା ଭେଜାଲ୍ ବୋଲି ଜଣାପଡୁଛି ସେତେବେଳେ ଭାରତର ପ୍ରତିଷ୍ଠା ଓ ଭରସା ଉପରେ ଆଞ୍ଚ ଆସୁଛି। ଥରେ ଭରସା ତୁଟିଲେ ସୁଧାର ଆଣିବା ସହଜ ନୁହେଁ।

ସବୁ ପ୍ରତିକାର ଓ ନିୟନ୍ତ୍ରଣ ବ୍ୟବସ୍ଥା ସତ୍ତ୍ୱେ କିଛି ଅସାଧୁ ବ୍ୟବସାୟୀ ଓ ଉତ୍ପାଦନକାରୀ ନକଲି ଔଷଧ କାରବାର ଭଳି ଅମାନବୀୟ କାର୍ଯ୍ୟକଳାପରେ ଜଡ଼ିତ ଅଛନ୍ତି। ନକଲି ଔଷଧ ବିକ୍ରି ହେଉଥିବା ଜଣାପଡ଼ିବା ପରେ ଚିରାଚରିତ ଢଙ୍ଗରେ ଘଟଣାର ତଦନ୍ତ ହେଉଛି। କିନ୍ତୁ ଏହାର ଯେପରି ପୁନରାବୃତ୍ତି ନ ହେବ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆ ନ ଯାଉଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ଏ ଦିଗରେ ମଧ୍ୟ ସରକାର ଦୃଢ଼ ଆଇନ ପ୍ରଣୟନ କରିବା ଦିଗରେ ଚିନ୍ତା କରିବାର ସମୟ ଆସିଯାଇଛି। ମାନବ ଜୀବନର ସୁରକ୍ଷା ସର୍ବୋପରି।

## ସ୍ୱତନ୍ତ୍ର କ୍ଷମତା ଓ ବେତନ ବୃଦ୍ଧିର ଯଥାର୍ଥତା

**ସୌଭାଗ୍ୟ ସୁନ୍ଦରରାୟ**

ଗତ ୪ ବର୍ଷ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟର କର୍ମଚାରୀମାନେ ନିୟମିତ ବର୍ଦ୍ଧିତ ବେତନ ବ୍ୟତିରେକ ୩ରୁ ୬ କିସ୍ତି ପର୍ଯ୍ୟନ୍ତ ଅତିରିକ୍ତ ହାରରେ ବର୍ଦ୍ଧିତ ଭତ୍ତା ପାଇଛନ୍ତି। ଏପରିକି ଗୋଟିଏ ବର୍ଷରେ ଜଣେଜଣେ କର୍ମଚାରୀଙ୍କୁ ୨ରୁ ୩ କିସ୍ତି ପର୍ଯ୍ୟନ୍ତ ଅତିରିକ୍ତ ଭତ୍ତା ପ୍ରଦାନ କରାଯାଇଛି। ଫଳରେ କର୍ମଚାରୀଙ୍କ ବେତନ ସ୍ୱାଭାବିକ ଦରମା ହାରଠାରୁ ପ୍ରାୟ ୧୫୦% ବୃଦ୍ଧି ପାଇଛି। ତେବେ ଏହା କିପରି ସମ୍ଭବ? ଏଇଥିପାଇଁ ସମ୍ଭବ ଯେ, ଏ ବାବଦରେ ପ୍ରଧାନ ବିଚାରପତିଙ୍କ ଇଚ୍ଛାଧୀନ କ୍ଷମତା ରହିଛି। ନିକଟରେ ଅବସର ଗ୍ରହଣ କରିଥିବା ପ୍ରଧାନ ବିଚାରପତି ବି.ଆର ଗଭାଇଙ୍କ ଦୃଷ୍ଟିକୁ ଏହି ବିଷୟ ଆସିଥିଲା। ଫଳରେ ସର୍ବୋଚ୍ଚ ନ୍ୟାୟାଳୟର ସମସ୍ତ ବିଚାରପତିଙ୍କୁ ନେଇ ପୂର୍ଣ୍ଣାଙ୍ଗ ଅଦାଲତରେ ଏ ବିଷୟର ତର୍ଜମା କରାଯାଇଥିଲା ଏବଂ ଅତିରିକ୍ତ ବେତନ ହାର ରଦ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଷୟର ତର୍ଜମା କରୁଥିବା ଅଧିକାଂଶ ବିଚାରପତି ଅନୁଭବ କରିଥିଲେ ଯେ, ସର୍ବୋଚ୍ଚ ନ୍ୟାୟାଳୟ ଏକ ରାଜତନ୍ତ୍ର ନୁହେଁ କି ପ୍ରଧାନ ବିଚାରପତି ରାଜା ନୁହନ୍ତି। ଏହି ନିଷ୍ପତ୍ତି ପରେ ହଠାତ୍ କର୍ମଚାରୀଙ୍କ ଦରମା ହ୍ରାସ ପାଇବାରୁ ଏ ବିଷୟଟି ଲୋକଲୋଚନକୁ ଆସିଲା। ଏଣିକି ସର୍ବୋଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କ ଦରମା ବୃଦ୍ଧି ନିଷ୍ପତ୍ତି ଏକାକୀ ପ୍ରଧାନ ବିଚାରପତି ନେଇପାରିବେ ନାହିଁ। ସମସ୍ତ ବିଚାରପତି ମିଳିତ ଭାବେ ଏ ବାବଦରେ ପଦକ୍ଷେପ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି।

ଏବେ ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ବୃଦ୍ଧି ପ୍ରସଙ୍ଗକୁ ଆସିବା। ଓଡ଼ିଶା ବିଧାନସଭା ଇତିମଧ୍ୟରେ ଗୃହର ସଦସ୍ୟଙ୍କ ଦରମା ପ୍ରାୟ ୩ ଗୁଣ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ୩ ଲକ୍ଷ ୭୪ ହଜାର, ବାଚସ୍ପତି ଓ ଉପମୁଖ୍ୟମନ୍ତ୍ରୀ ୩ ଲକ୍ଷ ୬୮ ହଜାର, କ୍ୟାବିନେଟ ମନ୍ତ୍ରୀ, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ ୩ ଲକ୍ଷ ୬୨ ହଜାର ଟଙ୍କା ବେତନ ପାଇବେ। ଏହା ହେଲା ବିଧାନସଭାର ଇଚ୍ଛାଧୀନ କ୍ଷମତା। ବିଧାୟକମାନଙ୍କୁ ସର୍ବାଧିକ ପରିମାଣର ବେତନ ପ୍ରଦାନ କରିବାରେ ଓଡ଼ିଶା ଏବେ ଦେଶର ୧ ନମ୍ବର ରାଜ୍ୟ। ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଗଠିତ ୧୧ ଜଣିଆ କମିଟିର ସୁପାରିସକ୍ରମେ ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ଏହାକୁ ସମର୍ଥନ କରିଥିଲେ। ବିରୋଧୀ ଦଳ ନେତା ବର୍ଦ୍ଧିତ ଦରମା ନେବାକୁ ମନା କରିଥିଲେ। କମିଟିର ସଦସ୍ୟ ଥିବା ଲକ୍ଷ୍ମଣ ମୁଣ୍ଡା ଅତ୍ୟଧିକ ଦରମା ବୃଦ୍ଧିକୁ ନାପସନ୍ଦ କରିଥିଲେ। ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ପାଇଁ ବର୍ଦ୍ଧିତ ବେତନ ହାର କମ୍ ଥିଲା। ପରେ ଦେଖାଗଲା ଯେ ବିଜେପି ଓ ବିଜେଡି ବିଧାୟକମାନେ ଏହି ବେତନ ବୃଦ୍ଧିକୁ ନାପସନ୍ଦ କଲେ। ତା' ହାଲେ ଏହି ବିଲ ଗୃହରେ କିପରି ଗୃହୀତ ହେଲା? ଦିଲ୍ଲୀ ଚାପରେ ବୋଧହୁଏ ବିଜେପି ବିଧାୟକଗଣ ଏବେ ବେତନ ବୃଦ୍ଧିର ପୁନର୍ବିଚାର କଥା ଉଠାଇଛନ୍ତି।

ପ୍ରଥମତଃ, ବିଧାୟକମାନେ ନିଜକୁ ଜନସେବକ ବୋଲି କହୁଛନ୍ତି। ସେମାନେ ବିଧାନସଭାରେ ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ କରିଥା'ନ୍ତି। କେଉଁ କାରଣ ପାଇଁ ଜନସେବକଙ୍କ ନିମନ୍ତେ ଦରମା ନିଅଣ୍ଟ ହେଉଛି ଏହି ପରିପ୍ରେକ୍ଷୀରେ ତାହାର ତର୍ଜମା ହେବାର ଆବଶ୍ୟକତା ରହିଛି। ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକମାନେ କାହିଁକି ଟଙ୍କା ବାଣ୍ଟନ୍ତି? ଏହା ଭୋଟ ବ୍ୟାଙ୍କ ଓ କର୍ମୀଙ୍କୁ ଧରି ରଖିବା ପାଇଁ ଉଦ୍ଦିଷ୍ଟ ବୋଲି ମନେହୁଏ।

ଉପରୋକ୍ତ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଉଛି ଯେ ଏସବୁ ଇଚ୍ଛାଧୀନ ବ୍ୟବସ୍ଥାର ଦୁରୁପଯୋଗ। ଆମର ସାମ୍ବିଧାନିକ ଓ ପ୍ରଶାସନିକ ବ୍ୟବସ୍ଥାରେ ଇଚ୍ଛାଧୀନ କ୍ଷମତା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଛି। ଏହି ଇଚ୍ଛାଧୀନ କ୍ଷମତାଟି କ'ଣ ତାହା ଆଲୋଚନା କରାଯିବାର ସମୟ ଏବେ ଆସିଛି। ଯାହା ଜଣାଯାଏ ଏକ ଜରୁରୀ ପରିସ୍ଥିତିର ମୁକାବିଲା ବା ସମାଜର ବୃହତ୍ତର କଲ୍ୟାଣ ଦୃଷ୍ଟିରୁ ଇଚ୍ଛାଧୀନ କ୍ଷମତା ବଳରେ ନିଷ୍ପତ୍ତି ନିଆଯିବା ନିମନ୍ତେ ଏହି ବ୍ୟବସ୍ଥାଟି ରହିଛି। କିନ୍ତୁ ଦେଖାଯାଉଛି ଏହି କ୍ଷମତାର ପ୍ରୟୋଗ ଅବିଚାରିତ ଭାବେ କରାଯାଉଛି। ଇଚ୍ଛାଧୀନ କୋଟା ବଳରେ କେନ୍ଦ୍ର ପେଟ୍ରୋଲିମ ମନ୍ତ୍ରାଣାଳୟ ୨୦୦୦ ମସିହାରୁ ଯେଉଁ ପେଟ୍ରୋଲ ପମ୍ପ, ଏଲପିଜି ଓ କିରାସିନି ଏଜେନ୍ସି ବଣ୍ଟନ କରିଥିଲେ ୨୦୦୨ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାହାକୁ ରଦ୍ଦ କରିଥିଲେ। ସେତେବେଳେ ବ୍ୟବସ୍ଥାଗତ ସ୍ୱଚ୍ଛତା ପାଇଁ ଏହା କରାଯାଇଥିଲା। ଓଡ଼ିଶାରେ ମଧ୍ୟ ଅତୀତରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ମନ୍ତ୍ରୀଙ୍କ ନିକଟରେ ଥିବା ଇଚ୍ଛାଧୀନ ଜମି ଆବଣ୍ଟନ କୋଟା କ୍ଷମତା ରଦ୍ଦ କରାଯାଇଛି।

ଏବେ ଦେଶରେ ପ୍ରାୟ ୨ କୋଟି ସରକାରୀ କର୍ମଚାରୀ କାର୍ଯ୍ୟରତ। ଏଥିମଧ୍ୟରୁ ୫୦ ଲକ୍ଷ କର୍ମଚାରୀ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ବେଳେ ଅବଶିଷ୍ଟ ବିଭିନ୍ନ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଛନ୍ତି। ଏହି କର୍ମଚାରୀମାନେ କ'ଣ ନିଜର ବେତନ ଧାର୍ଯ୍ୟ କରିପାରୁଛନ୍ତି? ପ୍ରତି ୧୦ ବର୍ଷରେ କର୍ମଚାରୀଙ୍କ ଦରମା ବୃଦ୍ଧିର ପରମ୍ପରା ରହିଛି। କର୍ମଚାରୀଙ୍କ ଶେଷ ଦରମା ବୃଦ୍ଧି ୨୦୧୬ ମସିହାରେ ହୋଇଥିଲା। ଏଣୁ ପରବର୍ତ୍ତୀ ଦରମା ବୃଦ୍ଧି ୨୦୨୬ ମସିହାରୁ ହେବା କଥା। ତାହା କାହିଁକି ହୋଇପାରୁ ନାହିଁ? ଏଥିପାଇଁ କିଛି ନିୟମାବଳୀ ରହିଛି। ମନ୍ତ୍ରିମଣ୍ଡଳର ଅନୁମୋଦନ, ବେତନ ଆୟୋଗ ଗଠନ, ଆୟୋଗର ସର୍ତ୍ତାବଳୀ, ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ, ରିପୋର୍ଟ ଗ୍ରହଣ ଆଦି ଲମ୍ବା ପ୍ରଶାସନିକ ବ୍ୟବସ୍ଥା ରହିଛି।

ନିକଟରେ ୮ମ ବେତନ ଆୟୋଗ ଗଠନ ହୋଇଛି। ଏହାର ଅଧ୍ୟକ୍ଷ ରହିଛନ୍ତି ଅବସରପ୍ରାପ୍ତ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇ। ସଦସ୍ୟ ଅଛନ୍ତି ପ୍ରଫେସର ପୁଲକ ଘୋଷ। ସଦସ୍ୟ ସଚିବ ଅଛନ୍ତି ପଙ୍କଜ ଜୈନ। ଏ ତିନି ଜଣଙ୍କ ମଧ୍ୟରେ ପଙ୍କଜ ଜୈନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଓ ଜଣେ କର୍ମଚାରୀ। ତେବେ ଦରମା ବୃଦ୍ଧି ନିଷ୍ପତ୍ତି ନେବା ପ୍ରକ୍ରିୟାରେ ତାଙ୍କର ବିଶେଷ ଭୂମିକା ନାହିଁ। ସେ କେବଳ ସରକାରଙ୍କ ପକ୍ଷରୁ ଅନ୍ୟ ଦୁଇ ସଦସ୍ୟଙ୍କୁ ସହାୟତା କରିବେ। ଦୁଇ ସଦସ୍ୟଙ୍କ ମଧ୍ୟରୁ ଜଣେ ବିଚାର ବିଭାଗରୁ ଆସିଥିବା ବେଳେ ଅନ୍ୟଜଣେ ଶିକ୍ଷା ବିଭାଗରୁ ଆସିଛନ୍ତି। ପ୍ରଫେସର ଘୋଷ ଆଇଆଇଏମ, ବାଙ୍ଗାଲୋରର ଅଧ୍ୟାପକ। ଏ କ୍ଷେତ୍ରରେ ସମସ୍ତ ସଦସ୍ୟ ପଦବୀରେ ଯଦି ସରକାରୀ କର୍ମଚାରୀଙ୍କୁ ନିଆଯାଇଥା'ନ୍ତା ତା'ହେଲେ ସମସ୍ୟାଟି ଏଇଆ ହୋଇଥା'ନ୍ତା ଯେ, ସବୁ କର୍ମଚାରୀ-ସଦସ୍ୟ ନିଜ ସ୍ୱାର୍ଥ ନିମନ୍ତେ ଦରମା ହାର ଯଥେଷ୍ଟ ବୃଦ୍ଧି କରିବାକୁ ସୁପାରିସ କରି ଅବିଳମ୍ବେ ରିପୋର୍ଟ ଦାଖଲ କରିଥା'ନ୍ତେ। କିନ୍ତୁ ଆମର ବିଧି ବ୍ୟବସ୍ଥାରେ ତାହା ସମ୍ଭବ ନୁହେଁ। ବିଧାୟକଙ୍କ ଦରମା ବୃଦ୍ଧି ପାଇଁ ଗଠିତ କମିଟି କାହିଁକି ଅନୁରୂପ ହେଉନାହିଁ? କମିଟି ଗଠନ, ଅର୍ଥ ବିଭାଗର ମଞ୍ଜୁରୀ ଆଦି ବିଭିନ୍ନ ପ୍ରଶାସନିକ ବ୍ୟବସ୍ଥା। ଓଡ଼ିଶା ବିଧାୟକଙ୍କ ଶେଷ ଭତ୍ତା ବୃଦ୍ଧି ୨୦୧୭ ମସିହାରେ ହୋଇଥିଲା। କର୍ମଚାରୀଙ୍କ ଦରମା ମଧ୍ୟ ୨୦୧୬ ମସିହାରେ ହୋଇଥିଲା। ତା' ହେଲେ ବିଧାୟକଙ୍କ ଦରମା ଓ ଭତ୍ତା କେଉଁ ଆଧାରରେ ୮ ବର୍ଷରେ ୩ ଗୁଣ ବୃଦ୍ଧି ପାଇଲା? ତେଣୁ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟି ଦ୍ୱାରା ବିଧାନସଭା, ଲୋକସଭା ଓ ରାଜ୍ୟସଭା ସଦସ୍ୟଙ୍କ ବେତନ ଭତ୍ତା ନିର୍ଦ୍ଧାରଣର କରାଯିବାର ଆବଶ୍ୟକତା ରହିଛି।

ସମ୍ବିଧାନର ଧାରା ୧୪୨ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି। ଧାରା ୨୦୦ ଓ ୨୦୧ ରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ମଧ୍ୟ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି। ଏହି ଅଖଣ୍ଡ କ୍ଷମତାର ଅର୍ଥ କ'ଣ ଇଚ୍ଛାଧୀନ ବୋଲି ଧରିବାକୁ ପଡ଼ିବ? ଅର୍ଥାତ ରାଜ୍ୟପାଳ ଓ ରାଷ୍ଟ୍ରପତି ନିଜ ଇଚ୍ଛା ଅନୁଯାୟୀ ସମୟରେ ବିଧାନସଭା କିମ୍ବା ସଂସଦ ଅନୁମୋଦିତ ବିଲ ଅନୁମୋଦନ କରିବେ। ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଧାରା ୧୪୨କୁ ଇଚ୍ଛା ଅନୁଯାୟୀ ପ୍ରୟୋଗ କରପାରିବେ। ତାମିଲନାଡୁର ୧୦ଟି ବିଲ ଅନୁମୋଦିତ 'ଧରି ନିଆଗଲା' ବୋଲି ଧାରା ୧୪୨ର ପ୍ରୟୋଗ ବଳରେ ସର୍ବୋଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ ଯେଉଁ ରାୟ ଦେଲେ ତାହାକୁ ୫ ଜଣିଆ ଖଣ୍ଡପୀଠ ପରବର୍ତ୍ତୀ ଅବସ୍ଥାରେ ନାକଚ କରିଥିବା ଦେଖାଗଲା।

ଏଣୁ ଇଚ୍ଛାଧୀନ ବା ସ୍ୱତନ୍ତ୍ର କ୍ଷମତାକୁ ସୂକ୍ଷ୍ମ ଦୃଷ୍ଟିକୋଣରୁ ଦେଖାଯିବାର ଆବଶ୍ୟକତା ରହିଛି। ନ୍ୟାୟପାଳିକା, ବ୍ୟବସ୍ଥାପିକା ବା କାର୍ଯ୍ୟପାଳିକା ନିକଟରେ କିଛିକିଛି ସ୍ୱତନ୍ତ୍ର କ୍ଷମତା ରହିଛି। ଏହି ସ୍ୱତନ୍ତ୍ର କ୍ଷମତା ଯଦି ସମାଜ କଲ୍ୟାଣ ଦିଗରେ ଉପଯୋଗ ନହୋଇ ନିଜସ୍ୱ ବା ମୁଷ୍ଟିମେୟ ସ୍ୱାର୍ଥରେ ଉପଯୋଗ ହେବ ଏହାକୁ କ୍ଷମତାର ଦୁରୁପଯୋଗ ବୋଲି ଧରିବାକୁ ପଡ଼ିବ।

ବରିଷ୍ଠ ସାମ୍ବାଦିକ
କଟକ, ମୋ: ୯୪୩୭୨୨୯୨୩୩

## ସମ୍ପର୍କର ନୂଆ ଦିଗ

**ଡ. ସୁଶାନ୍ତ କୁମାର ପରିଡ଼ା**



ବିଶ୍ୱ ରାଜନୀତିରେ କେତେକ ରାଜିନାମା ଔପଚାରିକ ଥାଏ। ଆଉ କେତେକ ନୂଆ ଦିଗର ସୂଚନା ଦିଏ। ଇଥିଓପିଆ ସହିତ ଭାରତର ନୂତନ ଦ୍ୱିପାକ୍ଷିକ ସମ୍ପର୍କ ଏହି ଦ୍ୱିତୀୟ ପର୍ଯ୍ୟାୟର। ଶୀତଳ ଯୁଦ୍ଧ ପରେ ଭାରତ ଅଧିକ ଧ୍ୟାନ ଦେଇଥିଲା ଆମେରିକା, ୟୁରୋପ, ରୁଷ ଓ ପୂର୍ବ-ଏସିଆ ଉପରେ। କିନ୍ତୁ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଭାରତ ଆଫ୍ରିକାକୁ ଭବିଷ୍ୟତର ଏକ ମୁଖ୍ୟ ସାଥୀ ଭାବରେ ଦେଖୁଛି।

ଭାରତ ଆଫ୍ରିକା ସହ କେବଳ ବ୍ୟବସାୟ କିମ୍ବା ସମ୍ପଦ ଉପରେ ଭିତ୍ତି କରି ସମ୍ପର୍କ ଗଢ଼ିବାକୁ ଚାହୁଁନାହିଁ; ଭାରତ ଚାହୁଁଛି ଦୀର୍ଘକାଳୀନ, ସମାନତାମୂଳକ ଓ ଆତ୍ମୀୟ ସମ୍ପର୍କ। ସାମ୍ପ୍ରତିକ ଭାରତୀୟ ବିଦେଶନୀତିର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ବ୍ୟକ୍ତିଗତ ସମ୍ପର୍କ ଓ ମାନବୀୟ ଭାବନାକୁ ଗୁରୁତ୍ୱ। ଇଥିଓପିଆ ଯାତ୍ରାରେ ମଧ୍ୟ ସେଇ ଭାବନା ପ୍ରକାଶ ପାଇଛି। ଭାରତ ନିଜକୁ 'ବଡ଼ ଭାଇ' ଭାବେ ପ୍ରସ୍ତୁତ କରୁନାହିଁ, ବରଂ 'ସହଯାତ୍ରୀ' ଭାବେ ପ୍ରସ୍ତୁତ କରୁଛି। ଇଥିଓପିଆ ଆଜି ଅର୍ଥନୀତିକୁ କୃଷି ଉପରୁ ଶିଳ୍ପ ଓ ସେବା କ୍ଷେତ୍ର ଦିଗକୁ ନେଇଯିବାକୁ ଚେଷ୍ଟା କରୁଛି। ରେଳପଥ, ସଡ଼କ, ବିଦ୍ୟୁତ, ଶିଳ୍ପ ପାର୍କ ଏହି ସବୁ କ୍ଷେତ୍ରରେ ବଡ଼ ନିବେଶ ଦରକାର। ଏଠି ଭାରତୀୟ କମ୍ପାନୀମାନଙ୍କ ପାଇଁ ଅନେକ ସୁଯୋଗ ରହିଛି। କିନ୍ତୁ ଭାରତର ଭୂମିକା କେବଳ ନିବେଶକ ଭାବରେ ନୁହେଁ। ଭାରତ ଇଥିଓପିଆକୁ ବୈଷୟିକ ସହଯୋଗ, ଦକ୍ଷତା ବିକାଶ ଓ ମାନବ ସମ୍ପଦ ତିଆରିରେ ସାହାଯ୍ୟ କରିପାରେ। ଆଇଟି, ଡିଜିଟାଲ ପେମେଣ୍ଟ, ଇ-ଗଭର୍ନାନ୍ସ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ଭାରତର ଅନୁଭବ ଇଥିଓପିଆ ପାଇଁ ବହୁତ ମୂଲ୍ୟବାନ। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଭାରତ ଏକ ଭରସାଯୋଗ୍ୟ ସାଥୀ। ଇଥିଓପିଆ ପରି ଦେଶରେ ଶସ୍ତା ଓ ଉଚ୍ଚ ଗୁଣମାନର ଔଷଧ ଏକ ବଡ଼ ଆବଶ୍ୟକତା, ଯାହାକୁ ଭାରତ ପୂରଣ କରିପାରେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତ ଆଡିସ୍ ଆବାବାର ମହାତ୍ମା ଗାନ୍ଧୀ ହସ୍ପିଟାଲର କ୍ଷମତା ବୃଦ୍ଧିରେ ସହଯୋଗ କରିବ। ବିଶେଷତଃ ମାତୃ ସ୍ୱାସ୍ଥ୍ୟ ଓ ନବଜାତ ଶିଶୁ ସେବାକୁ ଆହୁରି ଉନ୍ନତ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏହାଛଡ଼ା ଇଥିଓପିଆର ହଜାର ହଜାର ଛାତ୍ରଛାତ୍ରୀ ଆଜି ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପଢୁଛନ୍ତି। ସେମାନେ ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ ସେତୁ ଭାବେ କାମ କରିବେ। ତେଣୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇସିସିଆର ଛାତ୍ରବୃତ୍ତି ସଂଖ୍ୟାକୁ ଦଇଗୁଣା କରାଯାଇଛି। ଆଇଟିଇସି କାର୍ଯ୍ୟକ୍ରମ ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିଶେଷ ସଂକ୍ଷିପ୍ତ ଅବଧିର ପାଠ୍ୟକ୍ରମ ଆରମ୍ଭ କରାଯିବ, ଯାହା ଇଥିଓପିଆର ଯୁବ ପେସାଦାରମାନଙ୍କୁ ଆଗାମୀ ପ୍ରଯୁକ୍ତି ପାଇଁ ପ୍ରସ୍ତୁତ କରିବ। ସାଂସ୍କୃତିକ ଦୃଷ୍ଟିରୁ ଭାରତ ଓ ଇଥିଓପିଆରେ ଅନେକ ସାଧାରଣତା ରହିଛି। ଧର୍ମୀୟ ବହୁବିଧତା, ପୁରାତନ ପରମ୍ପରା, ପରିବାରମୁଖୀ ସମାଜ ଏହି ସବୁ ଦିଗ ଦୁଇ ଦେଶକୁ ନିକଟ କରେ। ଏହି ସାଂସ୍କୃତିକ ସମ୍ପର୍କ ଆର୍ଥିକ ଓ ରାଜନୈତିକ ସମ୍ପର୍କକୁ ଅଧିକ ଦୃଢ଼ କରେ।

ଆଜି ଆଫ୍ରିକା ଉପରେ ବିଶ୍ୱର ସମସ୍ତ ବଡ଼ ଶକ୍ତିଙ୍କ ନଜର ରହିଛି। କେହି ଖଣିଜ ସମ୍ପଦ ପାଇଁ, କେହି ରଣନୀତିକ ଅଞ୍ଚଳ ପାଇଁ, କେହି ବଜାର ପାଇଁ। ଏମିତି ପରିସ୍ଥିତିରେ ଆଫ୍ରିକାକୁ ଏକ ସମାନତାମୂଳକ ସହଯୋଗୀ ଦରକାର। ଭାରତ ସେଇ ଭୂମିକା ନେବାକୁ ଚେଷ୍ଟା କରୁଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ 'କୌଶଳଗତ ସହଯୋଗ'(ଷ୍ଟ୍ରାଟେଜିକ୍ ପାର୍ଟନର) ମାନ୍ୟତା ଦିଆଯାଇଛି, ଯାହା ଦୁଇ ଦେଶର ମିତ୍ରତାରେ ଗୁରୁତ୍ୱପୂର୍ଣ୍ଣ ଭାବେ ପରିଗଣିତ କରାଯାଉଛି। ଇଥିଓପିଆର ବିଦେଶ ମନ୍ତ୍ରଣାଳୟରେ ଏକ ଡାଟା ସେଣ୍ଟର ସ୍ଥାପନ, ଜାତିସଂଘ ଶାନ୍ତିରକ୍ଷା କାର୍ଯ୍ୟରେ ପ୍ରଶିକ୍ଷଣ ସହଯୋଗ ଏବଂ କଷ୍ଟମ୍ସ କ୍ଷେତ୍ରରେ ପାରସ୍ପରିକ ପ୍ରଶାସନିକ ସହଯୋଗ ସମ୍ବନ୍ଧୀୟ ଚୁକ୍ତି ଦୁଇଦେଶ ମଧ୍ୟରେ ସ୍ୱାକ୍ଷର ହୋଇଛି। ଜି୨୦ କମନ୍ ଫ୍ରେମୱର୍କ ଅନୁସାରେ ଇଥିଓପିଆର ଋଣ ପୁନର୍ଗଠନ ସମ୍ବନ୍ଧୀୟ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି, ଯାହା ଭାରତ ଇଥିଓପିଆ ଆର୍ଥିକ ସହଯୋଗକୁ ଆହୁରି ମଜବୁତ କରିବ।

ଇଥିଓପିଆ ଆଫ୍ରିକାର ଏକ ବିଶେଷ ଦେଶ। ଏହା କେବେ ଉପନିବେଶ ହୋଇନଥିଲା। ଏହାର ଇତିହାସ, ସଂସ୍କୃତି ଓ ସ୍ୱାଭିମାନ ଆଫ୍ରିକାର ଅନ୍ୟାନ୍ୟ ଦେଶଙ୍କ ପାଇଁ ଏକ ପ୍ରେରଣା। ଆଫ୍ରିକୀୟ ସଂଘର ମୁଖ୍ୟାଳୟ ଆଡିସ୍ ଆବାବାରେ ଥିବା କାରଣରୁ ଇଥିଓପିଆ କେବଳ ଏକ ଦେଶ ନୁହେଁ, ସମ୍ପୂର୍ଣ୍ଣ ଆଫ୍ରିକାର ଏକ କୂଟନୀତିକ କେନ୍ଦ୍ର। ଏହି ପୃଷ୍ଠଭୂମିରେ ଭାରତ-ଇଥିଓପିଆ ସମ୍ପର୍କ ଉଭୟ ଦେଶ ଓ ବିଶ୍ୱ ରାଜନୀତି ପାଇଁ ଏକ ବିଶେଷ ଗୁରୁତ୍ୱ ବହନ କରେ। ଏହି ବୁଝାମଣା ଯଦି କାଗଜରେ ସୀମିତ ନ ରହି, କାର୍ଯ୍ୟରେ ପରିଣତ ହୁଏ, ତେବେ ଏହା କେବଳ ଦୁଇ ଦେଶ ପାଇଁ ନୁହେଁ, ସମ୍ପୂର୍ଣ୍ଣ ବିକାଶଶୀଳ ବିଶ୍ୱ ପାଇଁ ଏକ ଉଦାହରଣ ହେବ। ଭାରତ ଓ ଇଥିଓପିଆ ଦୁଇଟି ଦେଶ ଯଦି ସମାନତା, ସମ୍ମାନ ଓ ଭରସା ଉପରେ ଭିତ୍ତି କରି ଆଗକୁ ବଢ଼ନ୍ତି, ତେବେ ଏହି ସମ୍ପର୍କ ଆଗାମୀ ଦଶକରେ ଆଫ୍ରିକାଏସିଆ ସହଯୋଗର ଏକ ମଡେଲ୍ ହୋଇଉଠିପାରିବ।

(ବିଭାଗୀୟ ମୁଖ୍ୟ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା), ମୋ: ୯୪୩୭୨୧୦୪୫୮

## କୋଣ୍ଡାଲା ରାୟଡୁ ଓ ବିଛା ମଜାର୍

**ଓଜସ୍ୱିନୀ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ବିଛାପୂଜନ ସମ୍ପର୍କିତ ଅନ୍ୟ ଏକ ମନ୍ଦିର ଆନ୍ଧ୍ରପ୍ରଦେଶର କୁରନୁଲ୍ ଜିଲ୍ଲାର କୋଣ୍ଡମୁରୁରେ ଅଛି, ଯେଉଁଠାରେ ଭକ୍ତମାନେ ଜୀବନ୍ତ ବିଛାକୁ ନେଇ ଠାକୁରଙ୍କୁ ଅର୍ପଣ କରନ୍ତି। କୋଣ୍ଡମୁରୁର ପାହାଡ଼ ଶିଖରରେ ଥିବା ଏହି ମନ୍ଦିର 'କୋଣ୍ଡାଲା ରାୟଡୁ' ନାମରେ ପ୍ରସିଦ୍ଧ। ଏହି ମନ୍ଦିର ଭଗବାନ ଭେଙ୍କଟେଶ୍ୱର ସ୍ୱାମୀଙ୍କୁ ସମର୍ପିତ। ଠାକୁରଙ୍କୁ ଜୀବନ୍ତ ବିଛା ଅର୍ପଣ କଲେ ଆଶୁ ମନସ୍କାମନା ପୂରଣ ହେଉଥିବାର ବିଶ୍ୱାସ କରାଯାଏ। ତେଣୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସିବା ପୂର୍ବରୁ ପାହାଡ଼ ଉପରକୁ ଯାଇ ଜୀବନ୍ତ ବିଛା ଖୋଜି ହାତରେ ଧରି ମନ୍ଦିରକୁ ଆସନ୍ତି। ବିଛାକୁ ଧରିବା ପାଇଁ କୌଣସି ବସ୍ତୁର ଉପଯୋଗ ମଧ୍ୟ ହୁଏନାହିଁ। ଠାକୁରଙ୍କ କୃପାରୁ ବିଛା ସେମାନଙ୍କର କୌଣସି କ୍ଷତି କରନ୍ତି ନାହିଁ ବୋଲି ଭକ୍ତମାନେ କୁହନ୍ତି। ଭକ୍ତମାନଙ୍କ ବିଶ୍ୱାସ ଏତେ ଗଭୀର ଯେ, ଆଜିପର୍ଯ୍ୟନ୍ତ ସେଭଳି କୌଣସି ପ୍ରତିକୂଳ ଘଟଣା ଦେଖିବାକୁ ମିଳିନାହିଁ। ତେଣୁ ପିଲାମାନେ ମଧ୍ୟ ହାତରେ ବିଛା ଧରି ମନ୍ଦିରକୁ ଯାଉଥିବାର ଦେଖିବାକୁ ମିଳେ। ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲିଆସୁଛି। ଶ୍ରାବଣ ମାସର ତୃତୀୟ ସୋମବାରରେ ମନ୍ଦିରରେ ଭକ୍ତଙ୍କ ଭିଡ଼ ଅଧିକ ପରିଲକ୍ଷିତ ହୋଇଥାଏ।

**ବିଚିତ୍ର ବିଶ୍ୱାସ**

ସେହିଭଳି ଉତ୍ତର ପ୍ରଦେଶର ଅମରୋହାଠାରେ ଥିବା ହଜରତ ଶାହ ବିଲାୟତ ନାମକ ଦର୍‌ଗାହରେ ମଧ୍ୟ ଅସଂଖ୍ୟ ବିଛା ଦେଖାଯାଆନ୍ତି। ଏଠାକୁ ଆସୁଥିବା ଲୋକମାନଙ୍କ ପାଦ ପାଖରେ ସେହିସବୁ ବିଷାକ୍ତ ବିଛାଗୁଡ଼ିକ ବିଚରଣ କରୁଥିଲେ ମଧ୍ୟ କେହି ଭୟଭୀତ ହୁଅନ୍ତି ନାହିଁ। ସେଠାରେ ଥିବା ବିଛାଗୁଡ଼ିକ ବିଗତ ୮୦୦ ବର୍ଷ ଧରି ବଞ୍ଚି ରହିଛନ୍ତି ଏବଂ କାହାକୁ ଦଂଶନ କରନ୍ତି ନାହିଁ ବୋଲି କୁହାଯାଏ। ଏହି ଦର୍‌ଗାହର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଏଠାକୁ ବାହାରର କୌଣସି ବିଛା ଆସିଯିବା ପରେ ତା'ର ସ୍ୱଭାବରେ ଆପେ ଆପେ ପରିବର୍ତ୍ତନ ହୋଇଯାଏ। କେହି ମଧ୍ୟ କୌଣସି ବିଛାକୁ ବିନା ଅନୁମତିରେ ବାହାରକୁ ନେଇପାରିବେ ନାହିଁ ବୋଲି ନିୟମ ରହିଛି। ତେଣୁ ଲୋକମାନେ ଏହି ସ୍ଥାନକୁ 'ବିଛା ମଜାର୍' ମଧ୍ୟ କହିଥା'ନ୍ତି।

୮୫୦ ବର୍ଷ ପୁରୁଣା ଏହି ଦର୍‌ଗାହ ସମ୍ପର୍କିତ ଜନଶ୍ରୁତି ରହିଛି ଯେ, ହଜରତ ସୈୟଦ ଶରଫ ଉଦ୍ଦିନ ଶାହ ବିଲାୟତ ସୁଦୂର ଇରାନ୍‌ରୁ ଏଠାକୁ ଆସିଥିଲେ। ତାଙ୍କର ଗୁରୁ କହିଥିଲେ ଯେ, 'ଯେଉଁଠାରେ ତୁମକୁ ରୋହୁ ମାଛ ଓ ଆମ୍ବ ଖାଇବାକୁ ମିଳିବ, ସେଠାରେ ତୁମର ଯାତ୍ରା ସମାପ୍ତ ହେଲା ବୋଲି ଭାବିନେବ।' ଅମରୋହାଠାରେ ପହଞ୍ଚିବା ପରେ ତାଙ୍କୁ ଜଣେ ବୃଦ୍ଧା ରୋହୁମାଛ ସହିତ ଆମ୍ବ ଓ ରୁଟି ଖାଇବା ପାଇଁ ଦେଇଥିଲେ। ସେହିଦିନଠାରୁ ସେ ଅମରୋହାରେ ରହିଗଲେ। ଏକଦା ଜଣେ ବୃଦ୍ଧ ତାଙ୍କ ପାଖକୁ ଆସି କହିଲେ, 'ଏଠାରେ ବହୁତ ସାପ ଓ ବିଛା ଅଛନ୍ତି, ଯେଉଁ କାରଣରୁ ଲୋକମାନେ ସବୁବେଳେ ଭୟଭୀତ ହୋଇ ରହୁଛନ୍ତି ଏବଂ ଆପଣଙ୍କ ପାଖକୁ ଆସିବା ପାଇଁ ଅସୁବିଧା ହେଉଛି।' ଏହାର ଉତ୍ତରରେ ହଜରତ ଶାହ ବିଲାୟତ କହିଲେ ଯେ, 'ମୋର ଦର୍‌ଗାହରେ ସାପ ଓ ବିଛା ରହିଲେ ମଧ୍ୟ କାହାକୁ ସେମାନେ ଦଂଶନ କରିବେ ନାହିଁ।' ତେଣୁ ଏଠାକୁ ଆସୁଥିବା ଲୋକମାନଙ୍କର ବିଛା କିମ୍ବା ସାପ ପ୍ରତି ଭୟ ନଥାଏ। ଏହି ଦର୍‌ଗାହର ସବୁଠାରୁ ବଡ଼ ବିଶେଷତ୍ତ୍ୱ ହେଉଛି ଯେ ଗୋଟିଏ ବିଛାକୁ ମାତ୍ର କିଛି କ୍ଷଣ ପାଇଁ ଦର୍‌ଗାହ ବାହାରକୁ ନେବାକୁ ଅନୁମତି ମିଳିଥାଏ। କିନ୍ତୁ ଗୋଟିଏ ମିନିଟ୍‌ରୁ ଅଧିକ ହେଲେ ଉକ୍ତ ବ୍ୟକ୍ତି ବିଛା ଦଂଶନରେ ମୃତ୍ୟୁବରଣ କରିଥାଏ। ଏଭଳି ଆଲୌକିକତାଭରା ଏହି ଦର୍‌ଗାହକୁ ଦୂରଦୂରାନ୍ତରୁ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଲୋକମାନେ ମନସ୍କାମନା ପୂରଣ କରିବାକୁ ଆସିଥା'ନ୍ତି। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୨୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଲୋକାର୍ପଣ ହେଲା ରାଇରଙ୍ଗପୁର ଇଗ୍ନୋ



■ ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ରକୁ ଶୁଭାରମ୍ଭ କରିଲେ ରାଷ୍ଟ୍ରପତି
■ ଅସ୍ଥାୟୀ କ୍ୟାମ୍ପସ୍‌ରେ ଆରମ୍ଭ ହେଲା ଶିକ୍ଷାଦାନ
■ ଆଦିବାସୀ ବହୁଳ ଅଞ୍ଚଳରେ ବୃଦ୍ଧି ପାଇବ ଶିକ୍ଷାର ମାନଦଣ୍ଡ

ରାଇରଙ୍ଗପୁର,୧।୧(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷାର ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ର ଆଞ୍ଚଳିକ ଓ ଦକ୍ଷତା କେନ୍ଦ୍ର ଗୁରୁବାର ରାଇରଙ୍ଗପୁରରେ ଲୋକାର୍ପଣ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭର୍ଚୁଆଲ ମୋଡ୍‌ରେ ଯୋଡ଼ି ହୋଇ ଲୋକର୍ପଣ କରିଛନ୍ତି। ଭର୍ଚୁଆଲରେ ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦକ୍ଷତା ବିକାଶ ବିଭାଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ଇଗ୍ନୋ କୁଳପତି ପ୍ରଫେସର ଉମା କଞ୍ଜିଲାଲ ପ୍ରମୁଖ ଉପସ୍ଥିତ ଥିଲେ।

ରାଇରଙ୍ଗପୁର ଟାଉନ୍ ହଲ୍‌ଠାରେ ଇଗ୍ନୋ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଇଗ୍ନୋ ଜରିଆରେ ଅନେକ ଡିଷ୍ଟାନ୍ସ କୋର୍ସର ଶିକ୍ଷା ଗ୍ରହଣ କରାଯାଇଥାଏ। ରାଇରଙ୍ଗପୁରରେ ଏହା ସ୍ଥାପନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉନ୍ନତି ସହ ଶିକ୍ଷାର ମାନ ବୃଦ୍ଧି କରିବା ନିମନ୍ତେ ଅନେକ ସହାୟକ ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି। ଶିକ୍ଷା ଓ ଦକ୍ଷତା ବିକାଶ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳ ରାଇରାଙ୍ଗପୁରରେ ଏହି କେନ୍ଦ୍ର ସ୍ଥାପନା ହେବା ଦ୍ୱାରା ସ୍ଥାନୀୟ ଯୁବକ, ଯୁବତୀ, ବ୍ୟକ୍ତି, ଗୃହିଣୀ ଓ ଶିକ୍ଷାରୁ ବଞ୍ଚିତ ଲୋକମାନଙ୍କ ପାଇଁ ନୂଆ ସମ୍ଭାବନାର ଦ୍ୱାର ଖୋଲିଛି। ଏହା ମାଧ୍ୟମରେ ମୁକ୍ତ ଓ ଦୂରଶିକ୍ଷା ପ୍ରଣାଳୀ ଦ୍ୱାରା ଉଚ୍ଚଶିକ୍ଷା ସହିତ ଦକ୍ଷତାମୂଳକ ତାଲିମ ଲୋକମାନଙ୍କ ଦ୍ୱାରା ସହଜରେ ଗ୍ରହଣ କରାଯିବା ସମ୍ଭବ ହେବ। ରାଷ୍ଟ୍ରପତି ତାଙ୍କ ଉଦ୍‌ବୋଧନ ଦେଇ କହିଥିଲେ ଯେ ଶିକ୍ଷା ହେଉଛି ଏକ ସଶକ୍ତ ଓ ସମାବେଶୀ ରାଷ୍ଟ୍ର ଗଠନର ମୂଳ ଆଧାର। ଆଦିବାସୀ ଅଞ୍ଚଳରେ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ସୁବିଧା ପହଞ୍ଚିବା ନିମନ୍ତେ ଇଗ୍ନୋ ପରି ପ୍ରତିଷ୍ଠାନଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଭାଷଣରେ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ ଶିକ୍ଷାକୁ ସୁଗମ ଏବଂ କୌଶଳମୁଖୀ କରିବା ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ। ରାଇରାଙ୍ଗପୁରରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଏବଂ କୌଶଳ କେନ୍ଦ୍ର ସ୍ଥାପନା ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ବୋଲି କହିଛନ୍ତି।

ପୂର୍ବରୁ ଭୁବନେଶ୍ୱରଠାରେ ଆଞ୍ଚଳିକ କେନ୍ଦ୍ର ଥିବାବେଳେ ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା। କିନ୍ତୁ ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗ୍ନୋ ପକ୍ଷରୁ ଓଡ଼ିଶାର ୪ଟି ଜୋନ୍‌ରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ କି ଉତ୍ତର ଓଡ଼ିଶା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ କେନ୍ଦ୍ର ସ୍ଥାପନ କରାଯାଇଛି। ଉକ୍ତ ଆଞ୍ଚଳିକ କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ରହିଛି। ଉକ୍ତ ଜିଲ୍ଲାର ସମସ୍ତ ଇଗ୍ନୋ ପରୀକ୍ଷା କେନ୍ଦ୍ର ଏହି ଆଞ୍ଚଳିକ କେନ୍ଦ୍ର ଅଧୀନରେ ରହିବ। ବର୍ତ୍ତମାନ ଅସ୍ଥାୟୀ ଭାବେ ନିୟମିତ ବଜାରସ୍ଥିତ ମଣ୍ଡପ ପରିସରରେ ଆଞ୍ଚଳିକ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଆଗକୁ ସ୍ଥାୟୀ କ୍ୟାମ୍ପସ୍ ହେବାକୁ ରାଇରଙ୍ଗପୁର ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ୧.୨୫ ଏକର ଜମି ଚିହ୍ନଟ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହେଲେ କେନ୍ଦ୍ର ସ୍ଥାପନ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଆଞ୍ଚଳିକ କେନ୍ଦ୍ର ସହିତ ଦକ୍ଷତା ବିକାଶ କେନ୍ଦ୍ର ଆରମ୍ଭ ହୋଇଛି। ଯାହାକି ଯୁବକ/ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ।

## ବିଦ୍ୟୁତ୍ ସଂସ୍ପର୍ଶରେ ଅଢେଇ ବର୍ଷ ଶିଶୁର ମୃତ୍ୟୁ

ଯାଜପୁର,୧।୧(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ତାଳପଦା ଗାଁରେ ଅଭାବନୀୟ ଘଟଣା ଘଟିଛି। ଜଣେ ଅଢ଼େଇ ବର୍ଷର ଶିଶୁପୁତ୍ରର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ରାକେଶ ସାହୁଙ୍କ ପୁଅ ଓମପ୍ରକାଶ ସାହୁ ବାଡ଼ିରେ ସକାଳେ ଖେଳୁଥିବା ସମୟରେ ସେଠାରେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ତାକୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପଡ଼ୋଶୀ ମାନସ ପଣ୍ଡା ନିଜ ବାଡ଼ି ଧାନ ଖଳାରେ ଧାନ ମେସିନ ଲଗାଇ ଧାନ ଅମଳ କରୁଥିଲେ। ସେ ଟ୍ରାନ୍ସଫର୍ମରରୁ ହୁକ ପକାଇ ବିଦ୍ୟୁତ୍ ଆଣି



ଥିବାବେଳେ ଏଭଳି ଅଘଟଣ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଯାଜପୁର ସଦର ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ୩ ଓ ୪ ତାରିଖରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ

# ମାର୍ଚ୍ଚରେ ଓଡ଼ିଶା ଆସିବେ ପ୍ରିୟଙ୍କା

### ବର୍ଷକରେ ୧୦ ବଡ଼ ସମାବେଶ କରିବ କଂଗ୍ରେସ

ଭୁବନେଶ୍ୱର,୧।୧(ସମିସ): ଆସନ୍ତା ମାର୍ଚ୍ଚ ମାସରେ ଓଡ଼ିଶା ଗସ୍ତରେ ଆସିବେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ। ଓଡ଼ିଶାରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ହେବାକୁ ଥିବା ମହିଳା ସମାବେଶରେ ପ୍ରିୟଙ୍କା ଯୋଗଦେବେ। ଯଦିଓ ଏହି ସମାବେଶ କେଉଁଠାରେ ହେବ ତାହା ସ୍ଥିର ହୋଇନାହିଁ, ତେବେ ପ୍ରିୟଙ୍କାଙ୍କ ଗସ୍ତ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଆଜି ସୂଚନା ଦେଇଛନ୍ତି। ରାଜ୍ୟ କଂଗ୍ରେସର ୨୦୨୬ର ରଣନୀତିକୁ ନେଇ ପିସିସି ସଭାପତି କହିଛନ୍ତି, ଏବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ କଂଗ୍ରେସ ପ୍ରାୟ ୧୦ବଡ଼ ସମାବେଶ କରିବା ନେଇ ଯୋଜନା କରିଛି। ଏହି କ୍ରମରେ ପ୍ରଥମ ସମାବେଶ ଆସନ୍ତା ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବ। ରାଜ୍ୟରେ ନାରୀ ନ୍ୟାୟ ପାଇଁ କଂଗ୍ରେସ କାର୍ଯ୍ୟ କରୁଛି। ଓଡ଼ିଶା ବର୍ତ୍ତମାନ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ପ୍ରତିଦିନ ମହିଳା ହିଂସା ବଢ଼ୁଥିବାରୁ ସରକାରଙ୍କ ଉପରେ ଚାପ ପକାଇବାକୁ ମହିଳା ସମାବେଶ ଆୟୋଜନ ପାଇଁ ଦଳ ଚିନ୍ତା କରିଛି। ମହିଳା ଅଧିକାର ଏବଂ ସୁଯୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଦଳର ଲକ୍ଷ୍ୟ। ପ୍ରିୟଙ୍କା ଗାନ୍ଧୀଙ୍କ ନେତୃତ୍ୱ ମହିଳାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସକୁ ପ୍ରେରଣା ଦେବ ଏବଂ ସେମାନଙ୍କୁ ରାଜନୈତିକ ପ୍ରକ୍ରିୟାରେ ସାମିଲ ହେବାକୁ ପ୍ରୋତ୍ସାହିତ କରିବ ବୋଲି ଭକ୍ତ କହିଛନ୍ତି। ପ୍ରିୟଙ୍କାଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତା ଯେମିତି କି ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ମଧ୍ୟ ଓଡ଼ିଶା ଗସ୍ତରେ ଆସିବେ। ସେମାନେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନସମାବେଶରେ ଅଂଶଗ୍ରହଣ କରିବେ। ରାହୁଲ ଗାନ୍ଧି ଓଡ଼ିଶା ଗସ୍ତରେ ବାରମ୍ବାର ଆସିବେ।

ଆସନ୍ତା ୩ ତାରିଖ ସନ୍ଧ୍ୟାରେ କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ ବସିବାର ସୂଚନା ରହିଛି। ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ରହିଛି। ଅନ୍ୟପଟେ ଆସନ୍ତା ୪ରେ ଦଳର ଦଳର ବିଧାୟକ, ବିଭିନ୍ନ ପଦାଧିକାରୀ ଓ ଜିଲ୍ଲାସଭାପତିମାନଙ୍କର ମଧ୍ୟ ଏକ ବୈଠକ ରହିଛି। ପିସିସି ସଭାପତି ଆହୁରି କହିଛନ୍ତି ବର୍ତ୍ତମାନ କଂଗ୍ରେସକୁ ନେଇ ଅଧିକ ଚର୍ଚ୍ଚା ହେଉଛି। କଂଗ୍ରେସ ଉପରକୁ ଉଠୁଥିବାରୁ ଏହି ଚର୍ଚ୍ଚା ହେଉଛି। ୨୦୨୭ରେ ପଞ୍ଚାୟତ ନିର୍ବାଚନ ହେବ। ଆସନ୍ତା ୬ ମାସ ମଧ୍ୟରେ ବିଭିନ୍ନ ଜିଲ୍ଲା ଓ ଜୋନାଲ୍ କମିଟି ଗଠନ ଶେଷ ସହ ପଞ୍ଚାୟତ ନିର୍ବାଚନ ପାଇଁ ଯେଉଁ ପ୍ରକ୍ରିୟା ଓ ପଦକ୍ଷେପ ନିଆଯିବା କଥା ତାହା ଗ୍ରହଣ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

## କୁହୁଡ଼ି ଯୋଗୁଁ ବିମାନ ସେବା ବାଧାପ୍ରାପ୍ତ

# ୫ ବିମାନର ଗତିପଥ ପରିବର୍ତ୍ତନ

### ୩୧ ହଜାର ଫୁଟ୍ ଉପରେ ଦେଢ଼ ଘଣ୍ଟା ଚକ୍କର କାଟିଲା ବିମାନ

ଭୁବନେଶ୍ୱର,୧।୧(ସମିସ): ସକାଳୁ ସକାଳୁ ଘନ କୁହୁଡିରେ ଢାଙ୍କି ହୋଇଥିଲା ଭୁବନେଶ୍ୱର। ଏହା ପ୍ରଭାବରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିମାନଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ଘନ କୁହୁଡି ପାଇଁ ୫ ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି। ୩ ଟି ରାୟପୁରକୁ ଏବଂ ୨ ଟି ବିମାନକୁ କୋଲକାତାକୁ ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରୁ ୩ ଟି ବିମାନ ଦିଲ୍ଲୀରୁ ଆସୁଥିବା ବେଳେ ଗୋଟିଏ ଚେନ୍ନାଇ ଏବଂ ଗୋଟିଏ ବେଙ୍ଗାଲୁରୁରୁ ଆସୁଥିଲା। ସକାଳ ସାଢେ ୬ ଟା ବେଳେ ରନୱେରେ ଦୃଶ୍ୟମାନ କ୍ଷମତା ମାତ୍ର ୫୦ ମିଟର ଥିଲା, ସେଥିପାଇଁ ବିମାନ ଉଡି ପାରିନଥିଲା। ଅତି କାମରେ ଦୃଶ୍ୟମାନ ୫-୫୦ ମିଟର ରହିଲେ ବିମାନ ଉଡାଣ ହୋଇଥାଏ। ହେଲା ଏହା କମ୍ ରହିଥିବାରୁ ଆଜି ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଜଣେ ଯାତ୍ରୀଙ୍କ କହିବା ଅନୁଯାୟୀ ଗୋଟିଏ ବିମାନ ୩୧ ହଜାର ଫୁଟ୍ ଉପରେ ପ୍ରାୟ ଦେଢ଼ ଘଣ୍ଟା ଚକ୍କର କାଟିବା ପରେ ବିମାନଟି ଅବତରଣ କରିପାଥିଲା। ସେ ମୁମ୍ବାଇରୁ ଆସିଥିଲେ। ସେହିପରି ଭୁବନେଶ୍ୱରରୁ ଡେରାଡୁନ ସକାଳ ୬ ଟା ରେ ଥିବା ବିମାନ ଦିନ ୧୦ ଟାରେ ଉଡାଣ କରିଛି। ଜୟପୁର ଉତ୍କେଲା ବିମାନ ମଧ୍ୟ ବିଳମ୍ବରେ ଉଡାଣ ଭରିଛି। ପ୍ରୋଟୋକଲ ଅନୁସାରେ ଯାତ୍ରୀଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆଗକୁ କୁହୁଡି ଜାରି ରହିବ। ଅଧିକ କୁହୁଡି ହେବା ଯୋଗୁଁ ବିମାନ ସେବାରେ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି, ଯାତ୍ରୀମାନେ ଯେଭଳି କୌଣସି ଅସୁବିଧାରେ ନପଡ଼ନ୍ତି ତେଣୁ ଘରୁ ବାହାରିବା ଆଗରୁ ବିମାନ ସମୟ ଯାଞ୍ଚ କରିବାକୁ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ୱିଜରଲାଣ୍ଡ ରିସୋର୍ଟରେ...

ଅଞ୍ଚଳର ଆଲପ୍ସର କେନ୍ଦ୍ରରେ ଅବସ୍ଥିତ ଏକ ବିଳାସପୂର୍ଣ୍ଣ ସ୍କି ରିସର୍ଟ ସହର। ଏହି ସହର ବ୍ରିଟିଶ ପର୍ଯ୍ୟଟକଙ୍କର ଅତିପ୍ରିୟ। ଚଳିତ ଜାନୁଆରୀ ଶେଷରେ କ୍ରାନ୍ସ-ମୋଣ୍ଟାନା ରିସର୍ଟରେ ଏଫ୍‌ଆଇଏସ୍ ବିଶ୍ୱକପ୍ ନାମକ ଏକ ସ୍ପିଡ ସ୍କିଇଂ ଇଭେଣ୍ଟ ଆୟୋଜନ ହେବ। ଛୁଟିର ଋତୁରେ କ୍ରାନ୍ସ- ମୋଣ୍ଟାନା ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ।

### ମହଙ୍ଗା ହେବ...

ରାଜ୍ୟର କେନ୍ଦୁପତ୍ର ଶିଳ୍ପ ଓ ଏହା ସହ ଜଡ଼ିତ ଶ୍ରମିକଙ୍କୁ କ୍ଷତିଗ୍ରସ୍ତ କରିବ। ସମ୍ପ୍ରତି ଓଡ଼ିଶା ସମେତ ଅନେକ ରାଜ୍ୟର ଲକ୍ଷଲକ୍ଷ ଶ୍ରମିକ କେନ୍ଦୁପତ୍ର ଶିଳ୍ପ ସହ ଜଡ଼ିତ। ଉଚ୍ଚ ଶୁଳ୍କ ଯୋଗୁଁ ବଜାର ପ୍ରଭାବିତ ହେବା ଦ୍ୱାରା ଏହି ଶ୍ରମିକମାନେ କ୍ଷତିଗ୍ରସ୍ତ ହେବେ ବୋଲି ଆକଳନ କରାଯାଉଛି। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ ପାଇଁ ଓଡ଼ିଶା ପରି ଅନେକ ରାଜ୍ୟ ବିଭିନ୍ନ ସମୟରେ ଦାବି କରି ଆସିଛନ୍ତି। ବିଭିନ୍ନ ନିର୍ବାଚନ ସମୟରେ କେନ୍ଦୁପତ୍ରରୁ ଜିଏସ୍‌ଟି ହ୍ରାସ ପଶ୍ଚିମ ଓଡ଼ିଶାରେ ନିର୍ବାଚନୀ ପ୍ରସଙ୍ଗ ବି ହୋଇଛି। ମାତ୍ର ଜିଏସ୍‌ଟି ହ୍ରାସ ପରିବର୍ତ୍ତେ ଏହା ଉପରେ ସେସ ବୃଦ୍ଧି ଏହି ଶିଳ୍ପକୁ ପ୍ରଭାବିତ କରିପାରେ ବୋଲି ଆକଳନ କରାଯାଉଛି।

### ଲକ୍ଷ୍ୟ ହାସଲ...

ଓଡ଼ିଶାକୁ ରଖିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ। ଏକ ଉତ୍ତରଦାୟୀ ପ୍ରଶାସନର ଭୂମିକା ନିଭାଇବା ପାଇଁ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ବିଚାର କରିବାକୁ ପଡ଼ିବ। ସମାଜର କୌଣସି ଲୋକ ଯେପରି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସବୁସ୍ତରରେ ଲୋକଙ୍କ ଅଭିଯୋଗ ଶୁଣି ତାକୁ ତୁରନ୍ତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପାଇଁ ସୋସିଆଲ ମିଡିଆକୁ ବହୁଳ ବ୍ୟବହାର ସହ ସମସ୍ୟାର ସମାଧାନ ପାଇଁ ସବୁ ସ୍ତରର ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଶାସନରେ ଦୁର୍ନୀତିଗ୍ରସ୍ତ, ଅପାରଗ ତଥା ଦାୟିତ୍ୱହୀନ ଅଧିକାରୀଙ୍କୁ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସବୁପ୍ରକାର ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ସହ ସରକାରୀ ସ୍ତରରେ ନୋଟିସ, ଚିଠି ଓ ବିଜ୍ଞପ୍ତିକୁ ଓଡ଼ିଆରେ ଲେଖାଯିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ନିର୍ଦ୍ଦେଶ ପାଳନ ନ ହେଲେ ଖିଲାପକାରୀଙ୍କୁ କୈଫିୟତ ତଲବ ପାଇଁ ବି କୁହାଯାଇଛି। ଏତଦ୍ ବ୍ୟତୀତ ରାଜ୍ୟ ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ନିର୍ଦ୍ଦେଶାବଳୀ ଉପରେ ଗୁରୁତ୍ୱ ଦେବା ସହ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ରାଜ୍ୟ ସ୍ୱାର୍ଥ ପାଇଁ...

ଶୁଭେଚ୍ଛା ଗ୍ରହଣ କରିବା ସହ ଶୁଭକାମନା ପ୍ରଦାନ କରିଥିଲେ। ବରିଷ୍ଠ ନେତାଙ୍କ ମଧ୍ୟରେ ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ କୁମାର ଦାସବର୍ମା, ଡ. ଅରୁଣ କୁମାର ସାହୁ, ଟୁକୁନି ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ, ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବହୁ ବରିଷ୍ଠ ନେତା, କର୍ମୀ ଉପସ୍ଥିତ ଥିଲେ।

ଏହି ଅବସରରେ ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ସୁଖସମୃଦ୍ଧି କାମନା କରିବା ସହ ଦଳର କର୍ମୀମାନଙ୍କୁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ବିରୋଧୀ ଦଳର ଭୂମିକାକୁ ନିଷ୍ଠାର ସହ ପାଳନ କରିବାକୁ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଦେଶରେ ଏକ ବିକଶିତ ରାଜ୍ୟରେ ପରିଣତ ହୋଇଥିଲା। ମହାବାତ୍ୟା ପରେ ନବୀନଙ୍କ ନେତୃତ୍ୱ ଓଡ଼ିଶାକୁ ନୂଆ ରୂପ ଦେଇଛି। କ୍ଷମତାରେ ନ ଥିଲେ ମଧ୍ୟ ସେ ରାଜ୍ୟବାସୀଙ୍କ ପାଇଁ ଅହରହ ଚିନ୍ତା କରୁଛନ୍ତି। ଆଜି ନୂଆବର୍ଷରେ ସେ ରାଜ୍ୟବାସୀଙ୍କ ପାଇଁ କାମ କରିବାକୁ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସେବା ଜାରି ରଖିଛି। ତାଙ୍କ ନେତୃତ୍ୱ ପଛରେ ସମସ୍ତେ ଠିଆ ହୋଇଛନ୍ତି ଓ ରହିଥିବେ ବୋଲି ସେ କହିଛନ୍ତି।

### ୭ ଦିନରେ ପିଇଦେଲେ...

ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବ୍ୟବସାୟୀମାନେ ଭିନ୍ନ ଭିନ୍ନ କୌଶଳ ଆପଣାଇ ଥିଲେ। ରାଜଧାନୀରେ ଏଭଳି ମଦ ବିକ୍ରିକୁ ମଦ ବିରୋଧୀ ସଂଗଠନ ପକ୍ଷରୁ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ପ୍ରତ୍ୟେକ ୨ କିଲୋମିଟର ମଧ୍ୟରେ ୫ରୁ ଊର୍ଦ୍ଧ୍ୱ ମଦ ଦୋକାନ ଖୋଲିବେ ତେବେ ମାତ୍ର କିଛି ବର୍ଷ ମଧ୍ୟରେ ସବୁ ମଦୁଆ ହୋଇଯିବେ। ରାଜଧାନୀରେ ଅରାଜକତା ବଢ଼ିବ।

### ବାଂଲାଦେଶରେ ଆଉ...

ହତ୍ୟା କରାଯିବା ପରେ ତାଙ୍କ ମୃତଦେହକୁ ଗଛରେ ଟାଙ୍ଗି ଜାଳି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଆଉ ଦୁଇ ଜଣ ହିନ୍ଦୁ ବ୍ୟକ୍ତି ହତ୍ୟାକାଣ୍ଡର ଶିକାର ହୋଇଥିଲେ। ସେମାନେ ହେଲେ ଅମୃତ ମଣ୍ଡଳ ଓ ବ୍ରଜେନ୍ଦ୍ରର ବିଶ୍ୱାସ। ସୂଚନାଯୋଗ୍ୟ ଯେ ଭାରତ ବିରୋଧୀ ନେତା ହାଦିଙ୍କ ମୃତ୍ୟୁ ପାଇଁ ବିଭିନ୍ନ ଚରମପନ୍ଥୀ ସଂଗଠନ ଭାରତକୁ ଦାୟୀ କରୁଛନ୍ତି। ସେମାନେ ଅଭିଯୋଗ କରୁଛନ୍ତି ଯେ ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଭାରତରେ ଲୁଚିଛନ୍ତି। ଏଥିପାଇଁ ସେମାନେ ଠୋରେ ହିନ୍ଦୁ ଲୋକଙ୍କୁ ଆକ୍ରମଣ କରୁଥିବା ସନ୍ଦେହ କରାଯାଉଛି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ**
NOTIFIED AREA COUNCIL, KHALLIKOTE, GANJAM
Email: nackhallikote@gmail.com, ☎: 06810-295333(O), Pin No. 761030

**ଅଭିନନ୍ଦନ ବାର୍ତ୍ତା**

ଅଦ୍ୟ ତା.୦୧ ଜାନୁୟାରୀ ୨୦୨୬ରିଖ ନବ ବର୍ଷ ଅଭିନନ୍ଦନ ଉପଲକ୍ଷେ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ବ୍ୟବସାୟୀ, ସାମ୍ବାଦିକ ଏବଂ ଜନ ସାଧାରଣଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତ ବ୍ୟବସାୟୀ ବନ୍ଧୁ ଓ ସହରବାସୀଙ୍କୁ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିବେଦନ କରାଯାଉଛି ଯେ,

- ପଲିଥିନ ବ୍ୟବହାର କରନ୍ତୁ ନହିଁ ଓ ପରିବେଶ ପ୍ରଦୂଷଣରୁ ବଞ୍ଚିତ ହୁଅନ୍ତୁ। ପଲିଥିନ ବ୍ୟବହାର କରିବା ନଜରକୁ ଆସିଲେ ଆଇନ ଅନୁଯାଇ ଆର୍ଥିକ ଦଣ୍ଡ ପ୍ରଦାନ କରାଯିବ।
- ପରିଷଦର ଟିକସ, ଗୃହାଟିକସ, ଦୋକାନ ଭଡା ଯଥା ସମୟରେ ଜମା କରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜିକରଣ କରାଇ ନିଅନ୍ତୁ।
- ପରିଷଦରୁ ଗୃହ ନକ୍ସା ମଞ୍ଜୁର ହେଲା ପରେ ଘର ତିଆରି କରନ୍ତୁ ଏବଂ ତିଆରି ହୋଇଯାଇଥିବା ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ।
- ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ ପୃଥକ କରି ରଖନ୍ତୁ। ପରିଷଦ ଦ୍ୱାରା ବ୍ୟବହାର କରାଯାଉଥିବା ଅଳିଆ ସଂଗ୍ରହ ଯାନରେ ରଖିଥିବା ଅଳିଆକୁ ପକାନ୍ତୁ ଏବଂ ସରକାରଙ୍କ ଦ୍ୱାରା ପ୍ରଯୋଜିତ ସ୍ୱଚ୍ଛଭାରତ ଅଭିଜନରେ ସାମିଲ ହୁଅନ୍ତୁ।
- ରାସ୍ତା ଉପରେ ଘର ତିଆରି ସାମଗ୍ରୀ ଯଥା– ଗୋଡି, ବଳି, ଇଟା ଓ ପଥର ଇତ୍ୟାଦି ଜମା କରି ରଖନ୍ତୁ ନହିଁ।
- ଗୃହପାଳିତ ପଶୁ ଯଥା – ଗାଇଗୋରୁ, ଘୁଷୁରୀ ଇତ୍ୟାଦିକୁ ଖୋଲାରେ ଛାଡନ୍ତୁ ନହିଁ।
- ବିଶୁଦ୍ଧ ପାନୀୟଜଳ ବ୍ୟବହାର କରନ୍ତୁ।
- ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନର ୫ ମିଟର ପରିମିତ ଅଞ୍ଚଳକୁ ସଫସୁତୁରା କରି ରଖନ୍ତୁ।

**ବିକାଶ ପଥେ ଖଲ୍ଲିକୋଟ –**

ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନାଗୁଡିକର ସଫଳ ରୂପାୟନ ଓ ପରିଷଦର ନିଜସ୍ୱ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକୁ ଖଲ୍ଲିକୋଟର ବିକାଶ ଧାରାରେ ସାମିଲ କରି ଜନସାଧାରଣଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ପହଞ୍ଚାଇବା ହିଁ ଆମ ସଭିଙ୍କ ଏକମାତ୍ର ଲକ୍ଷ୍ୟ।

*"ଆସନ୍ତୁ ଆମ୍ଭେ ସମସ୍ତେ ମିଶି ଆମ ସହରକୁ ସୁସ୍ଥ ଓ ସ୍ୱଚ୍ଛ ଭାବରେ ଗଢି ତୋଳିବା"*

ଇଂ ନିରଞ୍ଜନ ବେହେରା
ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ।

ଶ୍ରୀ ସନ୍ଦୀପ ଖଡଙ୍ଗା
କାର୍ଯ୍ୟନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ।



**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ**

ନବ ବର୍ଷ - ୨୦୨୬ ଓ ବିଶ୍ୱ ପ୍ରସିଦ୍ଧ ୭୮ତମ ବରଗଡ଼ ବିରାଟ ଧନୁଯାତ୍ରା ଉପଲକ୍ଷେ ବ୍ୟାଙ୍କର ସମସ୍ତ ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛୁ। ଏହି ଅଞ୍ଚଳର ସମସ୍ତ ପରିବାର ହସଖୁସିରେ ଓ ଆନନ୍ଦଉଲ୍ଲାସରେ ଏହି ଯାତ୍ରାକୁ ଉପଭୋଗ କରନ୍ତୁ। ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର ଏକାନ୍ତ କାମ୍ୟ।

ଶ୍ରୀଯୁକ୍ତ ଭକ୍ତେଶ୍ୱର ମଳିକ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ
ସଭାପତି



O-1920
Email ID-cuttackrw2nd@yahoo.co.in
Telephone / Fax No. (0671)-2445119

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, CUTTACK**

**e-procurement Notice for Road work**

**Bid Identification No. SECTC-II-25 of 2025-26 dt. 30.12.2025**

| | | | |
|---|---|---|---|
| 1. | Number of the work | :- | 05 (Five) numbers Building |
| 2. | Estimated Cost. (Approx) | :- | Rs. 43.52 lakh to 43.68 lakh |
| 3. | Period of completion | :- | 06 (Six) calendar month |
| 4. | Date & time of sale & receipt of bid document online | :- | From: 08.01.2026 at 11:00 AM To: 27.01.2026 at 5:30 PM |
| 5. | Date & time of opening of bids | :- | 28.01.2026 at 11:30 AM |
| 6. | Name and address of Inviting Officer | :- | O/o the Superintending Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

OIPR-25095/11/043/2526

Superintending Engineer
R.W. Division-II, Cuttack



O-1919
Email ID-cuttackrw2nd@yahoo.co.in
Telephone / Fax No. (0671)-2445119

**GOVERNMENT OF ODISHA**
**O/O THE SUPERINTENDING ENGINEER, RURAL WORKS DIVISION-II, CUTTACK**

**e-procurement Notice for Building Work**

**Bid Identification No. SECTC-II-24of 2025-26 dt. 30.12.2025**

| | | | |
|---|---|---|---|
| 1. | Number of the work | :- | 12 (Twelve) number of Buildings for the year 2025-2026 |
| 2. | Estimated Cost. (Approx) | :- | Rs. 58.71 lakh to Rs. 77.77 lakh |
| 3. | Period of completion | :- | 12 (Twelve) calendar months |
| 4. | Date & time of sale & receipt of bid document online | :- | From: 08.01.2026 at 11:00AM To:27.01.2026 at 5:30 PM |
| 5. | Date & time of opening of Technical bid | :- | 28.01.2026 at 11:30 AM |
| 6. | Date & time of opening of Finanical bid | :- | To be intimated later on |
| 7. | Name and address of Inviting Officer | | Superintending Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

OIPR-25095/11/042/2526

Superintending Engineer
R.W. Division-II, Cuttack



**କେନ୍ଦ୍ରାପଡା ଜିଲ୍ଲାର ଚାଷୀଭାଇମାନଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀ ମାନଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୨୫ - ୨୬ ଖରିଫ ବର୍ଷ ପାଇଁ ରାଜ୍ୟ ସରକାର ଚାଷୀମାନଙ୍କ ନିମନ୍ତେ ଏଫ୍.ଏ.କ୍ୟୁ. ମାନର ସାଧାରଣ ଓ ଗ୍ରେଡ୍ 'ଏ' ଧାନ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ, ଚଳିତ ଖରିଫ ବର୍ଷ ୨୦୨୫-୨୬ ନିମନ୍ତେ ତା ୦୯.୦୧.୨୦୨୬ ରିଖ ଠାରୁ ତା ୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଯୋଗାଣ ନିଗମ ଜରିଆରେ ଜିଲ୍ଲାର ୧୧୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଇଅଛି। ସୁବିଧାରେ ଧାନ ବିକ୍ରି କରିବା ନିମିତ୍ତ ଚାଷୀଭାଇମାନେ ନିକଟସ୍ଥ (PACS)ରେ ନାମ ପଞ୍ଜିକରଣ କରିଥିବା ବାଧ୍ୟତା ମୂଳକ ଅଟେ।

ନିମ୍ନରେ ଏଫ୍.ଏ.କ୍ୟୁ. ସାଧାରଣ ଧାନର ମାନ ଓ ଦର ପ୍ରଦତ୍ତ କରାଗଲା। ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଦୁର୍ଗନ୍ଧ ମୁକ୍ତ କିସମର ହୋଇଥିବା ଆବଶ୍ୟକ।

ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ)ମାନର କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରୁ ସରକାରଙ୍କ ନିୟମାନୁଯାୟୀ ଅଗ୍ରିମ ଟୋକନ୍ ଗ୍ରହଣ କରି ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ ସକାଳ ୮ଘଟିକା ଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବାର ମାନଙ୍କରେ ଧାନ ବିକ୍ରୟ କରିପାରିବେ। ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ। (FAQ) ଧାନର ଗୁଣାତ୍ମକ ମାନ ନିମ୍ନରେ ପ୍ରଦାନ କରାଗଲା।

| ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| ❖ ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବୀକ ବାହ୍ୟ ପଦାର୍ଥ | ୧.୦% |
| ❖ କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବୀକ ବାହ୍ୟ ପଦାର୍ଥ | ୧.୦% |
| ❖ ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% |
| ❖ ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ❖ ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ 'ଏ' ଧାନ ନିମନ୍ତେ) | ୬.୦% |
| ❖ ଆଦ୍ରତା ବା ଜଳୀୟ ଅଂଶ | ୧୭.୦% |
| ସରକାରଙ୍କଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ :- | |
| ❖ ଏଫ୍.ଏ.କ୍ୟୁ ମାନର ସାଧାରଣ ଧାନ କୁଇଣ୍ଟାଲ୍ ପ୍ରତି ଦର | ଟ. ୨୩୬୯.୦୦ } ୩୧୦୦.୦୦ |
| ❖ ଓ ଅତିରିକ୍ତ ଇନପୁଟ୍ କୁଇଣ୍ଟାଲ ପ୍ରତି ଦର | ଟ. ୮୦୦.୦୦ |
| ❖ ଗ୍ରେଡ଼ 'ଏ' ଧାନ କୁଇଣ୍ଟାଲ ପ୍ରତି ଦର | ଟ. ୨୩୮୯.୦୦ |

**ଧାନ କ୍ରୟ ଦିବସ** : ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତୀତ, ସାପ୍ତାହିକ ଧାର୍ଯ୍ୟ ବାରରେ (ସାପ୍ତାହିକ ୩ ଦିନ) ଧାନ କ୍ରୟ କରାଯିବ।

ଚାଷୀଭାଇମାନେ ସେମାନଙ୍କର ଧାନ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଲେ ବା କୌଣସି କ୍ରୟକାରୀ ସଂସ୍ଥା ସମ୍ବନ୍ଧରେ କିଛି ଅଭିଯୋଗ ଥିଲେ ସେମାନେ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସହକାରୀ ସମବାୟ ନିବନ୍ଧକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ।

୧). ଜିଲ୍ଲା କଣ୍ଟ୍ରୋଲ୍ ରୁମ୍ - ୨୨୦୫୪୪ (୦୬୭୨୭)
୨). ଅତିରିକ୍ତ ଜିଲ୍ଲାପାଳ ତଥା ନୋଡ଼ାଲ ଅଧିକାରୀ - ୨୩୨୬୦୧ (୦୬୭୨୭)
୩). ଜିଲ୍ଲା ଯୋଗାଣ ଅଧିକାରୀ, କେନ୍ଦ୍ରାପଡ଼ା - ୯୪୩୮୨୦୦୦୪୭
୪). ସି.ସି.ସି.ବି. ନୋଡାଲ ଅଫିସର, କେନ୍ଦ୍ରାପଡ଼ା - ୨୩୨୨୨୬ (୦୬୭୨୭)
୫). ଏ. ଆର୍. ସି. ଏସ୍., କେନ୍ଦ୍ରାପଡ଼ା - ୨୩୨୦୫୮ (୦୬୭୨୭)/୯୮୬୧୭୭୮୫୧୪/୭୯୧୮୮୭୨୧୨୭
୬). ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା - ୯୭୭୬୪୫୭୭୨୬

ଧାନ କ୍ରୟ କେନ୍ଦ୍ରର ସୁପରିଚାଳନା ନିମିତ୍ତ ସମସ୍ତ ସହଯୋଗ ପାଇଁ ଅନୁରୋଧ

ଜିଲ୍ଲା ପ୍ରଶାସନ,
କେନ୍ଦ୍ରାପଡା

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା



**AFFIDAVIT**

I, Ram Chandra Pradhan, aged about 56 years, S/o- Nimai Charan Pradhan resident of At- Gulipatana, Po/ps- Umerkote, Dist- Nabarangpur, Pin- 764073, Odisha do hereby declare by this affidavit No. 01, dtd- 01/01/2026, that now onwards I shall be known as **RAMACHANDRA PRADHAN** for all future purposes.

**AFFIDAVIT**

I, Sangeeta Badajena, aged about 56 years, W/o- Dibyasingha Badajena, resident of At- Majhisahi, Jobra, PO- College Square, Ps- Malgodown, DIst- Cuttack, Odisha declared by this affidavit No. 76AA 495027, dtd- 31/12/2025 that now onwards I shall be known as **SANGITA BADAJENA** for all future purposes.

**AFFIDAVIT**

I Sanjaya Kumar Agrawalla, S/O- Niranjan Agrawalla, resident of Govindtola, Dhanupali, Sambalpur, PIN- 768005, Odisha declare by this affidavit No. 2551, dated- 26/12/2025 that now onwards I shall be known as **SANJAY AGRAWAL** for all future purposes.

**NOTICE**

By virtue of an affidavit sworn before Executive Magistrate, Cuttack Sadar on Dated 11/11/2025, I, Reshama Bibi, W/o- Abdul Wazid, Resident of Village: Mugabhanga, Po- Phulnakhara, Ps-Cuttack Sadar, Dist- Cuttack, Odisha,754001 , I have changed my name from "RUKHASHANA PRAVIN" to "RESHAMA BIBI". Henceforth, I shall be known as **"RESHAMA BIBI"** for all purposes.

**AFFIDAVIT**

I Anju Agrawalla, W/O- Sanjay Agrawal resident of Govindtola, Dhanupali, Sambalpur, PIN- 768005, Odisha declare by this affidavit No- 2550, dated- 26/12/2025 that now onwards I shall be known as **ANJU AGRAWAL** for all future purposes.

**AFFIDAVIT**

By virtue of an affidavit (CF No. 28, dt- 31/12/2025) sworn before The Executive Magistrate, Bhubaneswar, I, **Manoj Das,** S/o- Late Surendra Nath Das, resident of At- Nandipada, PO- Maraigaon, PS- Nandipada, Dist- Keonjhar, PIN- 758083, Odisha declare that I have changed my minor son's name from **Sai Sujit Das to Sujat Kumar Das.** Henceforth, he shall be known as **Sujat Kumar Das** (new name) for all purposes.
**Manoj Das**

## ଚାରାରୋପଣ କରି ଭୁଲିଗଲା ବନ ବିଭାଗ

# ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ଶହଶହ ବୃକ୍ଷ



ବାରିକପୁର,୨।୧(ସମିସ): ବର୍ଷ ବର୍ଷ ଧରି ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ରୋପଣ ହୋଇଥିବା ବୃକ୍ଷମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ଗଛ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଭଦ୍ରକ ଜିଲ୍ଲା ଚାନ୍ଦବାଲିସ୍ଥିତ ବନ ବିଭାଗ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ପ୍ରତ୍ୟେକ ବର୍ଷ ବିଭିନ୍ନ ସ୍ଥାନରେ ହଜାର ହଜାର ବୃକ୍ଷରୋପଣ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଧାମନଗର ବନାଞ୍ଚଳ ଅଧୀନସ୍ଥ ବିଭିନ୍ନ ଗ୍ରାମ୍ୟ ରାସ୍ତା ପାର୍ଶ୍ୱ, କେନାଲ ପାର୍ଶ୍ୱ ଓ ଗ୍ରାମ୍ୟ ଜଙ୍ଗଲ କିସମ ଜମିରେ ଗଛ ଲାଗିଥାଏ। ପରିତାପର ବିଷୟ ବୃକ୍ଷରୋପଣ ପରେ ବିଭାଗ ପକ୍ଷରୁ ରକ୍ଷଣାବେକ୍ଷଣ ନେଇ ସେମିତି କିଛି କାର୍ଯ୍ୟ ହେଉନାହିଁ। ଫଳରେ ଚାରାରୋପଣର ଅଳ୍ପ କିଛିଦିନ ପରେ ସେଗୁଡ଼ିକ ମରିଯାଉଛି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ବାଙ୍କମୁହାଁ କେନାଲ ରାସ୍ତା, ମଞ୍ଜୁରୀ ମାହାମାଲ୍ୟା କେନାଲ ରାସ୍ତା, ଝାଟିଆ ପଡ଼ିଆ, ରହଣିଆ ନୂଆ ପୋଖରୀ ରାସ୍ତା ପାର୍ଶ୍ୱ ସହିତ ମଠ ପଡ଼ିଆଠାରେ ବନ ବିଭାଗ ପକ୍ଷରୁ ଶହଶହ ଗଛ ଲଗାଯାଇଥିଲା। ଏବେ ବାଙ୍କମୁହାଁ କେନାଲ ରାସ୍ତା ପାର୍ଶ୍ୱରୁ ପ୍ରାୟ ଅର୍ଦ୍ଧେକ ଗଛ ନଷ୍ଟ ହୋଇଯାଇଛି। ସେହିପରି ମଞ୍ଜୁରୀ ଓ ରହଣିଆଠାରେ ଲାଗିଥିବା ଗଛଗୁଡ଼ିକର ରକ୍ଷଣାବେକ୍ଷଣ ଏଯାଏଁ ହେଉନାହିଁ। ବିଭାଗ କେବଳ ଗଛ ଲଗେଇ ଦେଇ ଉଭାନ ହୋଇ ଯାଇଥିବାବେଳେ କର୍ମଚାରୀମାନେ ଏହା ଉପରେ କେବେ ଦୃଷ୍ଟି ଦେଉନାହାନ୍ତି। ବିଭାଗୀୟ ଅଧିକାରୀମାନେ ମଧ ବୃକ୍ଷରୋପଣ ଉପରେ କୌଣସି ତନାଘନା କରୁନାହାନ୍ତି। ଫଳରେ କେଉଁଠି ସୁରକ୍ଷା ଘେରା ଭାଙ୍ଗିଗଲାଣି ତ ପୁଣି କେଉଁଠି ଗଛକୁ ଗାଇଗୋରୁ ଖାଇଦେଲେଣି। ଭାଗ୍ୟକୁ ଆଦରି କିଛି ବୃକ୍ଷ ବଞ୍ଚି ରହୁଥିବାବେଳେ ପାଣି, ରାସାୟନିକ ସାର ଓ ଅନ୍ୟାନ୍ୟ ସାମଗ୍ରୀ ସହିତ ଦେଖାଶୁଣା ଅଭାବରୁ ଅନେକ ନଷ୍ଟ ହେଉଛି। ପ୍ରଥମ ପର୍ଯ୍ୟାୟରେ ବୃକ୍ଷରୋପଣ ପାଇଁ ଟଙ୍କା ଆସୁଥିବାବେଳେ ରକ୍ଷଣାବେକ୍ଷଣ ପାଇଁ କିଛି ବ୍ୟବସ୍ଥା ନ ଥିବାରୁ ବିଭାଗ କିଛି କରୁ ନ ଥିବା ଅଧିକାରୀମାନେ ଅନେକ ସମୟରେ କହୁଛନ୍ତି। ଚାରା ସୃଷ୍ଟି, ବାଡ଼ଘେରା ଓ ବୃକ୍ଷରୋପଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଭେଣ୍ଡର ମାଧ୍ୟମରେ ଅନେକ ଅର୍ଥ ବାଟମାରଣା ହେଉଛି। ଯାହାକି ରକ୍ଷଣାବେକ୍ଷଣ ବେଳକୁ ଅର୍ଥ ନିଅଣ୍ଟ ହେଉଛି ବୋଲି ସୂଚନା ମିଳିଛି। କେବଳ ଉକ୍ତ ସ୍ଥାନରେ ନୁହେଁ ଏହା ପୂର୍ବରୁ ଯେଉଁଠି ବୃକ୍ଷରୋପଣ ହୋଇଥିଲା ସବୁଠି ସମାନ ଅବସ୍ଥା ଦେଖିବାକୁ ମିଳିଛି। ସାମ୍ପ୍ରତିକ ସମୟରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ଜଙ୍ଗଲ ବିଭାଗ ଅଧିକାରୀମାନେ କିନ୍ତୁ ଦାୟିତ୍ୱହୀନ ଭାବେ କାର୍ଯ୍ୟ କରୁଛନ୍ତି। ଯେଉଁଥିପାଇଁ ଯୋଜନାର ସଫଳ ରୂପାୟଣ ହେଉନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ଉପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଆଗରପଡ଼ା ଯୁବ ମହୋତ୍ସବର ୭ମ ସନ୍ଧ୍ୟା

# ଉତ୍କଳୀୟ ସଂସ୍କୃତିକୁ ଉଜ୍ଜୀବିତ କରୁଛି ମହୋତ୍ସବ

ବନ୍ତ/ଆଗରପଡ଼ା,୨।୧(ସମିସ): ୪ର୍ଥ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବ ସପ୍ତମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଇଂ ଅମୀୟ ରଞ୍ଜନ ରାମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଯୋଗଦେଇ ଏହି ସଂଗ୍ରାମୀ ମାଟିରେ ଯୁବ ମହୋତ୍ସବ ଅସ୍ମିତାର ରଙ୍ଗରେ ରଙ୍ଗେଇ ହୋଇ ଜନମନ ହରଣ କରୁଛି, ଯାହା ଉପସ୍ଥିତ ଦର୍ଶକଙ୍କ ସମାଗମରୁ ଜଣାପଡୁଛି ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ନେତା ତଥା ସୁସାହିତ୍ୟିକ ଡ. ସୁଧାଂଶୁ ଶେଖର ନାୟକ ଯୋଗଦେଇ ମହୋତ୍ସବ ଦ୍ୱାରା ଉତ୍କଳର ମହାନ ସଂସ୍କୃତି ଉଜ୍ଜିବୀତ ହେଉଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ ବନ୍ତ



ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଶିକ୍ଷାବିତ୍ ଚିତ୍ତରଞ୍ଜନ ସାମନ୍ତରାୟ ଯୋଗଦେଇ ଯୁବ ମହୋତ୍ସବର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ଯୁବ ମହୋତ୍ସବ କମିଟିର ଏତାଦୃଶ୍ୟ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। କମିଟି ସମ୍ପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣ ସମ୍ପାଦକୀୟ ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସଂଗଠନ ସମ୍ପାଦକ ଚିନ୍ମୟ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକୁ କୋଷାଧ୍ୟକ୍ଷ ନୃସିଂହ ଖୁଣ୍ଟିଆ, ବାବୁରାମ ବେହେରା, ତପନ ପୃଷ୍ଟି, ଜିତେନ୍ଦ୍ର ଶତପଥୀ, ହିମାଦ୍ରୀ ମହାନ୍ତି, ବାପୁନୁ ସିଂହ, ହାପି ରାୟ, ଦିବ୍ୟ ଆକାଶ ପୁହାଣ ଏବଂ ଶୋଭନୀୟ ଶିକ୍ଷାଶ୍ରମର ଛାତ୍ରଛାତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଦେଢ଼ବର୍ଷ ପରେ ୭୦ ସରକାରୀ ଓକିଲ ନିଯୁକ୍ତ

ଭଦ୍ରକ,୨।୧(ସମିସ): ରାଜ୍ୟରେ ବିଜେପି ସରକାର ଶାସନ ଗାଦିରେ ବସିବାର ୧୮ ମାସ ପରେ ଆଇନ ବିଭାଗ ତରଫରୁ ବୁଧବାର ଭଦ୍ରକ ଜିଲ୍ଲାରେ ୭୦ଜଣ ଆଇନଜୀବୀଙ୍କୁ ସରକାରୀ ଓକିଲ ନିଯୁକ୍ତ ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲାର ଫୌଜଦାରୀ ମାମଲା ବିଚାରର ସମାଧାନ ପାଇଁ ୪୪ଜଣଙ୍କୁ ଭଦ୍ରକ ସଦର ମହକୁମାରେ ନିଯୁକ୍ତି ଦିଆଯାଇଛି। ଅନ୍ୟ ୨୬ ଜଣଙ୍କୁ ଜିଲ୍ଲାର ବାସୁଦେବପୁର, ଚାନ୍ଦବାଲି, ଧାମନଗର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଓ ରାଜସ୍ୱ ଅଦାଲତରେ ନିଯୁକ୍ତି ଦିଆଯାଇଛି।

ସୂଚନାନୁଯାୟୀ, ଜିଲ୍ଲା ସେସନ୍ସ ଜଜ୍ କୋର୍ଟର ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ଦୀପ୍ତିରଞ୍ଜନ ଜେନା ଓ ସ୍ପେଶାଲ ପିପି ଭାବେ(ଏନ୍‌ଡିପିଏସ୍, ଏସ୍‌ସି-ଏସ୍‌ଟି) ବସନ୍ତ କୁମାର ଦାସ ନିଯୁକ୍ତି ପାଇଛନ୍ତି। ସେହିପରି ସରୋଜ ତପନ ଦାସଙ୍କୁ ଆଡିସ୍‌ନାଲ ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ନିଯୁକ୍ତି ଦିଆଯାଇଛି। ଅତିରିକ୍ତ ଜିଲ୍ଲାଜଜ୍‌ଙ୍କ କୋର୍ଟରେ ଆଡିସ୍‌ନାଲ ପିପି ଭାବେ ମାଧବ ଚନ୍ଦ୍ର ନାୟକ, ଆସୋସିଏଟ୍ ଲୟର ଭାବେ ଚନ୍ଦ୍ରଶେଖର ସାହୁ, ସ୍ପେଶାଲ ପିପି ଏନ୍‌ଡିପିଏସ୍ ମାଧବ ଚନ୍ଦ୍ର ଦାସ ଓ ସ୍ପେଶାଲ ପିପି ଏସ୍‌ସି-ଏସ୍‌ଟି ତୁଷାରକାନ୍ତ ଦାସଙ୍କୁ ନିଯୁକ୍ତି ମିଳିଛି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଆଡିସ୍‌ନାଲ ପିପି ଭାବେ ଦୁର୍ଗାପ୍ରସନ୍ନ ରାୟ ମହାପାତ୍ର, ଆସିଷ୍ଟାଣ୍ଟ ପିପି ଭାବେ ଆଦିତ୍ୟ ନାରାୟଣ ମିଶ୍ର ଓ ସଞ୍ଜୀବ କୁମାର ପଣ୍ଡାଙ୍କୁ ନିଯୁକ୍ତି ମିଳିଛି। ସେହିପରି ବରିଷ୍ଠ ଦେୱାନୀ ଜଜ୍‌ଙ୍କ ଅଦାଲତରେ ଆଡିସ୍‌ନାଲ ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ସଞ୍ଜୟ ମହାପାତ୍ର ଓ ସହକାରୀ ଲୟର ଭାବେ ବନମାଳି ଜେନାଙ୍କୁ ମିଳିଛି। ମାତ୍ର କନିଷ୍ଠ ଦେୱାନୀ ଜଜ୍‌ଙ୍କ ଅଦାଲତରେ ସରକାରଙ୍କ ତରଫରୁ ମାମଲା ପରିଚାଳନା ପାଇଁ କାହାରିକୁ ନିଯୁକ୍ତି ଦିଆଯାଇନି। ରେଜିଷ୍ଟର ସିଭିଲ୍ କୋର୍ଟ ତଥା ଅତିରିକ୍ତ ଦେୱାନୀ ଅଦାଲତରେ ନମିତା ନାୟକ ଓ ଅଞ୍ଜୁବାଳା ରାଉତ(ବାଳ ଅପରାଧ) ପରିଚାଳନା ପାଇଁ ନିଯୁକ୍ତି ଦିଆଯାଇଛି। ଆଡିସ୍‌ନାଲ ସିଭିଲ ଜଜ୍ ସିନିୟର ଡିଭିଜନ୍‌ରେ ଆଡିସ୍‌ନାଲ ଗଭର୍ଣ୍ଣମେଣ୍ଟ ପ୍ଲିଡର ଭାବେ ସୁବୋଧ କୁମାର ସାହୁଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ ଗଣେଶ ଚନ୍ଦ୍ର ଦାସ, ପ୍ରଦୀପ ଲେଙ୍କା, ଶ୍ରୀକାନ୍ତ ତ୍ରିପାଠୀ, ବିଜୟ ଦାସଙ୍କୁ ନିଯୁକ୍ତି ମିଳିଛି। ସେହିପରି ଜେଏମ୍‌ଏଫ୍‌ସି-୧ କଗ୍‌ଙ୍କ ଅଦାଲତରେ ଆସିଷ୍ଟାଣ୍ଟ ପିପି ଭାବେ ଦିଲ୍ଲୀପ କୁମାର ପଣ୍ଡା ଓ କାହ୍ନୁ ଚରଣ ବାରିକ ନିଯୁକ୍ତି ପାଇଥିବାବେଳେ ଜେଏମ୍‌ଏଫ୍‌ସି-୨ରେ ଆସିଷ୍ଟାଣ୍ଟ ପିପି ଭାବେ ସୁରଜିତ କୁମାର ପାଲ୍ ଓ ମନୋଜ ରାଉତଙ୍କୁ ନିଯୁକ୍ତି ମିଳିଛି। ସେହିପରି କ୍ରିମିନାଲ କୋର୍ଟଗୁଡ଼ିକରେ ୧୦ଜଣଙ୍କୁ ଆସିଷ୍ଟାଣ୍ଟ ପିପି ଭାବେ ନିଯୁକ୍ତି ମିଳିଛି। ଏମାନେ ହେଲେ ବିଶ୍ୱରଞ୍ଜନ ଦାସ, ଦେବକୀନନ୍ଦନ ମହାପାତ୍ର, ଗିରିଜାଶଙ୍କର ଦାସ, ମାନସ ବେହେରା, ଅଞ୍ଜୁବାଳା ରାଉତ, ନାରାୟଣ ଚନ୍ଦ୍ର ସାହୁ, ଜିତେନ୍ଦ୍ର ପଣ୍ଡା, ନିକୁଞ୍ଜକୃଷ୍ଣ ପୁହାଣ, ମଧୁସୂଦନ ମିଶ୍ର ଓ ଜ୍ୟୋତିରଞ୍ଜନ ବେହୁରାଙ୍କୁ ନିଯୁକ୍ତି ମିଳିଛି। ସେହିଭଳି ଜିଲ୍ଲାପାଳଙ୍କ କୋର୍ଟରେ ଆସିଷ୍ଟାଣ୍ଟ ପିପି ଭାବେ ଏସ୍‌କେ ଭଲ, ସେହିଭଳି ଉପଜିଲ୍ଲାପାଳଙ୍କ କୋର୍ଟରେ ଉମେଶ ଚନ୍ଦ୍ର ଜେନା, ଅରୁଣ ମହାନ୍ତି, ଈଶ୍ୱର ଦାସ, ନାରାୟଣ ସେନାପତିଙ୍କୁ ନିଯୁକ୍ତି ମିଳିଛି। ଅନୁରୂପଭାବେ ଉପଜିଲ୍ଲାପାଳଙ୍କ କୋର୍ଟ(କ୍ରିମିନାଲ)ରେ ଚକ୍ରଧର ରାଉତଙ୍କୁ ନିଯୁକ୍ତି ମିଳିଛି। ଭଦ୍ରକ ତହସିଲ୍‌ର ଆସିଷ୍ଟାଣ୍ଟ ପିପି ଭାବେ ରିନାମୟୀ ନାୟକଙ୍କୁ ନିଯୁକ୍ତି ମିଳିଛି।

## ବଡ଼ ସରକାର ବାବାଙ୍କ ଜନ୍ମଦିନ ସମାରୋହ

ଭଦ୍ରକ,୨।୧(ସମିସ): ଭଦ୍ରକରେ ସିଦ୍ଧ ପୁରୁଷ ସୁଫି ହଜରତ୍ ସୈୟଦ ଶାହା ନସିମ୍ ଅଖ୍ତର କାଦରୀ ଓରଫ ବଡ଼ ସରକାର ବାବାଙ୍କ ଜନ୍ମଦିନ ଉପଲକ୍ଷେ ଗୁରୁବାର ଭଦ୍ରକ ସହର ଉତ୍ସବମୁଖର ହୋଇଛି। ଏହି ଜନ୍ମଦିନ ପାଳନରେ ଅନେକ କମିଟି ସର୍ବସାଧାରଣଙ୍କୁ ପ୍ରସାଦ ବାଣ୍ଟିଛନ୍ତି। କେହି କେକ୍ କାଟି ପ୍ରସାଦ କରିଛନ୍ତି। କେହି କେହି ମିଲାଦ ସରିଫ୍ ଓ ଧର୍ମସଭା କରି ଫଳ ବଣ୍ଟନ କରିଛନ୍ତି। ସେହିଭଳି "ଅଖିଳ ଭାରତୀୟ ଦୁଃଖୀ ସମାଜର' ସମସ୍ତ ସଭ୍ୟ ବାବାଙ୍କ ସମାଧୀରେ ଚାଦର ଓ ଫୁଲ ଚଢ଼ାଇଥିଲେ। ପୁଣି ଦିନ ୨ଟାରେ ଦୁଃଖୀ ସମାଜ କାର୍ଯ୍ୟାଳୟରେ



ଖେଚୁଡ଼ି ଭୋଗ ହୋଇ ଲଙ୍ଗର ବଣ୍ଟନ କରାଯାଇଥିଲା। ଏହି ଆୟୋଜନରେ ଇଂ ହାଜି ମନାୱାର ହୋସେନ, ଇଂ ରେଜାଏ ରସୁଲ, ଇଂ ହବିବୁଲ୍ଲା ଖାନ୍, ହାଜି ଅବ୍‌ଦୁଲ ମୁକିତ ଖାନ୍, ହାଜି ସବୀର ଅଲ୍ଲୀ, ହାଜି ତବରାକ ଅଲ୍ଲୀ, ହାଜି ମତଲୁବ ଅଲ୍ଲୀ, ଇଂ. ମୁଖ୍‌ତାର ଅହେମ୍ମଦ ରସିଦ୍, ଶେଖ୍ ଆସିଫ୍ ଅଲ୍ଲୀ, ଲିୱା ମାଷ୍ଟର, ଝମ୍‌ଝମ୍ ଅଲ୍ଲୀ, ହାଜି ଅବୁ ହୋସେନ ଖାନ୍, ମୁସ୍ତାକ୍ ଗୌହର, ମିର୍ଜା ଏକ୍ରାମ ବେଗ୍, ମିର୍ଜା ଫରିଦ ବେଗ୍, ଜାୱେଦ ଅଖ୍ତର, ଡ. କମାଲ ଖାନ, ମୋଯୋ ଖାନ୍, ସାମ୍ବାଦିକ ଶେଖ୍ ଅନୱର ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ସଚେତନତା ଶିବିର



ଭଦ୍ରକ,୨।୧(ସମିସ): ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଓ କଲ୍ୟାଣ ଆଇନ-୨୦୦୭ ଉପରେ ସଚେତନତା ଶିବିର ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଭଦ୍ରକ ସହାୟତାରେ ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆର୍‌ଏସ୍‌ଆର୍)ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଅଂଶ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରୀସ୍ତରରେ ବିଭିନ୍ନ ଆଇନ୍‌କାନୁନ୍ ଉପରେ ବର୍ଣ୍ଣନା କରି ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାରଗୁଡ଼ିକ ପାଇବା ପାଇଁ ହକ୍‌ଦାର ଯାହା ଭାରତୀୟ ସମ୍ବିଧାନ ସେମାନଙ୍କ ପାଇଁ ସ୍ଥିର କରିଛି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ଜିଲ୍ଲା ବରିଷ୍ଠ ନାଗରିକ ସମିତି ସଭାପତି ଲଲାଟେନ୍ଦୁ ମହାନ୍ତି, ଜିଲ୍ଲା ବରିଷ୍ଠ ନାଗରିକ ସମିତିର ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର, ହେଲ୍‌ପଏଜ୍ ଇଣ୍ଡିଆର ରିସୋର୍ସ ପର୍ସନ ଭାରତୀ ଚକ୍ର ଏବଂ ସିଆର୍‌ଏସ୍‌ଆର୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ଭଗବାନ ପରିଡ଼ା ଉପସ୍ଥିତ ରହି ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ମୌଳିକ ଅଧିକାର ଓ ଭାରତୀୟ ସମ୍ବିଧାନର ନିୟମ ଉପରେ ଆଲୋଚନା କରିଥିଲେ। ଏହି ଏବଂ ୨୦୦୭ ଆଇନ ଅନୁସାରେ ସେମାନଙ୍କ ରକ୍ଷଣାବେକ୍ଷଣ ଓ କଲ୍ୟାଣ ତଥା ଦୁର୍ବ୍ୟବହାର ବନ୍ଦ କରିବାର ବ୍ୟବସ୍ଥା ଅଛି ବୋଲି ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦତ୍ତ ବରିଷ୍ଠ ନାଗରିକମାନଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ବିଭିନ୍ନ ମୌଳିକ ଅଧିକାରରୁ ବଞ୍ଚିତ ନ ହେବା ପାଇଁ ସରକାରଙ୍କ ସୁବିଧାସୁଯୋଗ ଉପରେ ସଚେତନ କରାଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସେଠୀ ସଭା ପରିଚାଳନା କରିବା ସହିତ ବରିଷ୍ଠ ନାଗରିକଙ୍କ ପାଇଁ ଆଇନର ଧାରାବେଶ ମଜଭୁତ ଅଛି ବୋଲି ପରାମର୍ଶ ଦେଇ ପ୍ରତି ୩ ମାସରେ ଏକ ବୈଠକ ବସି ଆଲୋଚନା କରାଯାଇପାରିବ ବୋଲି ଜଣାଇଥିଲେ।

## ସମୟଚକ୍ରରେ ଆଉ ଶୁଭୁନି ହଳୁଆ ଗୀତ କି ପଡୁନି ଧାନ ବେଙ୍ଗଳା

# ଧାନ ଅମଳରେ ବ୍ୟବହାର ହେଉଛି ମେସିନ

ବନ୍ତ/ଆଗରପଡ଼ା,୨।୧(ସମିସ): ପୂର୍ବରୁ ବର୍ଷର ଅଧିକାଂଶ ସମୟ ଚାଷ ଜମିରେ କୃଷକ ଓ କୃଷି ଶ୍ରମିକ ସମୟ ଦେଉଥିଲେ। ଧାନ ଚାଷ ପାଇଁ କ୍ଷେତ ପ୍ରସ୍ତୁତିଠାରୁ ଆରମ୍ଭ କରି ରୁଆ, ବୁଣା, ଧାନ ବଛା ଓ ଶେଷରେ ଧାନକଟା ଏବଂ ତା' ପରେ ଅମଳ ପର୍ଯ୍ୟନ୍ତ ଚାଷୀ ଓ କୃଷି ଶ୍ରମିକ ନିୟୋଜିତ ରହୁଥିଲେ। କ୍ଷେତରୁ ବର୍ଷକର ରୋଜଗାର ପାଉଥିବା ଚାଷୀ ପୂର୍ବରୁ ପାରମ୍ପରିକ ପଦ୍ଧତିକୁ ଆପଣାଉଥିଲେ। ଜମିରେ ହଳ କରିବା ସମୟରେ ବଳଦରୁ ଆରମ୍ଭ କରି ଚାଷ ପାଇଁ ଲଙ୍ଗଳ, ମହି ଆଦି ବ୍ୟବହାର କରୁଥିଲେ ଚାଷୀ। ଏଥିପାଇଁ ଅଞ୍ଚଳରେ ବଳଦର ବହୁଳ ବ୍ୟବହାର ହେଉଥିଲା। ଏବେ କିନ୍ତୁ ସମୟ ବଦଳିଯାଇଛି। ପାରମ୍ପରିକ ଚାଷରୁ ମୁହଁ ଫେରାଇ ଏବେ ଯନ୍ତ୍ରପାତି ଉପରେ ଅଧିକ ନିର୍ଭରଶୀଳ ହେଲେଣି ଚାଷୀ। ଯାହା ଫଳରେ ହଳ ବଳଦର ଆଉ ବହୁଳ ବ୍ୟବହାର ଦେଖିବାକୁ ମିଳୁନି। ଚାଷ ଜମିରେ ମଧ କୃଷି ଶ୍ରମିକଙ୍କ ସଂଖ୍ୟା ଯଥେଷ୍ଟ କମିଗଲାଣି। ଆଉ ଧାନ ଅମଳ ପାଇଁ ଗାଁ ଗାଁରେ ବେଙ୍ଗଳା ପଡୁନି। ଗୋରୁଙ୍କୁ ନେଇ ବେଙ୍ଗଳା ବା ଧାନ ମଳାଯାଉନି। ମେସିନ ମାଧ୍ୟମରେ ଧାନ ଅମଳ ହେଉଛି। ପୂର୍ବରୁ ଧାନ ଅମଳ ପରେ ପାଳ ସଂଗ୍ରହ କରାଯାଉଥିଲା। ଯାହାକି ବର୍ଷସାରା ଗାଇଗୋରୁଙ୍କ ଖାଦ୍ୟ ଭାବେ ବ୍ୟବହୃତ ହେଉଥିଲା। କିନ୍ତୁ ସମୟଚକ୍ରରେ ଏବେ ପାଳ ମଧ ଆଉ ଦେଖିବାକୁ ମିଳୁନି। କାଁ ଭାଁ କିଛି ଚାଷୀ ଗୋରୁଙ୍କୁ ନେଇ ଗାଁ ଗହଳିରେ ବେଙ୍ଗଳା ବୁଲାଇ ଧାନ ଅମଳ କରୁଥିବାବେଳେ ଅଧିକାଂଶ ଚାଷୀ ମେସିନ ସହାୟତାରେ ଧାନ ଅମଳ କରୁଛନ୍ତି। ପୂର୍ବରୁ ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଗାଁ ଗାଁରେ ରାତିରେ ଧାନ ଅମଳବେଳେ କୃଷି ଶ୍ରମିକମାନେ ଗୋରୁମାନଙ୍କୁ ନେଇ ଧାନ ବେଙ୍ଗଳା ବୁଲାଇ ହଳୁଆ ଗୀତ ଗାଉଥିଲେ। କିନ୍ତୁ ବର୍ତ୍ତମାନ କମ୍ ଖର୍ଚ୍ଚ ଓ କମ୍ ସମୟରେ ମେସିନ ଦ୍ୱାରା ଧାନ ଅମଳ ହୋଇପାରୁଥିବାରୁ ଆଉ ହଳୁଆ ଗୀତ ଶୁଣିବାକୁ ମିଳୁନି। ପୂର୍ବରୁ ଅମଳ ପରେ ସଂଗୃହିତ ପାଳକୁ ବଳି ଦଉଡ଼ି ପ୍ରସ୍ତୁତ କରିବା ସହିତ ଚାଷୀ ପାଳ ଛତୁ ମଧ ଚାଷ କରିପାରୁଥିଲା। କିନ୍ତୁ ଆଜିର ଯାନ୍ତ୍ରିକ ଯୁଗରେ ମେସିନରେ ଧାନ ଅମଳ ପରେ ତୁରନ୍ତ ତାକୁ ବିଲରୁ ବିକି ଦେଉଛି ଚାଷୀ। ଯଦ୍ୱାରା ଆଉ ପାଳ ବି ଦେଖିବାକୁ ମିଳୁନି। ବାସ୍ତବରେ ଏବେ ଆଧୁନିକତାର ଦ୍ୱାହି ଦେଇ ପୁରୁଣା ପରମ୍ପରାକୁ ଚାଷୀ ଭୁଲିବାକୁ ବସିଥିବାବେଳେ କୃଷି ଶ୍ରମିକମାନେ କାମଧନ୍ଦା ଅଭାବରୁ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ବାଧ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ସମୟଚକ୍ରରେ ପୁରୁଣା ପରମ୍ପରାରେ ପରିବର୍ତ୍ତନ ହେଉ କିନ୍ତୁ କୃଷି ଶ୍ରମିକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ପାଇଁ ସରକାର ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତପୋଷଣ କରିଛନ୍ତି।



## ଓଭର୍‌ଲୋଡିଂ ଯାନବାହନର ଚଳାଚଳ; ଆନ୍ଦୋଳନ ଧମକ




ଅସୁରାଳି,୨।୧(ସମିସ): ଧାମନଗର ଥାନା ଅଧୀନ ଝାଟିଆସାହି-ମଙ୍ଗଳପୁର ରାସ୍ତାରେ ଦିନକୁ ଦିନ ଓଭରଲୋଡିଂ ଯାନବାହନ ଚଳାଚଳ ବଢ଼ିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ବ୍ୟାପିଛି। ପ୍ରଶାସନ ନିରବ ରହିଥିବା ଲୋକେ ଅଭିଯୋଗ କରୁଛନ୍ତି। ଏହା ବନ୍ଦ ନ ହେଲେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ, ସରକାରୀ ଟକସ ଏଡ଼ାଇବା ପାଇଁ ସନ୍ଧ୍ୟା ୫ରୁ ସକାଳ ୮ଟା ପର୍ଯ୍ୟନ୍ତ ଭାରି ଟ୍ରକ୍‌ଗୁଡ଼ିକ ଏହି ରାସ୍ତାରେ ଚଳାଚଳ କରୁଛି। ପ୍ରତିଦିନ ୩ ଫୁଟ୍‌ରୁ ଅଧିକ ବାଲି ଓ ମୋରମ୍ ବୋଝେଇ ଯାଉଥିବାରୁ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଧାମନଗର ଅଞ୍ଚଳର ଅନ୍ୟାନ୍ୟ ରାସ୍ତାରେ ମଧ ଏଭଳି ଓଭରଲୋଡିଂ ଯାନବାହନ ଚଳାଚଳ କରୁଥିବାରୁ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ହାଇୱାଗୁଡ଼ିକ ସରକାରୀ ନିୟମକୁ ଅବହେଳା କରି ୨୫ରୁ ୩୦ ଟନ୍ ବାଲିବୋଝେଇ ଟ୍ରକ୍ ରାସ୍ତାରେ ଗଡୁଥିବା ଦୃଶ୍ୟ ସାଧାରଣ ହୋଇପଡ଼ିଛି। ଦିନରାତି ଭାରୀ ଯାନବାହନ ଚଳାଚଳରେ ରାସ୍ତାର ଅବସ୍ଥା ଦିନକୁ ଦିନ ବିଗଡ଼ିଯାଉଥିବା ସତ୍ତ୍ୱେ ପ୍ରଶାସନ ନିରବ ରହିଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ପୁଲିସ ଓ ପରିବହନ ବିଭାଗ ତତ୍କାଳ ହସ୍ତକ୍ଷେପ କରିବାକୁ ଦାବି ଉଠିଛି।

## ଦୋଳସାହି ବଜାରରେ ହମ୍ପ୍‌ସ ନିର୍ମାଣ ଦାବି

ଦୋଳସାହି,୨।୧(ସମିସ): ଭଦ୍ରକ-ଚାନ୍ଦବାଲି ରାଜପଥ ରାସ୍ତା ଦୋଳସାହି ବଜାରରେ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ନେଇ ସେଠାରେ ଏକ ହମ୍ପ୍‌ସ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି। ସୂଚନା ମୁତାବକ, ଭଦ୍ରକ-ଚାନ୍ଦବାଲି ରାଜପଥ ଦୋଳସାହି ଗେଟ୍ ବଜାରରେ ପ୍ରତିଦିନ ଛୋଟ ବଡ଼`1 ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହି ରାସ୍ତା ଉପରେ ଓ କଡ଼ରେ ବେପରୁଆ ଭାବେ ବାଇକ୍ ଓ ଚାରି ଚକିଆ ଯାନ ରଖୁଥିବାରୁ ଏହି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଥିଲାବେଳେ ଅଧିକାଂଶ ଦୁର୍ଘଟଣା ମଦ୍ୟପମାନେ କରୁଥିବା ସାଧାରଣରେ ଆଲୋଚନା ହେଉଛି। ସମ୍ପୃକ୍ତ ସ୍ଥାନରେ ହମ୍ପ୍‌ସ ନିର୍ମାଣ କରିବାକୁ ସାଧାରଣରେ ତଥା ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଶୀତସଞ୍ଜ ଉଷୁମ ତାତି ଓ କଥା-କବିତାର କକ୍‌ଟେଲ୍



ତିହିଡ଼ି,୨।୧(ସମିସ): ସମୂହ ଭାବେ ନିଆଁ ପୁଇଁବା ଭାରତୀୟ ଜୀବନଦର୍ଶନର ଓ ଉପାସନାର ପ୍ରତୀକ। ଏହା କେବଳ ଆଲୋକର ପ୍ରଜ୍ୱଳନ ମାତ୍ର ନୁହେଁ; ବରଂ ଚେତନାରେ ସମ୍ମିଳନୀ, ସହଯୋଗ ଓ ସମୂହ-ସାଧନାର ପବିତ୍ର ବାତାବରଣ ଉଦ୍ଭାସିତ କରେ ବୋଲି ତିହିଡ଼ି ସାହିତ୍ୟ-ସାଂସ୍କୃତିକ ମଞ୍ଚ ପକ୍ଷରୁ ପୁରାତନ ବର୍ଷର ବିଦାୟ ମୁହୂର୍ତ୍ତରେ ଆୟୋଜିତ 'ଶୀତସଞ୍ଜ ଉଷୁମତାତି ଓ କଥା-କବିତାର କକ୍‌ଟେଲ୍' ଶୀର୍ଷକ ସାରସ୍ୱତ କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଞ୍ଚ ଉପଦେଷ୍ଟା ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଓ ଗାଳ୍ପିକ ମନୋଜ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ସଭାପତି ଅଜୟ ନାୟକ ଯୋଗଦେଇ ନିଆଁ ଚତୁଃପାର୍ଶ୍ୱରେ ସମ୍ମିଳିତ ହୋଇ କବିତା ଓ କଥା ଉଚ୍ଚାରଣ ମାଧ୍ୟମରେ ପରସ୍ପର ଭାବର ଆଦାନପ୍ରଦାନ କରିବା ହେଉଛି ଅନ୍ତଃଜଗତର ଏକ ଶାଶ୍ୱତ ସାଧନା ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ତଥା ପତ୍ରକାର ପି. ହୃଷୀକେଶ, ସମ୍ମାନିତ ଅତିଥି ଭାବେ ସମାଜସେବୀ ରଘୁନାଥ ପାତ୍ର ଓ ବିଶ୍ୱଜିତ୍ ବେହେରା ଯୋଗଦେଇଥିଲେ। ଆବାହକ ଗାଳ୍ପିକ କୈଳାସ ବେହେରା ମଞ୍ଚ ଆହ୍ୱାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କବି ନିରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। କବୟିତ୍ରୀ ବିଶ୍ୱମୈତ୍ରୀ ନାୟକ ଅଗ୍ନିମନ୍ତ୍ର ଉଚ୍ଚାରଣ କରିଥିଲେ। କବି ବୈକୁଣ୍ଠନାଥ ଓଝା, ନୀଳମାଧବ ସେନାପତି, ସୁଧାରଞ୍ଜନ ମହାନ୍ତି, ଦେବେନ୍ଦ୍ରନାଥ ମହାଳିକ, ବସନ୍ତ କୁମାର ଦାସ, ଅମୂଲ୍ୟ ସେନାପତି, ଧ୍ରୁବଚରଣ ସାମନ୍ତରାୟ, ରମାକାନ୍ତ ଦାସ, ନୀଳମଣି ସାବତ, ହରିହର ମହାଳିକ, ରୁବିଲତା ଦାସ, ନକୁଳ ସେନାପତି, ନରହରି ନାୟକ, ରତିକାନ୍ତ ଦାସ, ପିତାମ୍ବର ସେଠୀ, ତପନ ହାତୀ ପ୍ରମୁଖ ଜୀବନ, ସ୍ମୃତି, ଶୀତ ଓ ସମୟକୁ ନେଇ ସ୍ୱରଚିତ କବିତା ଆବୃତି କରିଥିଲେ।




















# ନୂଆବର୍ଷ ପାଳନ ପାଇଁ ସବୁଠି ଉତ୍ସାହ
# ମନ୍ଦିର ଓ ରାଜନେତାଙ୍କ ନିକଟରେ ଭିଡ଼







ଯାଜପୁର,୧।୧(ସମିସ)

ଆଜି ନବବର୍ଷର ପ୍ରଥମ ଦିନ ପାଳନ କରିବାକୁ ସବୁଠି ଉତ୍ସାହ ଦେଖିବାକୁ ମିଳିଥିଲା। ଯଦିଓ ଆଜି ସକାଳୁ ଘନ କୁହୁଡି ଦେଖିବାକୁ ମିଳିଥିଲା, ସେଥିପାଇଁ ଲୋକେ ନୂଆ ବର୍ଷ ପାଳନ କରିବାକୁ ଟିକେ ବିଳମ୍ବ କରିଥିଲେ। କିନ୍ତୁ କୁହୁଡ଼ି ହଟିବା ପରେ ବିଭିନ୍ନ ଦେବାଳୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ମା'ଙ୍କୁ ଦର୍ଶନ କରି ଆଗାମୀ ବର୍ଷ ସୁଖ ସମୃଦ୍ଧିର କାମନା କରିଥିଲେ ଶ୍ରଦ୍ଧାଳୁ। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। କେବଳ ବିରଜା ମନ୍ଦିର ନୁହେଁ ଜଗନ୍ନାଥ ମନ୍ଦିର, ଶିବ ଓ ଅନ୍ୟାନ୍ୟ ଦେବାଳୟରେ ଶ୍ରଦ୍ଧାଳୁ ନିଜର ସୁଖ ଓ ସମୃଦ୍ଧି କାମନା କରିଥିଲେ।

ସେହିପରି ରାଜନେତାଙ୍କ ପାଖରେ ମଧ୍ୟ ସେମାନଙ୍କ ସମର୍ଥକଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ କାଳୀମେଘାସ୍ଥ ବାସଭବନରେ ଭୋରରୁ ଶହ ଶହ ସମର୍ଥକ ପହଞ୍ଚି ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ହାତରେ ଫୁଲତୋଡା, ଉପହାର ଧରି ପ୍ରିୟ ନେତାଙ୍କୁ ଭେଟି ଆଗାମୀ ବର୍ଷ ଆନନ୍ଦର ବର୍ଷ ହେଉ ବୋଲି କାମନା କରିଥିଲେ। ଯାଜପୁର, ଦଶରଥପୁର, କୋରେଇ, ବ୍ୟାସନଗର, ରସୁଲପୁର ବ୍ଲକର ଶହ ଶହ ବିଜୁ ଜନତା ଦଳ କର୍ମୀ ଓ ନେତା ପ୍ରଣବଙ୍କୁ ଭେଟି ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ପୌରାଧ୍ୟକ୍ଷ ମଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ସମେତ ବିଭିନ୍ନ ବ୍ଲକର ସଭାପତି ଓ ଅନ୍ୟାନ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରଣବଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଯାଜପୁର ସାଂସଦ ରବିନାରାୟଣ ବେହେରାଙ୍କୁ ତାଙ୍କ କୁଆଖିଆସ୍ଥ ଦଳୀୟ କାର୍ଯ୍ୟାଳୟରେ କର୍ମୀ ଓ ଶୁଭେଚ୍ଛୁ ଭେଟି ନବବର୍ଷର ଶୁଭେଚ୍ଛା ଜଣାଇଥିଲେ। ସେହିପରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ କାର୍ଯ୍ୟାଳୟରେ ଶୁଭେଚ୍ଛୁ ଓ ସମର୍ଥକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ସମୟରେ ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଆଗାମୀ ବର୍ଷ ବିକାଶର ବର୍ଷ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ତାଙ୍କର ଶୁଭେଚ୍ଛୁ ଓ ସମର୍ଥକ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଧର୍ମଶାଳାର ବିକାଶ ପାଇଁ ସେ ସବୁବେଳେ ଧର୍ମଶାଳାବାସୀଙ୍କ ସହିତ ଅଛନ୍ତି ବୋଲି କହିଥିଲେ।

## ବିଞ୍ଝାରପୁର ପଞ୍ଚାୟତ ସମିତିର ସାଧାରଣ ବୈଠକ

**ବିଞ୍ଝାରପୁର,୧।୧୨ (ସମିସ):** ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ସମିତିର ୧୧ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବିଞ୍ଝାରପୁର ବିଡିଓଙ୍କୁ ଫୋନ କରି ସରକାରୀ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ନେଇ ବିଧାୟିକା ପ୍ରମିଳା ମଲ୍ଲିକ ବର୍ଷିଥିଲେ। ସୂଚନା ମୁତାବକ ବିତନା ସରପଞ୍ଚଙ୍କ କଥାରେ ଶ୍ରୀ ସାମଲ ବିଞ୍ଝାରପୁର ବିଡିଓଙ୍କୁ ଫୋନ କରି ସରକାରୀ କଳକୁ ପ୍ରଭାବିତ କାହିଁକି କରୁଥିଲେ ବୋଲି ପ୍ରମିଳା ଜବାବ ମାଗିଥିଲେ। ସମ୍ବିଧାନରେ କୌଣସି ସରକାରୀ ଅଧିକାରୀଙ୍କୁ ରାଜନୈତିକ ଦଳର ସଭାପତି ଫୋନ କରିବାର ଅଧିକାର ନଥିବା ବେଳେ କାହିଁକି ଏଭଳି ଫୋନ କରିଥିଲେ ବୋଲି ସେ ପ୍ରଶ୍ନ କରିଥିଲେ। ଆଜି ଅନୁଷ୍ଠିତ ପଞ୍ଚାୟତ ସମିତି ଏହି ସାଧାରଣ ବୈଠକକୁ ବ୍ଲକ ଅଧ୍ୟକ୍ଷା ରଞ୍ଜିତାଦାସ ସଭାପତିତ୍ୱ କରିଥିଲେ। ବୈଠକରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବିଡିଓ ସୀତାଂଶୁ ସାମଲ, ବ୍ଲକ ଉପାଧ୍ୟକ୍ଷ ସେକ ଇର୍ସାଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ବ୍ଲକ ଉନ୍ନୟନ ଯୋଜନା, ୨୯ଗୋଟି ଗ୍ରାମପଞ୍ଚାୟତ ଉନ୍ନୟନ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ସମନ୍ୱିତ ଶିଶୁ ବିକାଶ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା, ସାଧାରଣ ବଣ୍ଟନ, ଧାନ ମଣ୍ଡି ସମ୍ବନ୍ଧୀୟ ଗୃହରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଶାସନ୍ଦା ସରପଞ୍ଚ କାମଦେବ ଧଳ,ଜରୀ ସରପଞ୍ଚ ନନ୍ଦକିଶୋର ମଲ୍ଲିକ, କପିଳା ସରପଞ୍ଚ ଦେବଦତ୍ତ ସେଠୀ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ଭାଗନେଇ ନିଜ ନିଜର ମତ ରଖିଥିଲେ। ଏହି ବୈଠକରେ ଜିଲ୍ଲାପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି, ସଭ୍ୟା ଅହଲ୍ୟା ସ୍ୱାଇଁ, ସୁନୀତା ନାୟକ, ବିଞ୍ଝାରପୁର ବ୍ଲକର ସମସ୍ତ ୨୯ ଗୋଟି ଗ୍ରାପର ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଓ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ଗୋପିନାଥଜୀଉ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ପାଣିକୋଇଲି, ୧।୧(ସମିସ):** ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗ୍ରାମରେ ୨୯ତମ ଗୋପିନାଥଜୀଉ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଆଜି ଉଦ୍‌ଘାଟନୀ ମ୍ୟାଚ୍ କୋରେଇ ସୋତିବାଡି ଓ ପଣ୍ଡୁଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସୋତିବାଡି ଟସ ଜିତି ବ୍ୟାଟିଂ କରି ୧୦ ଓଭରରେ ସମସ୍ତ ୱିକେଟ ହରାଇ ୧୦୨ ରନ ସଂଗ୍ରହ କରିଥିଲା। ଜବାବରେ ପଣ୍ଡୁଳା ୮ ଓଭରରେ ସମସ୍ତ ୱିକେଟ ହରାଇ ୬୦ ରନ କରି ପରାସ୍ତ ହୋଇଥିଲା। ଏହି ମ୍ୟାଚ୍‌କୁ ରକି ସାମଲ ଓ ଅରୁଣ ଆରଣ ପରିଚାଳନା କରିଥିବାବେଳେ ଯଶୋବନ୍ତ ଓଝା ଧାରା ବିବରଣୀ ପ୍ରଦାନ କରିଥିଲେ। ଦୀନବନ୍ଧୁ ପାଢୀ ସ୍କୋରର ଥିଲେ। ସତୀଶ ଧଳ, ପ୍ରକାଶ ମଲ୍ଲିକ, ଆଲୋକ ବେହେରା, ଶିବପ୍ରସାଦ ଗିରି, ସୁବାସ ପୁରୀ, ଅୟୋଜ୍ୟୋତି ସାମଲ, ମଦନ ମୋହନ ଜେନା, ଅକ୍ଷୟ ସାମଲ, ଉମେଶ ପୁରୀ, ଲମ୍ବୋଦର ବେହେରା, ପରମେଶ୍ୱର ନାୟକ, ଶଙ୍କର୍ଷଣ ମଲିକ, ଅମୂଲ୍ୟ ମଲିକ ସମେତ ସମସ୍ତ ସଦସ୍ୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବାଲୁକା କଳାରେ ଇଂରାଜୀ ନବବର୍ଷ ଅଭିନନ୍ଦନ




**ସୁକିନ୍ଦା,୧।୧(ସମିସ):** ଜାନୁଆରୀ ପହିଲା ବା ଇଂରାଜୀ ନବବର୍ଷକୁ ଅଭିନନ୍ଦନ ଜଣାଇବା ଉଦ୍ଦେଶ୍ୟରେ ସୁକିନ୍ଦା ଅଞ୍ଚଳର ଯୁବ କଳାକାରଙ୍କ ବାଲୁକା କଳାକୃତି ସ୍ଥାନୀୟ ଅଞ୍ଚଳରେ ଆକର୍ଷଣ ସାଜିଛି। ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମର ସନ୍ତୋଷ ପ୍ରଧାନ ୧୧ଫୁଟ ଉଚ୍ଚତା ବିଶିଷ୍ଟ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ହରିପୁରସ୍ଥ ମା' ପଠାଣିଆ ମନ୍ଦିର ପରିସରରେ ପ୍ରସ୍ତୁତ ହୋଇଥିବା ଏହି ବାଲୁକା କଳା ଦେଖିବାକୁ ଜନସମାଗମ ହୋଇଥିବା ଦେଖିବାକୁ ମିଳିଛି।

## ସଡ଼କ ସୁରକ୍ଷା ଶୋଭାଯାତ୍ରା

**ଯାଜପୁର, ୧।୧(ସମିସ):** ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରୁ କୁସୁମା ଯାଏଁ ସଡ଼କ ସୁରକ୍ଷା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କର ଏହି ଶୋଭାଯାତ୍ରାର ଉଦଘାଟନ କରିଥିଲେ। ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସଡ଼କ ସୁରକ୍ଷା ମାସ ପାଳନ ହେଉଥିବାବେଳେ ସଡ଼କ ସୁରକ୍ଷାର ବିଭିନ୍ନ ଦିଗକୁ ନେଇ ସଚେତନତା ରାଲି କରାଯାଇଛି। ଦ୍ରୁତ ଗତିରେ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚଳାଇବା, ହେଲମେଟ ନ ପିନ୍ଧିବା, ମୋବାଇଲରେ କଥା ହୋଇ ଗାଡ଼ି ଚଳାଇବା ଇତ୍ୟାଦି ଦୁର୍ଘଟଣାର ମୁଖ୍ୟ କାରଣ। ତେଣୁ ଏସବୁକୁ ରୋକିବା ପାଇଁ ଜନସଚେତନତା ସୃଷ୍ଟି କରାଯାଉଛି। ରାଲି ମାଧ୍ୟମରେ ସଡ଼କ ସୁରକ୍ଷା ନିୟମାବଳୀ ପାଳନ କରିବା ପାଇଁ ଜନସାଧାରଣଙ୍କୁ ବାର୍ତ୍ତା ଦିଆଯାଇଥିଲା। ଏହି ସଚେତନତା ରାଲିରେ ଆଞ୍ଚଳିକ ପରିବହନ ଅଧିକାରୀ ଓ ଜିଲ୍ଲା ପ୍ରଶାସନର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଯାଜପୁର ଓ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାରେ ବ୍ୟାପକ ଭାବେ ଗାଡି, ବାଇକ୍ ଆଦି ତନଖି କରାଯାଉଛି।

## ଜଳିଗଲା ୩ ବଖରା ଘର


**କବାଟବନ୍ଧ,୧।୧(ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁର ପଞ୍ଚାୟତର ରଘୁନାଥପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଜଳିଯାଇଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ କେହି ନିଆଁ ଲଗାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ରଘୁନାଥପୁର ଗ୍ରାମର ଉପରସାହି ଇନ୍ଦ୍ରମଣି ରାଉତଙ୍କ ଘରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀଙ୍କ ଉଦ୍ୟମରେ ନିଆଁ ଲିଭାଇବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଘରର ବହୁ ଆସବାବପତ୍ର ଜଳିଯାଇଛି।

## ଏପିପିଏଲ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ସିଂହପୁର,୧।୧(ସମିସ):** ବିଂଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁର ବଜାର ନିକଟ ପଡ଼ିଆରେ ଏପିପିଏଲ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଇଲେଭେନ କିଙ୍ଗିସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୧୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଇଲାଇଟି ଅକ୍ଟିପସ୍ ୧୨ ଓଭରରେ ଆବଶ୍ୟକ ରନ୍ କରି ଚାମ୍ପିଅନ ହୋଇଥଲା। ଅତିଥି ଭାବେ ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ପ୍ରଦୀପ ସାମଲ, ଦିବ୍ୟରଞ୍ଜନ ବେଉରିଆ, ଜ୍ୟୋତି ବେଉରିଆ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ସନ୍ଦୀପ ବେଉରିଆ, ବିକ୍ରମ ବେଉରିଆ, ଅଙ୍କିତ ବେଉରିଆ, ଅମିତ ପ୍ରିୟଦର୍ଶୀ ବେଉରିଆ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।



## ଘନ କୁହୁଡ଼ିରେ ଜନଜୀବନ ପ୍ରଭାବିତ



**ବିଞ୍ଝାରପୁର,୧।୧(ସମିସ):** ଇଂରାଜୀ ନବବର୍ଷର ସକାଳେ ବିଞ୍ଝାରପୁର ଅଞ୍ଚଳ ଘନ କୁହୁଡ଼ି ଚାଦରରେ ଘୋଡ଼େଇ ହୋଇଯାଇଥିଲା। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ହ୍ରାସ ପାଇବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖରାପ ପାଗ ଯୋଗୁଁ ସାଧାରଣ ଲୋକ ଘରୁ ପଦାକୁ ବାହାରିବାକୁ ଇଚ୍ଛା ପ୍ରକାଶ କରିନାହାନ୍ତି। ଆଜି ମନ୍ଦିରରେ ଭିଡି ପରିଲକ୍ଷିତ ହୋଇନାହିଁ। ଦୂରଦୂରାନ୍ତ ସ୍ଥାନକୁ ଇଂରାଜୀ ନବବର୍ଷ ପାଳନ ପାଇଁ ପ୍ରସ୍ତୁତି ହେଉଥିବା ବ୍ୟକ୍ତିବିଶେଷଙ୍କ ଉପରେ କୁହୁଡିର ପ୍ରଭାବ ପଡ଼ିଛି। ଦିବା ୧୧ ଘଟିକା ପରେ କୁହୁଡ଼ି ପ୍ରଭାବ କମିଥିବାବେଳେ ସାଧାରଣ ଲୋକ ଆଶ୍ୱସ୍ତି ଅନୁଭବ କରିଥିଲେ। ଯଦି ଏଭଳି ଘନ କୁହୁଡ଼ି ଲାଗି ରହେ, ତେବେ ପରିବା ଚାଷ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନ ରହିଛି।

## ଗୋଲେଇପୁର ମହୋତ୍ସବ ଉଦ୍‌ଯାପିତ



**ପାଣିକୋଇଲି, ୧।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତ ମହୋତ୍ସବ ଉଦ୍‌ଯାପିତ ହୋଇଛି। କଳା, ସଂସ୍କୃତି ଓ ପରମ୍ପରା ସମ୍ପୂର୍ଣ୍ଣ ଗୋଲେପୁର ଯୁବ ସାଥିଙ୍କ ନିଷ୍ଠା, ସଦିଚ୍ଛା ଯୋଗୁଁ ଏହି କାର୍ଯ୍ୟକ୍ରମ କରିବା ସମ୍ଭବ ହୋଇଛି। ୨୦୧୭ରୁ ଅବଧି କ୍ରମାଗତ ଭାବେ ପଞ୍ଚାୟତବାସୀଙ୍କ ମନୋରଞ୍ଜନର ଖୋରାକ ଯୋଗାଇ ଆସିଛି ମହୋତ୍ସବ। ଏହି ମହୋତ୍ସବ ବଡ଼ଦିନରୁ ଆରମ୍ଭ ହୋଇ ବର୍ଷ ଶେଷ ଅର୍ଥାତ ୭ ଦିନ ବ୍ୟାପି ଚାଲିଥିଲା।

ଉଦ୍‌ଯାପନୀ ସନ୍ଧ୍ୟାରେ ବରିଷ୍ଠ ସମ୍ବାଦକ ସୁବାସ ଧଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ମୁଖ୍ୟବକ୍ତା ଭାବେ ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ସଭାପତି କୈଳାସ ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ବିରଞ୍ଚିନାରାୟଣ ଖୁଣ୍ଟିଆ, ନାଏବ ସରପଞ୍ଚ ସେକ ହାସିମ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦୀପ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁବ ସମାଜସେବୀ ଦେବବ୍ରତ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇନଜୀବୀ ଚନ୍ଦ୍ରକାନ୍ତ ଖଣ୍ଡାଇ ଧନ୍ୟବାଦ ପ୍ରଦାନ କରିଥିଲେ। ସଚିନ ଦାଶ, ସମାଧାନ ଦାଶ, ମାଗୁଣୀ ମଲ୍ଲିକ, ଗୁଡୁ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ନୃତ୍ୟ ଓ ସଂଗୀତ, ମେଲୋଡି ପରିବେଷଣ କରାଯାଇଥିଲା। ବିଭିନ୍ନ ରଙ୍ଗବେରଙ୍ଗର ଦୋଳି ଓ ଷ୍ଟଲ୍‌ରେ ଭିଡ ଦେଖିବାକୁ ମିଳିଥିଲା। ମହୋତ୍ସବ କମିଟିର ସମସ୍ତ୍ୟ ସଦସ୍ୟ ମଞ୍ଚ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୋକର୍ଣ୍ଣିକା ପକ୍ଷରୁ ନବବର୍ଷ ଉପଲକ୍ଷେ କବିତା ପାଠୋତ୍ସବ

**ଧର୍ମଶାଳା,୧।୧(ସମିସ):** ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ନୂତନ ବର୍ଷ ଉପଲକ୍ଷେ ବନ୍ଧୁମିଳନ ଓ କବିତା ପାଠୋତ୍ସବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ପ୍ରାଚୀନ କାବ୍ୟ କବିତା ଓ ଆଧୁନିକ କବିତାର ଗତି ଓ ପ୍ରକୃତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ଡ. ରବୀନ୍ଦ୍ର ବିହାରୀ ଯୋଗଦେଇ ହୃଦୟକୁ ଛୁଇଁଲା ପରି କବିତା କାଳଜୟୀ ହୁଏ ବୋଲି କହିଥିଲେ। ଡ. ମହେଶ୍ୱର ପାଢ଼ୀଙ୍କ ସଂଯୋଜନାରେ କବି ଡ. ଗୌତମ ଜେନା, ଡ. ତୁହିନାଂଶୁ ରଥ, ସଂଗ୍ରାମ ଜେନା, ହୃଷିକେଶ ସାମଲ, ଅଧାପକ ବିଜୟ ନାୟକ, ପଣ୍ଡିତ ବ୍ରଜକିଶୋର ଦାଶ, କବି ପ୍ରହଲ୍ଲାଦ ପଣ୍ଡା, ସୁରେନ୍ଦ୍ର ବେହେରା, ସୁନାକର ସାହୁ ଓ ପ୍ରଫୁଲ୍ଲ ସ୍ୱାଇଁ କବିତା ପାଠ କରିଥିଲେ। ସମ୍ପାଦକ ଡ. ଇନ୍ଦୁପ୍ରଭା ସାମଲ ସ୍ୱାଗତ ଭାଷଣ ଓ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ସନ୍ତୋଷ ତରାଇ, ଅଧ୍ୟାପିକା ମଧୁସ୍ମିତା ମିଶ୍ର ପରିଚାଳନା କରିଥିବାବେଳେ ଗୋକର୍ଣ୍ଣିକା ସମ୍ପାଦକ ଡ. ଅମୃତ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଡା. ପାର୍ବତୀବଲ୍ଲଭ ପଟ୍ଟନାୟକଙ୍କ ପରଲୋକ



**ଯାଜପୁର,୧।୧(ସମିସ):** ଯାଜପୁର ସହରର ବରିଷ୍ଠ ଶଲ୍ୟ (ସର୍ଜରୀ) ବିଭାଗ ଡାକ୍ତର ପାର୍ବତୀ ବଲ୍ଲଭ ପଟ୍ଟନାୟକଙ୍କ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ ଭୁବନେଶ୍ୱରରେ ପୁଅବୋହୂଙ୍କ ପାଖରେ ରହୁଥିଲେ। ତାଙ୍କ ପରାଲୋକରେ ଯାଜପୁର ସହରରେ ଶୋକର ଛାୟା ଖେଳିଯାଇଛି। ସେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଦୀର୍ଘବର୍ଷ ହେବ ସର୍ଜରୀ ବିଭାଗରେ ଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ମଧ୍ୟ ରହିଥିଲେ। ପରେ ପଦୋନ୍ନତି ପାଇ ସ୍ୱାସ୍ଥ୍ୟ ବିଭାଗର ଡେପୁଟୀ ଡାଇରେକ୍ଟରରୁ ଅବସର ନେଇଥିଲେ। ସେ ଜଣେ ମେଳାପୀ, ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଡା. କ୍ଷୀରୋଦ ମହାନ୍ତି, ଡା. ରାଜକିଶୋର ପଣ୍ଡା, ଡା. ମଦନ ସାମଲ, ଡା. ଭାଗୀରଥି ପାଣି, ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ପୂର୍ବତନ ପୌରାଧ୍ୟକ୍ଷା ତୁଷାରକାନ୍ତୀ ନାୟକ, ପ୍ରେସ୍ କ୍ଲବ ସଭାପତି ରାଜୀବ ମହାନ୍ତି, ଆଇନଜୀବୀ ସମରଜିତ ମହାନ୍ତି, ମଧୁସୂଦନ ମାହୁନ୍ତ, ଜିଲ୍ଲା ପେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ମେକାପ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ନୂତନ ଅଭିଲେଖାଗାର ଗୃହ ଓ କମ୍ପ୍ୟୁଟର ପ୍ରକୋଷ୍ଠ ଉଦ୍‌ଘାଟିତ

**ବିଞ୍ଝାରପୁର,୧।୧(ସମିସ):** ବିଞ୍ଝାରପୁର ବ୍ଲକ୍ ମାଂସଡ଼ାଠାରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନୂତନ ଅଭିଲେଖାଗାର ଗୃହ ଓ କମ୍ପ୍ୟୁଟର ପ୍ରକୋଷ୍ଠକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଉଦଘାଟନ କରିଛନ୍ତି। ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ତଥା ଜିଲ୍ଲା ରେଜିଷ୍ଟ୍ରାର) ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ସବରେଜିଷ୍ଟ୍ରାର ହରପ୍ରିୟା ପୃଷ୍ଟି, ବିଂଝାରପୁର ଭାରପ୍ରାପ୍ତ ତହସିଲଦାର ରବିନାରାୟଣ ପାଢ଼ୀ ଓ ମାଂସଡ଼ା ଉପନିବନ୍ଧକ ସୁବ୍ରତ ବାରିକ ଯୋଗ ଦେଇଥିଲେ। ଉଦଘାଟନ କରିବା ସହ ଜିଲ୍ଲାପାଳ ଶ୍ରୀ କର ବିଭାଗୀୟ ଅଧିକାରୀଙ୍କ ସହ ନୂତନ ଅଭିଲେଖ ଗୃହ ଓ କମ୍ପ୍ୟୁଟର ପ୍ରକୋଷ୍ଠ ପରିଦର୍ଶନ କରିଥିଲେ। ୬୦ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ଗୃହ ନିର୍ମାଣ କାର୍ଯ୍ୟ ନଭେମ୍ବର ମାସରେ ଶେଷ ହୋଇଥିଲା। ଏଥିରେ ଆଧୁନିକ ରେକର୍ଡ ରୁମ୍ ସହ ସ୍ୱତନ୍ତ୍ର ଇ-ରେଜିଷ୍ଟ୍ରେସନ୍ କାଉଣ୍ଟର ରହିଛି। ନୂତନ ଅଭିଲେଖାଗାରରେ ଜନସାଧାରଣଙ୍କ ବହୁମୂଲ୍ୟ ଦସ୍ତାବିଜ, ଦଲିଲ ଓ ନଥିପତ୍ର ସୁରକ୍ଷିତ ଭାବେ ରହିପାରିବ। ଏହାସହ କମ୍ପ୍ୟୁଟର ପ୍ରକୋଷ୍ଠ ଓ ଇ-ରେଜିଷ୍ଟ୍ରେସନ୍ କାଉଣ୍ଟର ସୁବିଧା ଉପଲବ୍ଧ ହେବା ଯୋଗୁଁ ଲୋକେ ସହଜରେ ତଥା ଶୀଘ୍ର ସେବା ପାଇପାରିବେ।



## ଜିଲ୍ଲା ପ୍ରଶାସନର ବୈଠକ
# ମଣ୍ଡିରେ ସୁବ୍ୟବସ୍ଥିତ ଧାନକ୍ରୟ ଉପରେ ଗୁରୁତ୍ୱ

ଯାଜପୁର,୧।୧(ସମିସ)



ଖରିଫ ଋତୁ ୨୦୨୫-୨୬ରେ ମଣ୍ଡିରେ ଧାନ କ୍ରୟ ସୁଚାରୁରୂପେ ସମ୍ପାଦନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ) ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ଡିଆରସିଏସ ଅମୂଲ୍ୟ ସେଠୀ, ଜିଲ୍ଲା ସାମାଜ ମଙ୍ଗଳ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ କର ସଭାରେ ଉପସ୍ଥିତ ଅଧିକାରୀ, ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ସହ ମଣ୍ଡିରେ ଧାନକ୍ରୟ ନେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ଏହାସହ ସମସ୍ତ ଧାନମଣ୍ଡିରେ ଚାଷୀଙ୍କ ପାଇଁ ମୌଳିକ ସୁବିଧା କରିବା ସହ ଚାଷୀ ଭାଇ ଭଉଣୀଙ୍କୁ ଉଚିତ୍ ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍ ସ୍ତରରେ ନୋଡାଲ ଅଧିକାରୀ ଓ ମଣ୍ଡି ସୁପରଭାଇଜର ବୈଠକ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଧାନ କ୍ରୟରେ ଅବହେଳା କିମ୍ବା ଅବ୍ୟବସ୍ଥା ନଜରକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ କହିଥିଲେ, ମଣ୍ଡିରେ ଧାନ କ୍ରୟ ଓଡ଼ିଶା ସରକାରଙ୍କ ଏକ ଫ୍ଲାଗସିପ ଯୋଜନା। ଯାଜପୁର ଜିଲ୍ଲାରେ ଜାନୁଆରୀ ୭ ତାରିଖରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଗତବର୍ଷ ପ୍ରାୟ ୫୬,୦୦୦ ଚାଷୀଙ୍କଠାରୁ ୨୦ ଲକ୍ଷ ୫୪ ହଜାର ୩୦୫ କ୍ୱିଣ୍ଟାଲରୁ ଅଧିକ ଧାନ କ୍ରୟ କରାଯାଇଥିଲା। ଚଳିତ ବର୍ଷ ପ୍ରାୟ ୫୯,୯୬୦ ପଞ୍ଜିକୃତ ଚାଷୀଙ୍କଠାରୁ ପ୍ରଥମ ପର୍ଯ୍ୟାୟରେ ୧୪ ଲକ୍ଷ ୩୦୦ କ୍ୱିଣ୍ଟାଲରୁ ଅଧିକ ଧାନ କ୍ରୟ କରିବା ପାଇଁ ଲକ୍ଷ୍ୟ ରହିଛି। ଧାନ କ୍ରୟ କେନ୍ଦ୍ରରେ ପାନୀୟ ଜଳ, ଆଲୋକ, ସିସିଟିଭି, ତାର୍ପୋଲିନ, ଆର୍ଦ୍ରତା ମେସିନ ଓ ବସିବା ପାଇଁ ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଏଥର କେବଳ ଝୋଟ ବ୍ୟାଗରେ ହିଁ ଧାନ କ୍ରୟ କରାଯିବ ବୋଲି କହିଥିଲେ। ଯାଜପୁରରେ ସୁବ୍ୟବସ୍ଥିତ ଢଙ୍ଗରେ ମଣ୍ଡିରେ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏଥିସହ ମଣ୍ଡି କ୍ରୟକୁ ସେଣ୍ଟ୍ରାଲ ମନିଟରିଂ ୟୁନିଟ୍ ତଦାରଖ କରିବେ। ଏହି ବୈଠକରେ ୧୩୯ଟି ପ୍ରାଥମିକ କୃଷି ସମବାୟ ସମିତି ସଂପାଦକ, ୪୨ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ମାର୍କେଟିଂ ଇନ୍ସପେକ୍ଟର ଯୋଗ ଦେଇଥିଲେ। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍-ବାଇକ୍ ଧକ୍କା; ଲକ୍ଷ୍ମୀ ବସ୍ ଚାଳକ ମୃତ



କପ୍ତିପଦା,୧।୧(ସମିସ): କପ୍ତିପଦା ଥାନା ପୁରୁଣାପାଣି ଝିଙ୍କେଶ୍ୱର ପେଟ୍ରୋଲ ପମ୍ପ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଟୁରିଆ ଗ୍ରାମର ବଳିଆ ପାତ୍ର (୩୦)। ସେ ଲକ୍ଷ୍ମୀ ବସ୍‌ରେ ଚାଳକ ଭାବେ କାର୍ଯ୍ୟ କରନ୍ତି। ପ୍ରକାଶ ଯେ, ଲକ୍ଷ୍ମୀ ବସ୍ ଷ୍ଟାଣ୍ଡରେ ବସ୍ ରଖି ନିଜ ବାଇକ୍ ଯୋଗେ ନିଜ ଘର କଟୁରିଆକୁ ଫେରୁଥିଲେ ଲକ୍ଷ୍ମୀ ବସ୍ ଚାଳକ ବଳିଆ ପାତ୍ର (୩୦)। ପୁରୁଣାପାଣି ଝିଙ୍କେଶ୍ୱର ପେଟ୍ରୋଲ ପମ୍ପ ନିକଟରେ ବାଇକ୍‌ରେ ପେଟ୍ରୋଲ ଭର୍ତ୍ତି କରି ଶରତ-କପ୍ତିପଦା ମୁଖ୍ୟ ରାସ୍ତା ଉପରକୁ ଉଠୁଥିବାବେଳେ କପ୍ତିପଦା ପଟୁ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବଳିଆଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ ମଧ୍ୟ ପ୍ରାୟ ଘଣ୍ଟାଏ ପରେ ଥାନା ଗାଡ଼ି ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ତେବେ କାର୍ ଚାଳକ ଜଣକ ଉଦଳା ମୁଗ୍ରା ଅଞ୍ଚଳର ଜ୍ଞାନ ରଞ୍ଜନ ଜେନା(୩୫) ବୋଲି ଜଣାପଡ଼ିଛି। ସେ ଅତ୍ୟଧିକ ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚଳାଇ ବଡ଼ଖଲାଡ଼ିସ୍ଥିତ ଶଶୁର ଘରକୁ ଯାଉଥିଲେ ବୋଲି ଉପସ୍ଥିତ ଲୋକମାନେ ଆଲୋଚନା କରୁଛନ୍ତି।

# ପାଟଣା ରେଞ୍ଜରେ ସକ୍ରିୟ କାଠ ମାଫିଆ



ଡୁରୁମୁଙ୍ଗା, ୧।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ପାଟଣା ସେକ୍ସନ ଦହିବହାଳି ଦେଇ ଯାଇଥିବା ମାଧାପୁର ଡ୍ୟାମ କେନାଲ ହୁଡ଼ାରୁ କାଠ ମାଫିଆମାନେ ଆକାଶିଆ ଓ ୟୁକାଲି ପଟାସ ଗଛ କାଟି ନେଇଛନ୍ତି। କଟା ଯାଇଥିବା କାଠ ଗଣ୍ଡି ସବୁକୁ ନେଇ ଦହିବାହାଳିର ଜଣେ ବ୍ୟକ୍ତିଙ୍କ ଖଳାରେ ନେଇ ଗଚ୍ଛିତ କରିଥିଲେ ହେଁ ବନ ବିଭାଗ ଏହାର ଟେର ପାଇ ନାହିଁ। କେନାଲ ହୁଡ଼ାରୁ ଗଛ କାଟି ନେବା ଫଳରେ କେନାଲ ହୁଡ଼ା ଦୁର୍ବଳ ହେବା ସହ ଘାଇ ସୃଷ୍ଟି ହେବା ଆଶଙ୍କା ଉପୁଜିଛି। ଏନେଇ ମାଧପୁର ମାଇନର ଇରିଗେଶନ ପ୍ରୋଜେକ୍ଟ ଏସ୍‌ଡିଓ କିମ୍ବା ପାଣି ପଞ୍ଚାୟତ କମିଟି ତରଫରୁ ମଧ୍ୟ କୌଣସି ପଦକ୍ଷପ ନିଆ ଯାଇ ନଥିବା ଜଣାପଡ଼ିଛି।

# ମଡେଲ ମଣ୍ଡି ଓ ଶୀତଳ ଭଣ୍ଡାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ

ବାରିପଦା,୧।୧(ସମିସ): ମୟୂରଭଞ୍ଜ ଭଳି କୃଷିପ୍ରଧାନ ଓ ଆଦିବାସୀ ବହୁଳ ଜିଲ୍ଲାର ବିକାଶ ପାଇଁ ବିଭିନ୍ନ ସ୍ଥାନରେ ମଡେଲ ମଣ୍ଡି ସହ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଛନ୍ତି ରାଜ୍ୟସଭା ସାଂସଦ ମମତା ମହାନ୍ତ। ଏଠାରେ ସୂଚନା ଯୋଗ୍ୟ, ନିକଟରେ ରାଜ୍ୟ ସରକାର ରାଜ୍ୟରେ ପ୍ରତି ଜିଲ୍ଲାରେ ଦୁଇଟି ଲେଖାଏଁ ମଡେଲ ମଣ୍ଡି ଖୋଲିବାକୁ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ମଡେଲ ମଣ୍ଡିଗୁଡ଼ିକରେ ଚାଷୀମାନଙ୍କର ଉତ୍ପାଦିତ ଦ୍ରବ୍ୟର ଓଜନ ମାପ ଯନ୍ତ୍ର, ଇଲେକ୍ଟ୍ରୋନିକ୍ ଡିସ୍‌ପ୍ଲେ ବୋର୍ଡ, ଶୌଚାଳୟ, ବଜାର, ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଟିଫିନ ସେଣ୍ଟର ରହିବ ବୋଲି ସ୍ଥିର କରାଯାଇଛି। ଏହାକୁ ସାଂସଦ ଶ୍ରୀମତୀ ମହାନ୍ତ ସ୍ୱାଗତ କରିବା ସହ ମୟୂରଭଞ୍ଜ ଜିଲ୍ଲାର ବାରିପଦା, ବେତନଟୀ, ବିଶୋଇ, ଉଦଳା ଓ କରଞ୍ଜିଆ ପ୍ରଭୃତି ସ୍ଥାନରେ ମଡେଲ ମଣ୍ଡି ସ୍ଥାପନ ସହ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ପ୍ରସ୍ତାବ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଶୀତଳ ଭଣ୍ଡାରର ସୁବିଧା ନ ଥିବ ହେତୁ ଚାଷୀମାନେ ତାଙ୍କର ବଳକା ଉତ୍ପାଦିତ ପନିପରିବାକୁ ଅତି କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ପରବର୍ତ୍ତୀ ସମୟରେ ସେମାନେ ଚାଷ କାର୍ଯ୍ୟ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ପରିଲକ୍ଷିତ ହେଉଛି ବୋଲି ସାଂସଦ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

● ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍

# ୫ ବର୍ଷର ବାଳକ ସାଇଅନୁସଙ୍କୁ ସ୍ୱର୍ଣ୍ଣପଦକ




ବାରିପଦା,୧।୧(ସମିସ): ଭଦ୍ରକରେ ଅନୁଷ୍ଠିତ ୨୨ତମ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ -୨୦୨୫ରେ ମୟୂରଭଞ୍ଜର ୬ ବର୍ଷର ବାଳକ ସାଇଅନୁସ ପାତ୍ର ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ୫ରୁ ୭ ବର୍ଷ ବର୍ଗର କ୍ୟାଡେଟ୍ ବାଳକ ବିଭାଗରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଏହି ପଦକ ହାସଲ କରି ନିଜ ବିଦ୍ୟାଳୟ ତଥା ବାରିପଦାରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ବାସିନ୍ଦା ମନୋରଞ୍ଜନ ପାତ୍ର ଓ ବବିତା ସାହା ପାତ୍ରଙ୍କ ପୁତ୍ର ସାଇଅନୁସ ଗୁରୁ ଯୋଗେଶ କୁମାର ମହାନ୍ତଙ୍କଠାରୁ ପ୍ରଶିକ୍ଷଣ ପାଇ ଏହି ପଦକ ହାସଲ କରିବା ସହ ଭବିଷ୍ୟତରେ ଜଣେ ଦକ୍ଷ ଖେଳାଳି ହୋଇ ଦେଶ ପାଇଁ ସୁନାମ ଆଣିପାରିବେ ବୋଲି ପିତାମାତା ଆଶାପୋଷଣ କରିଛନ୍ତି। ବର୍ତ୍ତମାନ ସେ ସେଣ୍ଟ ଇନ୍‌ସ୍ କନ୍‌ଭେଣ୍ଟ ସ୍କୁଲରେ ଏଲ୍‌କେଜିର ଛାତ୍ର। ଖବର ପାଇ ବିଦ୍ୟାଳୟର ଅଧକ୍ଷ, ଶିକ୍ଷକଶିକ୍ଷୟିତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ହଳଦିଆ ବନ୍ଧ ପାର୍କ ପ୍ରବେଶ ଶୁଳ୍କ ଆଦାୟକୁ ନେଇ ଉତ୍ତେଜନା

## ପର୍ଯ୍ୟଟକ ଅସନ୍ତୁଷ୍ଟ; ମୁହଁ ଖୋଲୁନାହାନ୍ତି ଅଧିକାରୀ

ବାରିପଦା,୧।୧(ସମିସ): କୁଳିଅଣା ବ୍ଲକ୍ ଅଧୀନ ହଳଦିଆ ବନ୍ଧରେ ନବନିର୍ମିତ ପାର୍କ ଭ୍ରମଣ ଓ ବନ୍ଧର ସୌନ୍ଦର୍ଯ୍ୟ ଦର୍ଶନ ପାଇଁ ନବବର୍ଷରେ ପହଞ୍ଚିଥିବା ପର୍ଯ୍ୟଟକଙ୍କ ପାଖରୁ ପ୍ରବେଶ ଶୁଳ୍କ ନାମରେ ଟଙ୍କା ଆଦାୟକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପରିସ୍ଥିତି ଅଣାୟତ ହେବା ପୂର୍ବରୁ ଶୁଳ୍କ ଆଦାୟ କରୁଥିବା ସ୍ଥାନୀୟ ଏସ୍‌ଏଚ୍‌ଜି ଗୋଷ୍ଠୀର ସଦସ୍ୟାମାନେ ଶେଷରେ ସ୍ଥାନ ଛାଡ଼ି ପଳାଇ ଯିବାକୁ ବାଧ୍ୟ ହୋଇଥିଲେ। ଏହି ଘଟଣାର ଉପଯୁକ୍ତ ତଦନ୍ତ ସହିତ ପରବର୍ତ୍ତୀ ସମୟରେ ଘଟଣାର ପୁନରାବୃତ୍ତି ନ ହେବା ପାଇଁ ମୟୂରଭଞ୍ଜ ଦିବ୍ୟାଙ୍ଗ ମହାସଂଘର ଅଧ୍ୟକ୍ଷ ଅରୁଣ ବେହେରା ପ୍ରଶାସନକୁ ଅନୁରୋଧ କରିଛନ୍ତି ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି। ମାନସିକ ଅବସାଦରୁ ମୁକ୍ତି ସହିତ ପର୍ଯ୍ୟଟନର ବିକାଶ ପାଇଁ ସରକାର ବିଭିନ୍ନ ପର୍ଯ୍ୟଟନ ସ୍ଥଳ, ପିକ୍‌ନିକ୍ ସ୍ପଟ୍ ଆଦିର ବିକାଶ କରୁଛନ୍ତି। ଏହି କ୍ରମରେ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ତଥା କୁଳିଅଣା ବ୍ଲକ୍ ଅଧୀନ ହଳଦିଆ ଡ୍ୟାମ୍ ବା ବନ୍ଧରେ ବିଧାୟିକା ସଞ୍ଜଳୀ ମୁର୍ମୁଙ୍କ ଉଦ୍ୟମରେ ବାରିପଦା ଆଇଟିଡିଏର ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ମିନି ପାର୍କ ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ବନ୍ଧରେ ବୋଟିଂ ବ୍ୟବସ୍ଥା କରାଯାଇଛି। ଯାହାର ଉଦ୍‌ଘାଟନ ୨ଦିନ ପୂର୍ବେ ଗତ ୩୦ ତାରିଖରେ ସମ୍ପନ୍ନ ହୋଇଥିଲା। ସୁନ୍ଦର ପ୍ରକଳ୍ପ ପାଇଁ ଉଦ୍‌ଘାଟନ ଦିନଠାରୁ ଲୋକଙ୍କ ସମାଗମ ବୃଦ୍ଧି ପାଇଛି। ତେବେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ୩୧ ତାରିଖରେ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ରଖାଯାଇଥିଲା। କିନ୍ତୁ ଅପରାହ୍ଣ ୩ଟା ବେଳକୁ ଲୋକମାନେ ପ୍ରବେଶ ବନ୍ଦ ପାଇଁ ହୋଇଥିବା ବାଉଁଶ ବାଡ଼ ଭାଙ୍ଗି ବଳପୂର୍ବକ ଭିତରକୁ ପ୍ରବେଶ କରିଥିଲେ। ଅପରପକ୍ଷରେ ନବବର୍ଷ ଗୁରୁବାର ସକାଳୁ ସ୍ଥାନୀୟ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପର୍ଯ୍ୟଟକଙ୍କ ପ୍ରବେଶ ବାବଦକୁ ଶୁଳ୍କ ଆଦାୟ ଆରମ୍ଭ ହୋଇଥିଲା। କୌଣସି ପ୍ରାକ୍ ସୂଚନା ବା ସରକାରୀ ନିର୍ଦ୍ଦେଶନାମା ନ ଥାଇ ମହିଳା ସଦସ୍ୟାମାନେ ସାଦା କାଗଜ ଟୁକୁଡ଼ାରେ ହାତଲେଖା ମୂଲ୍ୟର ଟିକଟ ପ୍ରତିବଦଳରେ ପ୍ରବେଶ ଅନୁମତି ଦେଉଥିଲେ। ୫ବର୍ଷ ପର୍ଯ୍ୟନ୍ତ ପ୍ରତି ପିଲାଙ୍କ ପାଇଁ ୨୦ଟଙ୍କା ଓ ତଦୁର୍ଦ୍ଧ୍ୱ ବୟସର ପ୍ରତି ଲୋକଙ୍କ ପାଇଁ ୫୦ଟଙ୍କା ଲେଖାଏଁ ଆଦାୟ କରୁଥିଲେ। ତେବେ ଜନସମାଗମ ବୃଦ୍ଧି ପରେ ପରେ ଶୁଳ୍କ ଆଦାୟକୁ ନେଇ ଅସନ୍ତୋଷ ଉତ୍ତେଜନା ରୂପ ଧାରଣ କରିଥିଲା। ଶେଷରେ ଲୋକଙ୍କ ଆକ୍ରୋଶ ଭୟରେ ମହିଳା ସଦସ୍ୟାଗଣ ସ୍ଥାନ ଛାଡ଼ି ପଳାଇଥିଲେ। ଏପରି ଘଟଣାର କାରଣ ପଚାରିବା ପାଇଁ ବାରିପଦା ଆଇଟିଡିଏ ପିଏ ପ୍ରଣୟ ରଞ୍ଜନ ବେହେରା ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୁରୁଚରଣ





ସିଂଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ। ଅପରପକ୍ଷରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳୀ ମୁର୍ମୁ ଫୋନ୍‌ରେ କୌଣସି ମତାମତ ଦେବେ ନାହିଁ। ମତାମତ ପାଇଁ ଭେଟିବାକୁ ଆମ ପ୍ରତିନିଧିକୁ କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ, ଏସ୍‌ଏଚ୍‌ଜି ମହିଳାଙ୍କୁ ଶୁଳ୍କ ଆଦାୟ ଅନୁମତି କିଏ ଦେଇଥିଲେ। ଯଦି କେହି ଦେଇନାହାନ୍ତି, ତେବେ ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ କି ନାହିଁ ଦେଖିବାକୁ ବାକି ରହିଲା।

# ହାଟରୁ ବାଇକ୍ ଚୋରି

ରାଇରଙ୍ଗପୁର,୧।୧(ସମିସ): ବିଜାତଳା ହାଟରୁ ଏକ ବାଇକ୍ ଚୋରି ହୋଇଛି। ଏନେଇ ରାଇରଙ୍ଗପୁର ଅଞ୍ଚଳର ଚାମରୁ ହେମ୍ବ୍ରମ ଥାନାରେ ଅଭିଯୋଗ କରିଛନ୍ତି। ସେ ହାଟକୁ ସଉଦା ଆଣିବାକୁ ଯାଇଥିବାବେଳେ ହାଟ ସମ୍ମୁଖ ରାସ୍ତାକଡ଼ରେ ବାଇକ୍ ପାର୍କିଂ କରିଥିଲେ। ଫେରିକି ଆସିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ବାଇକ୍ ପାଇ ନ ଥିଲେ। ଦୁର୍ବୃତ୍ତମାନେ ବାଇକ୍ ଚୋରି କରିଥିବାର ଜାଣି ଥାନାରେ ଅଭିଯୋଗ କରିଛନ୍ତି।

# ବାଲିବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୧।୧(ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ବହଳଦା ତହସିଲ୍‌ଦାର ଓ ଥାନା ଦ୍ୱାରା ବାଲିବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ତହସିଲ୍ ଓ ପୁଲିସ ମିଳିତ ପାଟ୍ରୋଲିଂ କରି ଖଡ଼ଖାଇ ନଦୀଘାଟରେ ଚଢ଼ଉ କରି ଟ୍ରାକ୍ଟର ଜବତ କରିଛନ୍ତି। ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଟ୍ରାକ୍ଟର ଅଟକାଇ ପଚରାଉଚରା କରିଥିଲା। କୌଣସି କାଗଜପତ୍ର ନ ଥିବାବେଳେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏନେଇ ତହସିଲ୍‌ଦାରଙ୍କ ଅଭିଯୋଗକ୍ରମେ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଜବତ କରି ତଦନ୍ତ ଜାରି ରହିଛି।

# 'ମକର ମଣ୍ଡା' ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ

ସାରସକଣା,୧।୧(ସମିସ): ନନ୍ଦିଘୋଷ ସାହିତ୍ୟ ସମାଜ ସାରସକଣା ଆନୁକୂଲ୍ୟରେ ସ୍ଥାନୀୟ ଈଶ୍ୱର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ପରିସରରେ ଆଗାମୀ ମକର ସଂକ୍ରାନ୍ତି ଅବସରରେ ପ୍ରକାଶ ପାଇବାକୁ ଥିବା ସାହିତ୍ୟ ସମାଜର ବାର୍ଷିକ ସାହିତ୍ୟ ପତ୍ରିକା "ମକର ମଣ୍ଡା'ର ୩୨ତମ ସଂଖ୍ୟାର ପ୍ରସ୍ତୁତି ପାଇଁ ମକର ମଣ୍ଡା ପରିବାରର ଏକ ବୈଠକ ଏବଂ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ପଦ୍ମନାଭ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମିଳନ ପ୍ରାରମ୍ଭରେ ପରିବାରର ଦିବଂଗତ ସଦସ୍ୟ ନିରଞ୍ଜନ ମହାକୁଡ଼, ପରମେଶ୍ୱର ବେହେରା ଓ ସନ୍ତୋଷ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସାହିତ୍ୟ ସମାଜର ସମ୍ପାଦକ ଜଗନ୍ନାଥ ସାହୁ ଆଗାମୀ



ବର୍ଷର ସାରସ୍ୱତ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଦସ୍ୟ ସୁଧାଂଶୁ ଶେଖର ସେଠୀ, ହିମାଂଶୁ ଶେଖର ସାହୁ, ପ୍ରଦୀପ ପାଲିତ, ସୁନୀଲ କୁମାର ସାହୁ, ରବୀନ୍ଦ୍ର ନାଥ ଭୋଳ, ଅନ୍ତର୍ଯ୍ୟାମୀ ସାହୁ, ସୁଧାଂଶୁ କର, ଦୟାନିଧି ସାହୁ, ଅତୁଲ ଦାସ, ସୁକାନ୍ତ ସାହୁ, ତପନ କୁମାର ଦଣ୍ଡପାଟ, ସତ୍ୟନାରାୟଣ ସାହୁ, ନବକିଶୋର ସେଠୀ, ଅସିତ୍ ସାହୁ, ଭକଶଙ୍କର ହାଁସଦା, ସୌରଭ ଭୋଳ, କାମେଶ୍ୱର ସାହୁ, ତପନ ସାହୁ, ଅଜିତ୍ ପ୍ରତିହାରୀ, ଦୁର୍ଗା ପ୍ରସାଦ ନନ୍ଦୀ, ସୁଶାନ୍ତ ପ୍ରତିହାରୀ ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରଙ୍ଗବଲ୍ଲଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ରାଇରଙ୍ଗପୁର,୧।୧(ସମିସ): ଦାଣ୍ଡବୋଷ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ତିରିଂ ଥାନା ଅନ୍ତର୍ଗତ ଗିଧିଘାଟି ଗ୍ରାମର ରାସବିହାରୀ ପାତ୍ର। ସେ ଘରକୁ ଫେରୁଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁଁ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରୁ ବାରିପଦା ପିଆର୍‌ଏମ୍ ହସ୍ପିଟାଲକୁ ସ୍ଥାନାନ୍ତରିତ ହୋଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ରାଇରଙ୍ଗପୁର ଟାଉନ୍ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ମେଗା କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ବାରିପଦା,୧।୧(ସମିସ): ମୟୂରଭଞ୍ଜରେ ପ୍ରଥମ ଥର ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବାରିପଦା ଅଞ୍ଚଳ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ମିଳିତ ପ୍ରୟାସରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମେଗା କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ




## ୨୦୧ କୋଟିର ଋଣ ପ୍ରଦାନ

ସମ୍ମାନିତ ଅତିଥି ଭାବେ ସତ୍ୟବତୀ ସାହୁ (ମହା ପ୍ରବନ୍ଧକ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ), ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ନାବାର୍ଡର ଉନ୍ନୟନ ପରିଚାଳକ ସ୍ମାରକ କୁମାର ମହାନ୍ତି ଓ ଏଲ୍‌ଡିଏମ୍ ସୂର୍ଯ୍ୟନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବାରିପଦା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ କବିତା ଜ୍ୟୋତିଷୀ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିରଜା ପ୍ରସାଦ କର ନିମନ୍ତ୍ରିତ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଏହି କ୍ରେଡିଟ୍ ଆଉଟ୍‌ରିଚ୍ ପ୍ରୋଗ୍ରାମର ଆଭିମୁଖ୍ୟ ହେଉଛି ସମାବେଶୀ ଉନ୍ନତି, ଆର୍ଥିକ ସଶକ୍ତୀକରଣ ଓ ସାମାଜିକ-ଆର୍ଥିକ ବିକାଶ ପ୍ରତି ତାହାର ଦୃଢ଼ ସଂକଳ୍ପକୁ ସୁନିଶ୍ଚିତ କରିବା। ଏହି ପ୍ରୋଗ୍ରାମ ମାଧ୍ୟମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଦ୍ୱାରା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ କୃଷି ବିଭାଗର କିଷାନ କ୍ରେଡିଟ୍ କାର୍ଡ ହିତାଧିକାରୀମାନଙ୍କୁ ୨୦୧ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରୋତ୍ସାହନ ସ୍ୱରୂପ ଚେକ୍ ପ୍ରଦାନ କରିଥିଲେ ଏବଂ ଶ୍ରେଷ୍ଠ ବ୍ୟାଙ୍କ ମିତ୍ରମାନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ସମାବେଶ ଚାଟଶାଳୀ ପକ୍ଷରୁ ଲାଇଭ୍ ପେଣ୍ଟିଂ ପ୍ରତିଯୋଗିତା



ବାରିପଦା,୧।୧(ସମିସ): ମୟୂରଭଞ୍ଜର ଐତିହ୍ୟସ୍ଥଳୀ ହରିପୁରଗଡ଼ରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୌନଧ୍ୱନି ଫାଉଣ୍ଡେସନର ଶିକ୍ଷା କାର୍ଯ୍ୟକ୍ରମ ସମାବେଶ ଚାଟଶାଳୀ ପକ୍ଷରୁ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ହରିପୁରଗଡ଼ ସ୍ଥାପତ୍ୟକୁ ଦେଖି ଛାତ୍ରଛାତ୍ରୀମାନେ ଲାଇଭ୍ ପେଣ୍ଟିଂ କରିଥିଲେ। ଏହାକୁ ରଙ୍ଗତୂଳୀରେ ଜୀବନ୍ତ କରି ପ୍ରତାପପୁରର ପ୍ରତ୍ୟୁଷ କୁମାର ନାଏକ, ବିରେନ୍ଦ୍ର ବାହାଦୁର, ଆୟୂଷ ସିଂ କୃତିତ୍ୱ ହାସଲ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆକାଶ ମହାନ୍ତ, ନାନୁ ରାଜଦୀପ୍, ଚମ୍ପାବତୀ ହାଁସଦା, ଦେବେନ୍ଦ୍ର ରାଉଳ ପ୍ରମୁଖ ପରିଚାଳନା କରିଥିଲେ।

## ନବବର୍ଷରେ ଭୋଜିଭାତ ଆସର

# ପର୍ଯ୍ୟଟସ୍ଥଳୀ ଭୀମକୁଣ୍ଡରେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼





ଡୁରୁମୁଙ୍ଗା, ୧।୧(ସମିସ): ପର୍ଯ୍ୟଟନ ଋତୁରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଘାଟବାଲିଯୋଡ଼ିସ୍ଥିତ ଭିମକୁଣ୍ଡ ପର୍ଯ୍ୟଟନସ୍ଥଳୀରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ବେଶ୍ ଜମିବାରେ ଲାଗିଛି। ଗୁରୁବାର ନୂଆବର୍ଷ ଉପଲକ୍ଷେ ଏହି ପର୍ଯ୍ୟଟନସ୍ଥଳୀ ବୁଲିବା ସହ ବଣଭୋଜି କରିବା ପାଇଁ ୧୦ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ଅନୁମାନ କରାଯାଉଛି। ଲୋକେ ଭୋଜିଭାତ ସହ ନାଚଗୀତରେ ନୂଆବର୍ଷକୁ ସ୍ୱାଗତ କରିଥିଲେ।

ପର୍ଯ୍ୟଟନ ଋତୁ ଆସିଲେ ଭୀମକୁଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଭୀମକୁଣ୍ଡରେ ଅବ୍ୟବସ୍ଥା ଯୋଗୁଁ ଏବେ ଧୀରେ ଧୀରେ ପର୍ଯ୍ୟଟକ ମୁହଁ ଫେରାଉ ଥିବା ଦେଖିବାକୁ ମିଳିଛି। ଶୌଚାଳୟ ସାଙ୍ଗକୁ ସୁରକ୍ଷା ପାଇଁ ପୁଲିସ କର୍ମଚାରୀ ନଥିବାରୁ ପର୍ଯ୍ୟଟକ ମନରେ ଅସନ୍ତୋଷ ଦେଖାଦେଇଛି। ଭୀମକୁଣ୍ଡ ଭଳି ଜନଗହଳିପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀରେ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ କର୍ମଚାରୀ ମୁତୟନ ହେବା ସହ ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ପର୍ଯ୍ୟଟକଙ୍କ ଦାବି ହୋଇଛି। ଉଭୟ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାରେ ବୈତରଣୀ ନଦୀଶଯ୍ୟାରେ ଭୀମକୁଣ୍ଡ ଜଳପ୍ରପାତର ମନୋହର ଦୃଶ୍ୟରେ ପର୍ଯ୍ୟଟକମାନେ ଆତ୍ମବିଭୋର ହୋଇ ପ୍ରକୃତିର ବିଭିଧତାକୁ ମନ ଭରି ଉପଭୋଗ କରୁଛନ୍ତି। ଭୀମକୁଣ୍ଡର ପ୍ରସ୍ତର ଶଯ୍ୟାରେ ଶୁଭ୍ର ରଙ୍ଗର ବିସ୍ତୀର୍ଣ୍ଣ ଜଳରାଶି ଓ ବିଶାଳ ଜଳକୁଣ୍ଡ ସର୍ବଦା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। କେନ୍ଦୁଝର ତଥା ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ପ୍ରକୃତିପ୍ରେମୀଙ୍କ ମନ ସବୁ ସମୟରେ ଜିଣି ଆସିଥାଏ। ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାରେ ସବୁଜବନାନୀ ଘେରା ପୁଣ୍ୟତୋୟା ବୈତରଣୀ ଶଯ୍ୟାରେ ଏହି ମନୋରମ ସ୍ଥାନ ଅବସ୍ଥିତ। ପର୍ଯ୍ୟଟନ ଋତୁରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ଅନ୍ୟ ରାଜ୍ୟରୁ ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବେଶ୍ ମନ ଭରି ଉପଭୋଗ କରିଥାନ୍ତି। ନଦୀ ଶଯ୍ୟାରେ ଜଳପ୍ରପାତ ଓ ତାହାର ଘୁ ଘୁ ନାଦ ବିଶାଳ କୁଣ୍ଡ ସବୁଜବନାନି ବନଫୁଲର ଶୋଭା ଦର୍ଶକଙ୍କ ମନରେ ରୋମାଞ୍ଚ ଭରିଦିଏ। କୁଣ୍ଡେଶ୍ୱର ଶିବ ମନ୍ଦିର ସୁନ୍ଦର ପାହାଚ ବିଶ୍ରାମସ୍ଥଳୀ ୱାଚଟାୱାର ଏହାର ଆକର୍ଷଣକୁ ଦ୍ୱିଗୁଣିତ କରୁଛି।

ମହାଭାରତ ଯୁଗର ଘଟଣା ବହୁଳ କିମ୍ବଦନ୍ତୀ ସହ ଏହି ସ୍ଥାନରେ ସମ୍ପର୍କ ଅଛି ବୋଲି ଭୀମକୁଣ୍ଡ ନାମରୁ ଅନୁମାନ କରାଯାଏ। ପୌରାଣିକ କଥା ଅନୁସାରେ, ମହାଭାରତ ସମୟରେ ପଞ୍ଚୁ ପାଣ୍ଡବମାନେ ଏଠାରେ ଅଜ୍ଞାତବାସ କରିଥିଲେ। ବୈତରଣୀର ଜଳରାଶିରେ ଭୀମ ଗାଧୋଉଥିବା ସମୟରେ ଭୀମଙ୍କ ବିଶାଳ ଦେହରେ ଜଳଧାରା ବାଡେଇ ହୋଇ ସେଠାରେ ନିମ୍ନଗାମୀ ହୋଇ ବିଶାଳ ଗଣ୍ଡ ସୃଷ୍ଟି ହୋଇଥିଲା। ସେବେଠାରୁ ସେଇ ଗଣ୍ଡର ନାମ ଭୀମଙ୍କ ନାମରେ ନାମିତ ହୋଇ ଭୀମକୁଣ୍ଡ ହୋଇଛି। ବଡ଼ଦିନ ନୂଆବର୍ଷରେ ଏଠାରେ ପର୍ଯ୍ୟଟକ ଭିଡ଼ ଜମିବା ସହ ହଜାର ହଜାର ପର୍ଯ୍ୟଟକ ପ୍ରତ୍ୟେକ ଦିନ ବଣଭୋଜି ଓ ବୁଲାବୁଲି କରି ଯାଇଥାନ୍ତି। ମକର ସମୟରେ ଏଠାରେ ବୁଡ଼ ପକାଇବାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସିଥିବା ବେଳେ ପର୍ଯ୍ୟଟନ ଋତୁରେ ବର୍ଷର ଅକ୍ଟୋବର ମାସରୁ ମାର୍ଚ୍ଚ ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏଠାକୁ ପର୍ଯ୍ୟଟକଙ୍କ ସୁଅ ସୁଅ ଛୁଟିବା ସହ ବେଶ ଚଳଚଞ୍ଚଳ ହୋଇ ପଡ଼େ ଏହି ଭୀମକୁଣ୍ଡ। ଭୀମକୁଣ୍ଡର ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ନିଆଯାଇଛି ଅନେକ ପଦକ୍ଷେପ। ପିଣ୍ଡି ୱାଚ ଟାୱାର ଓ ପାନୀୟଜଳ ବ୍ୟବସ୍ଥା କରାଯାଇଛି। ପ୍ରକୃତିର ବିଭିଧତା ଓ ଭୀମକାନ୍ତ ଦୃଶ୍ୟ ଥରେ ନୟନରେ ଦେଖିବା ଉଚିତ ପରିବେଶବିତ ମତ ଦିଅନ୍ତି।

# ବାଣୀପୀଠ ପକ୍ଷରୁ ମଧ୍ୟରାତ୍ର ବହୁଭାଷୀ ଉଷ୍ମମ କବିତା ଆସର



ବଡ଼ସାହି,୧।୧(ସମିସ): ଉତ୍ତର ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ବାଣୀପୀଠ' ବଡ଼ସାହି ପକ୍ଷରୁ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ଓଡ଼ିଆ ଲେଖକ ପରିଷଦ ଅନୁକୂଲ୍ୟରେ ଡିସେମ୍ବର ୩୧ ତାରିଖରେ 'ମଧ୍ୟରାତ୍ର ବହୁଭାଷୀ ଉଷ୍ମମ କବିତା ଆସର' ଅନୁଷ୍ଠିତ ହୋଇଯାଇଛି। ବାଣୀପୀଠର ଅଧ୍ୟକ୍ଷ ଡ. କୁମାର ବାବୁଲିଙ୍କ ତତ୍ତ୍ୱାବଧାନ ଓ ପୁହାଣ ସୂର୍ଯ୍ୟକାନ୍ତି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କବି ସୌମ୍ୟରଞ୍ଜନ ନାୟକ ଯୋଗଦେଇ କବିତା ଜୀବନକୁ ଜଗ୍ରତ କରିବା ସହିତ ଶୀତକୁ ଦୂରେଇ ଦେଇ ଆତ୍ମୀୟତାର ଉଷ୍ମତାକୁ ବୃଦ୍ଧି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶବ୍ଦକୁଞ୍ଜର ପ୍ରତିଷ୍ଠାତା କବି କାର୍ତ୍ତିକ ସେଠୀ, ସ୍ୱତନ୍ତ୍ର ଅତିଥି ଭାବେ କବି ମଳୟ ମଞ୍ଜରୀ ରଥ ଓ ସମ୍ମାନିତ ଅତିଥି ଭାବେ ହିନ୍ଦୀ କବି ଗୋବିନ୍ଦ ହେମ୍ବ୍ରମ, ବର୍ଷାରାଣୀ ମହାନ୍ତ, ଶୁଭଜିତ୍ ଶୁଭଙ୍କର ରାଉତ, ପିଓ ମାଣ୍ଡି ଏବଂ ସୁମନ କୁମାର ବେହେରା ଯୋଗଦେଇ ସମାଜକୁ ସୁଧାରିବା ପାଇଁ କବିତା ପଠନ ଓ ଶ୍ରବଣର ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବାନୀ ସିଂ, ଜ୍ୟୋତି ପ୍ରକାଶ ମହାନ୍ତ, ସୂର୍ଯ୍ୟ ପ୍ରତାପ ସ୍ୱାଇଁ, ହିତୈଶ୍ରୀ ମହାର୍ଣ୍ଣା, ଶୁଭଦ୍ରା ବିନ୍ଧାଣୀ, ନଦିତା ମହାନ୍ତ, ପପୁ ହେମ୍ବ୍ରମ, ଲକ୍ଷ୍ମୀପ୍ରିୟା ବଗାଳ, ସୌମ୍ୟରଞ୍ଜନ ସିଂ, ଦେବୀ ବଡ଼ମାଝୀ, ଶେଖର ନାୟକ, ଅଲିସା ବେହେରେଣିଆ ଆଦି ୨୬ଜଣ ନୂଆବର୍ଷ କବିତା ପାଠ କରିଥିଲେ। ସଧାରାଣୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସାମୂହିକ ଭାବେ ସମସ୍ତେ ପୋଡ଼ପିଠା ଖାଇବାର ମଜା ନେଇଥିଲେ।

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ନିବେଶ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ନିଜ ଲୋକ ଶତ୍ରୁ ସାଜିବେ। ମାପିଚୁପି କଥା କୁହନ୍ତୁ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

## ଆଜିର ଇତିହାସ

- ୧୭୫୭- ବ୍ରିଟିଶ୍ ସେନା କଲିକତା ସହର ଉପରେ କବ୍‌ଜା କଲା।
- ୧୯୪୨- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ସେନା ଫିଲିପାଇନ୍ସର ରାଜଧାନୀ ମାନିଲା ଉପରେ କବ୍‌ଜା କଲେ।
- ୧୯୫୪- ଭାରତ ରତ୍ନ ପୁରସ୍କାରର ଆରମ୍ଭ ହେଲା ।
- ୧୯୭୧-ସ୍କଟ୍‌ଲ୍ୟାଣ୍ଡର ଗ୍ଲାସ୍‌ଗୋରେ ଏକ ଫୁଟବଲ ମ୍ୟାଚ୍‌ରେ ଦଳାଚକଟା ଯୋଗୁ ୬୬ ଜଣ ଫୁଟବଲ ପ୍ରେମୀଙ୍କ ମୃତ୍ୟୁ।
- ୧୯୯୧- ଥିରୁବନନ୍ତପୁରମ୍ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଲା।

# ଟୁଥ୍‌ପିକ୍‌ରେ ଏଫିଲ୍ ଟାୱାର



ଆମେରିକାର ଜଣେ ବାଳକ ନିଜର ନିଆରା ପ୍ରତିଭା ଯୋଗୁଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଏରିକ୍ କ୍ଲେବଲ ନାମକ ଏହି ବାଳକ ଜଣକ ଏଫିଲ ଟାୱାରର ଏକ ମଡେଲ ତିଆରି କରିଛନ୍ତି। ଏହାର ପୂରା ସଂରଚନାକୁ ସେ ଟୁଥ୍‌ପିକ୍‌ରେ କରିଛନ୍ତି। ଏଥିପାଇଁ ସେ ଗିନିଜ୍ ବିଶ୍ୱ ରେକର୍ଡ ମଧ୍ୟ କରିଛନ୍ତି। ଏରିକ୍ ଟୁଥ୍‌ପିକ୍ ଏବଂ ଅଠାକୁ ବ୍ୟବହାର କରି ୧୭.୩୨ ଫୁଟ ଉଚ୍ଚ ଏଫିଲ ଟାୱାର୍ ତିଆରି କରିଛନ୍ତି। ଏହାକୁ ଏବେ ବିଶ୍ୱର ସବୁଠୁ ଉଚ୍ଚ ଟୁଥ୍‌ପିକ୍ ସଂରଚନା ବୋଲି କୁହାଯାଉଛି। ପିଲାବେଳୁ ଏରିକ୍‌ଙ୍କର ବିଭିନ୍ନ ଜିନିଷ ତିଆରି କରିବାରେ ସଉକ ରହିଛି। ଏଦିଗରେ ଏରିକ୍‌ଙ୍କୁ ତାଙ୍କ ବାପାଙ୍କଠାରୁ ପ୍ରେରଣା ମିଳିଛି। ତାଙ୍କ ବାପା ଜଣେ ସିଭିଲ ଇଞ୍ଜିନିୟର। ଏରିକ୍ ପିଲାବେଳେ ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ଜିନିଷ ତିଆରି କରିବାକୁ ପସନ୍ଦ କରୁଥିଲେ। ସେହିପରି ଏହା ତାଙ୍କର ପ୍ରଥମ ଉପଲବ୍ଧି ନୁହେଁ। ୨୦୨୧ ମସିହାରେ ତାଙ୍କୁ ୧୨ ବର୍ଷ ବୟସ ହୋଇଥିବାବେଳେ ସେ ଆଇସକ୍ରିମ୍ ଷ୍ଟିକ୍‌ରେ ୨୦ ଫୁଟ୍ ଉଚ୍ଚ ଏକ ଟାୱାର ତିଆରି କରିଥିଲେ। ସେ ସମୟରେ ବି ଏରିକ୍ ଗିନିଜ୍ ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ତେବେ ଆଇସ୍‌କ୍ରିମ୍ ଷ୍ଟିକ୍ ତୁଳନାରେ ଟୁଥ୍‌ପିକ୍‌ରେ କାମ କରିବା ଅଧିକ କଷ୍ଟକର ବୋଲି ଏରିକ୍ କହିଛନ୍ତି।

ଏରିକ୍ ଆହୁରି ମଧ୍ୟ କହିଛନ୍ତି, 'ଟୁଥପିକ୍ ଅତ୍ୟନ୍ତ ଛୋଟ। ଏହାକୁ ଯୋଡ଼ିବା, ସନ୍ତୁଳନ ରକ୍ଷା କରିବା ଏବଂ ଏଫିଲ ଟାୱାର ଭଳି ଏକ ସଂରଚନାକୁ ତିଆରି କରିବା ଆଦୌ ସହଜ କାମ ନୁହେଁ। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ତାଙ୍କ ପରିଶ୍ରମ ଏବଂ ଧୈର୍ଯ୍ୟର ଖୁବ୍ ପ୍ରଶଂସା କରାଯାଉଛି।

## ଆଜି ବାହୁଡ଼ିଥିଲେ

# ଉତ୍କଳକେଶରୀ ହରେକୃଷ୍ଣ ମହତାବ



ନବ ଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବ ଥିଲେ ଏକାଧାରରେ ଜଣେ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ, ସଂଗଠକ, ଐତିହାସିକ, ଗବେଷକ, ସାମ୍ବାଦିକ ଏବଂ ଲେଖକ । ଓଡ଼ିଶାରେ ଗଡ଼ଜାତର ମିଶ୍ରଣ, ଭୁବନେଶ୍ୱରରେ ରାଜଧାନୀର ନିର୍ମାଣ ସବୁକିଛି ତାଙ୍କ ଶାସନକାଳରେ ହୋଇଥିଲା। ସେ ଥିଲେ ସ୍ୱାଧୀନ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତା। ୧୮୯୯ ନଭେମ୍ବର ୨୧ରେ ଭଦ୍ରକ ଅନ୍ତର୍ଗତ ଅଗରପଡ଼ା ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା। ବି.ଏ. ପଢ଼ିବା ସମୟରେ ସେ ପାଠପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୨୩-୨୪ ମଧ୍ୟରେ ସେ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଜେଲ୍ ଯାଇଥିଲେ। ଏହାପରେ ପୁନର୍ବାର ୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇଥର କାରାବରଣ କରିଥିଲେ। ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଏବଂ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳରେ ସଚିବାଳୟ, ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଲଳିତକଳା ଏକାଡେମୀ, ରବୀନ୍ଦ୍ର ମଣ୍ଡପ, ହୀରାକୁଦ ନଦୀବନ୍ଧ, ମାଛକୁଣ୍ଡ ଜଳଭଣ୍ଡାର ଓ ଜଳବିଦ୍ୟୁତ୍ ଯୋଜନା, କଟକର କେନ୍ଦ୍ରୀୟ ଧାନ ଗବେଷଣାଗାର ଇତ୍ୟାଦି ସ୍ଥାପନ ହୋଇଥିଲା। ୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୫୪ରେ ସେ ବମ୍ବେର ରାଜ୍ୟପାଳ ହୋଇଥିଲେ। ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ସେ କାରାବରଣ କରିଥିଲେ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ 'ପ୍ରତିଭା-୧୯୪୬', 'ଟାଉଟର', 'ଅବ୍ୟାପାର', 'ତୃତୀୟପର୍ବ', '୧୯୭୫' ଆଦି ଅନ୍ୟତମ। 'ଗାଁ ମଜଲିସ୍' ତାଙ୍କର ଏକ ଅତ୍ୟନ୍ତ ଲୋକପ୍ରିୟ ସ୍ତମ୍ଭ। ୧୯୮୭ ଜାନୁଆରୀ ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



# ସଞ୍ଜୟଙ୍କ ପାଇଁ ଅଡୁଆରେ ରଣବୀର

ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଲେଉଟାଣିକୁ ତାଙ୍କ ପ୍ରଶଂସକମାନେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଚଳିତବର୍ଷ ତାଙ୍କର ଦୁଇଟି ବିଗ୍ ବଜେଟ୍‌ର ଫିଲ୍ମ ରିଲିଜ୍ ହେବାରେ ଅଛି। ରଣବୀରଙ୍କ ଅଭିନୀତ ସଞ୍ଜୟ ଲୀଲା ଭଁସାଲିଙ୍କ ନିର୍ଦ୍ଦେଶିତ 'ଲଭ୍ ଆଣ୍ଡ ୱାର୍' ଆସନ୍ତା ମାର୍ଚ୍ଚ ୧୯ ରେ ରିଲିଜ୍ ହେବାର ଥିଲା। ହେଲେ ସୁଟିଂ ସରି ନ ଥିବାରୁ ଏବେ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଛି। ରଣବୀର କିନ୍ତୁ ଲଗାତାର ସଞ୍ଜୟଙ୍କୁ ଏହାକୁ ଜୁନ୍‌ରେ ରିଲିଜ୍ କରିବା ପାଇଁ ମନାଉଥିଲେ। କାରଣ ଦୀପାବଳିରେ ତାଙ୍କ କ୍ୟାରିୟରର ସବୁଠୁ ଭଲ ଫିଲ୍ମ କୁହାଯାଉଥିବା 'ରାମାୟଣ' ଆସିବ। ଏହି ଫିଲ୍ମର ବଜେଟ୍ ରହିଛି ୪୦୦୦ କୋଟି। ଇତିମଧ୍ୟରେ 'ଲଭ୍ ଆଣ୍ଡ ୱାର୍'ର ରିଲିଜ୍‌କୁ ଘୁଞ୍ଚାଇ ଦିଆଯିବାରୁ ଏହାକୁ ନେଇ 'ରାମାୟଣ'ର ପ୍ରଯୋଜକ ଅସୁବିଧାରେ ପଡ଼ିଛନ୍ତି। 'ଲଭ୍ ଆଣ୍ଡ ୱାର୍'ର ସୁଟିଂ ଆସନ୍ତା ମେ ପର୍ଯ୍ୟନ୍ତ ଚାଲିବ। ଏହାର ପୋଷ୍ଟ ପ୍ରଡକ୍ସନ କାମ କରିବା ସରିବା ପରେ ଏହାକୁ ଅଗଷ୍ଟ କିମ୍ବା ସେପ୍ଟେମ୍ବରରେ ରିଲିଜ୍ କରାଯାଇପାରିବ। ସଞ୍ଜୟ ଏହାକୁ ଅଗଷ୍ଟ ୧୪ରେ ରିଲିଜ୍ କରିବା ନେଇ ବିଧିବଦ୍ଧ ଭାବେ ଖୁବ୍‌ଶୀଘ୍ର ଘୋଷଣା କରିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏବେ ସଞ୍ଜୟଙ୍କର ଏହି ନିଷ୍ପତ୍ତି ଯୋଗୁଁ 'ରାମାୟଣ' ଟିମ୍ ଅଡୁଆରେ ପଡ଼ିଛି। କାରଣ 'ଲଭ୍ ଆଣ୍ଡ ୱାର୍' ଓ 'ରାମାୟଣ' ରିଲିଜ୍ ମଧ୍ୟରେ ଅନ୍ତତଃ ଛଅମାସର ଅବଧି ରହୁ ବୋଲି ଏହି ଟିମ୍ ଚାହୁଁଥିଲା। ରଣବୀର ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ରହିବା କାରଣରୁ 'ରାମାୟଣ'ର ସୁଟିଂ ଆହୁରି ବିଳମ୍ବ ହୋଇପାରେ। ଏଥିଯୋଗୁଁ ଫିଲ୍ମର ବଜେଟ୍ ମଧ୍ୟ ବଢ଼ିଯିବ। ନମିତ୍ ମଲହୋତ୍ରାଙ୍କ ପ୍ରଯୋଜିତ 'ରାମାୟଣ'ର ବଜେଟ୍ ରହିଛି ୪୦୦୦ କୋଟି। ଏହା ୨୦୨୬ ଓ ୨୦୨୭ ଦୀପାବଳିରେ ଦୁଇଟି ପାର୍ଟରେ ଆସିବ ବୋଲି ଘୋଷଣା କରାଯାଇଛି।

## ସଞ୍ଜୀବନୀ

# 'ସକାଳ'ର ସ୍ୱାସ୍ଥ୍ୟ: ଲକ୍ଷଣରୁ ଜାଣନ୍ତୁ ଫ୍ୟାଟି ଲିଭର

**ଯକୃତ ମନୁଷ୍ୟ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଶରୀରରେ ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରେ। ହେଲେ ଅତ୍ୟାଧୁନିକ ଜୀବନଶୈଳୀ ଯୋଗୁ ଏବେ ଅଧିକାଂଶ ଫ୍ୟାଟି ଲିଭରରେ ପୀଡ଼ିତ। ଆରମ୍ଭରୁ ଏହାର ଲକ୍ଷଣ ଜଣାପଡ଼େ ନାହିଁ। ତେଣୁ ନିମ୍ନଲିଖିତ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।**



ଅଧିକ ଚର୍ବିଯୁକ୍ତ ଖାଦ୍ୟ, ଶ୍ୱେତସାରଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଯକୃତରେ ଚର୍ବି ଜମିଯାଏ। ଉଚ୍ଚ କୋଲେଷ୍ଟ୍ରଲ, ମୋଟାପା, ମଦ୍ୟପାନ, ମଧୁମେହ ଆଦି କାରଣରୁ ଯକୃତରେ ଚର୍ବି ଜମା ହୁଏ। ଯକୃତ କାର୍ଯ୍ୟକ୍ଷମ ହରାଇ ବସେ। ଭୋକ ନ ଲାଗିବା, ଦୁର୍ବଳ, ତ୍ୱଚା ଏବଂ ଆଖି ହଳଦିଆ ଆଦି ଲକ୍ଷଣ ଯକୃତ ଅସୁସ୍ଥତାକୁ ସୂଚାଏ। ଚର୍ମଜନିତ ସମସ୍ୟା, ଥକ୍କାପଣ, ଆଦି ରୋଗର ଅନ୍ୟ ଏକ ଲକ୍ଷଣ । ପେଟ ଭାରି ଲାଗିବା, ଓଜନ ବୃଦ୍ଧି, ଭୋକ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ଫ୍ୟାଟି ଲିଭର ରୋଗ ନିର୍ଣ୍ଣୟ ପାଇଁ ଅଲଟ୍ରାସାଉଣ୍ଡ ଏବଂ ଫାଇବ୍ରୋସ୍କାନ କରାଯାଇ ଚିକିତ୍ସା ଯୋଗାଯାଏ। ସେହିପରି ଚର୍ବିଜାତୀୟ ଓ ଶ୍ୱେତସାରଜାତୀୟ ଖାଦ୍ୟ କମ୍ କରି ତନ୍ତୁଜାତୀୟ ଖାଦ୍ୟ ଖାଇପାରିବେ। ଶାରୀରିକ ଶ୍ରମ ଶରୀରର ଚର୍ବି କମାଏ।

# କୃତ୍ରିମ ନଖ ସ୍ୱାସ୍ଥ୍ୟ ପାଇଁ କେତେ ଭଲ



ଆଧୁନା ନେଲ୍ ଏକ୍ସଟେନ୍‌ସନର ଲୋକପ୍ରିୟତା ବୃଦ୍ଧି ପାଇଛି। ମହିଳାମାନେ ହାତର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କୃତ୍ରିମ ନଖ ଲଗାଉଛନ୍ତି। ତେବେ ଏକ୍ରିଲିକ୍ କିମ୍ବା ଜେଲ୍ ଉପଯୋଗ କରାଯାଇ ନେଲ୍ ଏକ୍ସଟେନ୍‌ସନ୍ କରାଯାଉଥିବାରୁ ଚର୍ମ କର୍କଟ ହୋଇପାରେ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଏକ୍ରିଲିକ୍ ରଙ୍ଗଯୁକ୍ତ ନ କଲି ନଖକୁ ପ୍ରାକୃତିକ ନଖ ଉପରେ ଲଗାଯାଇଥାଏ। ଏହାକୁ ଶଠାଇବା ପାଇଁ ବ୍ୟବହୃତ ଅଠାରେ ଫର୍ମାଲଡିହାଇଡ, ଟୋଲ୍ୟୁଇନ୍ ପରି ରାସାୟନିକ ପଦାର୍ଥ ରହିଥାଏ। ଦୀର୍ଘ ସମୟ ଧରି ଏହି ରସାୟନ ବ୍ୟବହାର ଚର୍ମ କର୍କଟର ଆଶଙ୍କା ବଢ଼ାଏ। ତ୍ୱଚା ଜଳାପୋଡ଼ା, ଆଲର୍ଜି ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସେହିପରି ଏହି ଅଠାକୁ ଶୁଖାଇବା ପାଇଁ ଯେଉଁ ମେସିନ୍‌ରେ ହାତକୁ ରଖାଯାଏ, ସେଥିରୁ ବାହାରୁଥିବା ଅତି ବାଇଗଣୀ ରଶ୍ମୀ ଚର୍ମର ଗଭୀରକୁ ପ୍ରବେଶ କରି କୋଷଗୁଡ଼ିକୁ କ୍ଷତି ପହଞ୍ଚାଏ। କୋଷଗୁଡ଼ିକରେ ପରିବର୍ତ୍ତନ ହୋଇ କର୍କଟର କାରଣ ସାଜିପାରେ। ଏହା ଦ୍ୱାରା କର୍କଟ କୋଷ ବୃଦ୍ଧି ପାଇପାରେ। କିଛି ଅଧ୍ୟୟନରୁ ଜଣାପଡ଼ିଛି ଯେ, ବାରମ୍ବାର ଅତି ବାଇଗଣୀ ରଶ୍ମୀ ସଂସ୍ପର୍ଶରେ ଆସିବା ଦ୍ୱାରା ହାତ ଚର୍ମରେ ଚର୍ମ କର୍କଟ ଆଶଙ୍କା ବଢ଼ିଯାଏ। ସଂକ୍ରମଣ ବୃଦ୍ଧି ପାଏ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ପ୍ରତିମାସ ତଥା ବାରମ୍ବାର ନେଲ୍‌ଏକ୍ସଟେନ୍‌ସନ୍ କରିବା ସ୍ୱାସ୍ଥ୍ୟପକ୍ଷେ ଗ୍ରହଣୀୟ ନୁହେଁ।

## ସୁସ୍ଥ ମନ ସୁସ୍ଥ ଶରୀର

# ଶୀତଦିନିଆ ଅବସାଦ



**ଋତୁ ଅନୁଯାୟୀ, ମନୁଷ୍ୟର ଶରୀର ଓ ମନ ପ୍ରଭାବିତ ହୁଏ। ଏହି କ୍ରମରେ ଶୀତଋତୁରେ କମ୍ ପାଣିପିଇବା, ଅତ୍ୟଧିକ ଥଣ୍ଡା ପବନ ଆଦି ଯୋଗୁ ହଜମଶକ୍ତି ପ୍ରଭାବିତ ହୁଏ। ବିନା କାରଣରେ ଉଦ୍‌ବେଗ, ଚିନ୍ତା, ଅବସାଦ, ଉଦାସ, ବ୍ୟବହାରରେ ପରିବର୍ତ୍ତନ ଆସିଥାଏ। ଚିକିତ୍ସା ଭାଷାରେ ଏହାକୁ 'ଋତୁ ଅନୁଯାୟୀ ଅବସାଦ' ବା SAD କୁହାଯାଏ। ଶୀତଋତୁରେ ଅବସାଦର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା ନିହାତି ଆବଶ୍ୟକ।**

ଶୀତଦିନେ ପରିବେଶ ଥଣ୍ଡା ରହିଥାଏ। ଶରୀରକୁ ସଠିକମାତ୍ରାର ସୂର୍ଯ୍ୟକିରଣ ମିଳିପାରେନି। ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟାବସ୍ଥା ପ୍ରଭାବିତ ହୁଏ। ସେହିପରି ଅନ୍ତଃସ୍ରାବୀ ଗ୍ରନ୍ଥି ପ୍ରଭାବିତ ହୋଇ ଶରୀରରେ କ୍ଷରଣ ହେଉଥିବା କେତେକ ହରମୋନ୍ ସ୍ୱାଭାବିକ ଭାବେ କାର୍ଯ୍ୟ କରି ନ ଥାନ୍ତି । ମେଟାବୋଲିଜିମ୍ ପ୍ରକ୍ରିୟା ଧିମା ଯୋଗୁଁ ହାପିନେସ୍ ହରମୋନ୍, ଏଣ୍ଡୋରଫିନ୍, ଡୋପାମାଇନ୍ ଏବଂ ମସ୍ତିଷ୍କରେ ସେରାଟୋନିନର କ୍ଷରଣ ଠିକ୍ ଭାବେ ହୋଇପାରେନି। ମନ ଉପରେ କୁ-ପ୍ରଭାବ ପଡ଼ି ଅବସାଦର ରୂପ ନିଏ। ମେଲାଟୋନିନ୍ ହରମୋନ୍ ପ୍ରଭାବିତ ହୋଇ, ଶୋଇବା ଚକ୍ରରେ ପରିବର୍ତ୍ତନ ଆସେ।

- ହାଲିଆ ଲାଗିବା, ଗୋଡ଼ହାତ ଥରିବା, ଓଜନ ବଢ଼ିବା, ଜଙ୍କଫୁଡ ଖାଇବାକୁ ମନ ହେବା, କାମରେ ମନ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଏହି ସମସ୍ୟାକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।
- ଶରୀରକୁ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଦେବା, ଲାଇଟ୍ ଥେରାପି ନେବା, ଶୀତବସ୍ତ୍ର ପିନ୍ଧିବା ସହ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ ଓ ବ୍ୟାୟାମ କରିବା ସ୍ୱାସ୍ଥ୍ୟପକ୍ଷେ ଭଲ। ସାଙ୍ଗସାଥିଙ୍କ ସହ ସମୟ ଅତିବାହିତ କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ହିତକର।

# ନାକରୁ ରକ୍ତ ପଡୁଥିଲେ

**ଶୀତଋତୁ କିମ୍ବା ଅତି ଗରମରୁ ପିଲା ଓ ବୟସ୍କଙ୍କ ନାକରୁ ରକ୍ତ ପଡ଼ିଥାଏ। ନାକରୁ ରକ୍ତ ପଡ଼ିବାର ବହୁତ କାରଣ ରହିଛି। ଏହି ସମସ୍ୟାକୁ କମ୍ କରିବାକୁ ଚିକିତ୍ସକଙ୍କ ପରାମର୍ଶରେ ଆୟୁର୍ବେଦ ଉପଚାର କରିପାରିବେ।**



- ନାକରୁ ରକ୍ତ ପଡୁଥିଲେ ସ୍ଥାନୀୟ ଉତ୍ତାପ ନିୟନ୍ତ୍ରଣ ପାଇଁ ବରଫର ଉପଯୋଗ କରାଯାଇପାରେ।
- ବୟସ୍କ ବ୍ୟକ୍ତି ନାକରେ ଦୁଇବୁନ୍ଦା ପିଆଜ ରସ ପକାଇ ପାରିବେ। ୧୨ ବର୍ଷରୁ କମ୍ ବୟସର ପିଲା ଏହାକୁ ବ୍ୟବହାର କରିବା ଅନୁଚିତ।
- ପ୍ରତ୍ୟେକ ନାକପୁଡ଼ାରେ ଦୁଇଟୋପା କରି ଦୂବରସ ଦିନକୁ ଦୁଇରୁ ତିନିଥର ଚିକିତ୍ସକଙ୍କ ପରାମର୍ଶରେ ପକାଇଲେ ନାକରୁ ରକ୍ତ ପଡୁଥିଲେ ଉପକାର ହୁଏ। ଏଥିପାଇଁ ଶୋଣିତଅର୍ଗଳ ରସ, ବୋଲବୁଧାରସ, ପଞ୍ଚତୃଣକଷାୟ, ଉସିରାସବ ଆଦି ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କରାଯାଇପାରେ।

# ଜିରା ଓ କଳାଜିରା ସେବନରେ ସତର୍କତା

**ଆୟୁର୍ବେଦରେ ବିଭିନ୍ନ ମଞ୍ଜିକୁ ଔଷଧ, ଖାଦ୍ୟପେୟ ଭାବେ ବ୍ୟବହାର କରିବା ପାଇଁ ଉଲ୍ଲେଖ କରାଯାଇଛି। ଏହି ମଞ୍ଜି ଚୁଟ୍‌କା ଚିକିତ୍ସାରେ, ପାନୀୟ ଭାବରେ, ଲେପ ବା ପ୍ରସାଧନ ସାମଗ୍ରୀରେ ବ୍ୟବହାର କରିଥାଉ। ସେମିତି ଏକ ଔଷଧୀୟ ମଞ୍ଜି ହେଉଛି ଜିରା ଓ କଳା ଜିରା। ତେବେ ଏହାର ମାତ୍ରାଧିକ ସେବନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ।**

- ଜିରା ଖାଦ୍ୟ ହଜମ ଓ କଳାଜିରା ଓଜନ ନିୟନ୍ତ୍ରଣ ଆଦି ପାଇଁ ବ୍ୟବହାର କରାଯାଏ। ଏହାକୁ ନଖ ଉଷୁମ ପାଣି କିମ୍ବା ହାଲୁକା ଭାଜି ସେବନ କରାଯାଏ। ଆୟୁର୍ବେଦ ଚିକିତ୍ସକଙ୍କ ମତରେ ଦିନକୁ ତିନି ଗ୍ରାମ ମାତ୍ରାର ଦୁଇଥର ଜିରା ଚୂର୍ଣ୍ଣ ସେବନ କରାଯାଇପାରେ। ଏହାର କ୍ୱାଥ ୫୦ ମିଲି ଗ୍ରହଣୀୟ। ହେଲେ ଏହାଠାରୁ ଅଧିକ ମାତ୍ରାର ଜିରା ବ୍ୟବହାର ଦ୍ୱାରା ବାନ୍ତି, ଝାଡ଼ା, ପେଟ ଗ୍ୟାସ୍ ହୋଇପାରେ। ରକ୍ତ ଶର୍କରା କମ୍ କରେ, ଛାତି ଜଳା, ଦୁର୍ବଳ ଲାଗିପାରେ। ସେହିପରି କଳାଜିରା ଦିନକୁ ଏକଗ୍ରାମ କରି ଦୁଇ ଥର ଖିଆ ଯାଏ। ଏଥିରୁ ଅଧିକ ହେଲେ ବାନ୍ତି, ଗ୍ୟାସ୍ ହୁଏ। ଶର୍କରା କମ୍ କରେ। ତେଣୁ ରକ୍ତଚାପ, ମଧୁମେହ ପାଇଁ ଔଷଧ ଖାଉଥିଲେ ଚିକିତ୍ସକଙ୍କ ପରାମର୍ଶରେ ସେବନ କରିବା ଜରୁରି।




### ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ୧୧ରୁ

# ଭାରତୀୟ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱ

ମୁମ୍ବଇ,୧।୧(ଏଜେନ୍ସି):

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍ କ୍ରିକେଟ ଲାଗି ଭାରତୀୟ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ସିରିଜ୍‌ରେ ଜାନୁଆରୀ ୧୧ରୁ ୧୮ ଯାଏ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ଜାନୁଆରୀ ୨୧ରୁ ୩୧ ଯାଏ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହା ମଧ୍ୟରୁ ଫେବୃଆରୀ-ମାର୍ଚ୍ଚରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ନ୍ୟୁଜିଲାଣ୍ଡ ସିରିଜ୍‌କୁ ମିଶାଇ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା ହୋଇସାରିଛି। କିନ୍ତୁ ଦିନିକିଆ ଦଳ ଜାନୁଆରୀ ୩ କିମ୍ବା ୪ରେ ଘୋଷଣା କରାଯାଇପାରେ ବୋଲି ସୂଚନା ମିଳିଛି। କିନ୍ତୁ ଟି-୨୦ ସିରିଜ୍ ଓ ବିଶ୍ୱକପ୍‌କୁ ଗୁରୁତ୍ୱ ଦିଆଯାଇ କିଛି ଖେଳାଳିଙ୍କୁ ବିଶ୍ରାମ ଦେବା, ଆଉ କିଛି ଆହତ ହେବା ଘଟଣାକୁ ନେଇ ବିସିସିଆଇ ସିନିଅର ଚୟନ କମିଟି ଦ୍ୱନ୍ଦ୍ୱରେ ରହିଛି। ଏଣୁ ଖେଳାଳି ଚୟନବେଳେ କାହାରିକୁ ଯେପରି ଅଣଦେଖା କରା ନ ଯିବ, ତାହା ଉପରେ ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ସିନିଅର ଚୟନ କମିଟି ଯଥେଷ୍ଟ ଗୁରୁତ୍ୱ ଦେବ ବୋଲି ଆଶା କରାଯାଉଛି। ମନୋନୀତ ଖେଳାଳିମାନେ ଜାନୁଆରୀ ୧୧ରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାକୁ ଥିବା ଭେନ୍ୟୁ ବରୋଦାରେ ୭ ତାରିଖରେ ଏକତ୍ର ହେବେ। ଏହା ପରେ ଦଳ ରଣନୀତି ପ୍ରସ୍ତୁତ କରିବ।




ସାମିଙ୍କ ସମ୍ଭାବନା, ଆଶଙ୍କାରେ ପନ୍ତ

ଏହି ସିରିଜ୍‌ରେ ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ ଦଳକୁ ଫେରିବେ। ଏମାନଙ୍କ ଉପରେ ନଜର ରହିଛି। ଦଳରେ ସ୍ଥାନ ପାଇବାକୁ ଥିବା ୩ଜଣ ଖେଳାଳିଙ୍କୁ ଏହି ସିରିଜ୍ ଲାଗି ଚୟନ କରାଯିବ ନାହିଁ। ସେମାନଙ୍କ ମଧ୍ୟରୁ ପୂରା ଫିଟ୍ ହୋଇ ନ ଥିବା ଉପଅଧିନାୟକ ଶ୍ରେୟସ ଆୟର, ଟି-୨୦ ସିରିଜ୍ ଲାଗି ବିଶ୍ରାମ ନେବାକୁ ଥିବା ଦୁଇ ବରିଷ୍ଠ ଖେଳାଳି ଯଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ଏମାନଙ୍କ ସ୍ଥାନରେ ୩ଜଣ ନୂଆ ଖେଳାଳିଙ୍କୁ ସାମିଲ କରାଯିବ। ଆହତ ହେବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍ ଖେଳି ପାରି ନ ଥିବା ଶୁବମନ ଗିଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦିଆଯିବ। ଏସହିପରି ଆଉ ଜଣେ କିମ୍ବା ଦୁଇ ଜଣ ଖେଳାଳିଙ୍କୁ ଦଳରେ ସାମିଲ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ବୁମ୍‌ରାଙ୍କ ସ୍ଥାନରେ ୩୫ ବର୍ଷୀୟ ଫାଷ୍ଟ ବୋଲର ମହମ୍ମଦ୍ ସାମିଙ୍କୁ ଦଳରରେ ସ୍ଥାନ ମିଳିବ ବୋଲି ଆଶା କରାଯାଉଛି। ସାମି ଘରୋଇ କ୍ରିକେଟର ସମସ୍ତ ଫର୍ମାଟରେ ଖେଳିସାରିଛନ୍ତି। ଏଣୁ ସେ ଏବେ ପର୍ଯ୍ୟାପ୍ତ କ୍ରିକେଟ ଖେଳିବା ସହ ୱିକେଟ ନେବାରେ ମଧ୍ୟ ସଫଳ ହୋଇଛନ୍ତି। ତାଙ୍କୁ ଏଥର ଅଣଦେଖା କରିବା ସହଜ ନୁହେଁ। ପାଣ୍ଡ୍ୟାଙ୍କ ସ୍ଥାନରେ କିଏ ଖେଳିବେ ତାହା ଜଣାପଡୁନାହିଁ। ତାଙ୍କ ସ୍ଥାନରେ ଖେଳୁଥିବା ନୀଶୀଥ ରେଡ୍ଡୀଙ୍କର ଫର୍ମ ନାହିଁ। ଶିବମ ଦୁବେଙ୍କ ନାମ ବିଚାରକୁ ନିଆଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଆୟରଙ୍କ ସ୍ଥାନରେ କାହାକୁ ନିଆଯିବ ତାହା ମଧ୍ୟ ଆଲୋଚନା ହେବ।

ୱିକେଟ କିପର ଲୋକେଶ ରାହୁଲଙ୍କ ସ୍ଥାନ ପକ୍କା ଥିଲାବେଳେ ଦ୍ୱିତୀୟ ୱିକେଟରକ୍ଷକ ଭାବେ ଋଷଭ ପନ୍ତଙ୍କୁ ଦଳରେ ନିଆଯିବ କି ନାହିଁ ତାହା ଆଶଙ୍କା ମଧ୍ୟରେ ରହିଛି। ଘରୋଇ କ୍ରିକେଟରେ ଧ୍ରୁବ ଜୁରେଲ ଶତକ ହାସଲ କରିବା ସହ ଭଲ ଫର୍ମରେ ରହିଛନ୍ତି। ଇଶାନ କିସାନ ମଧ୍ୟ ଭଲ ନଜରରେ ରହିଛନ୍ତି। ଏଣୁ ପନ୍ତଙ୍କୁ ନେଇ ଆଶଙ୍କା ବୃଦ୍ଧି ପାଇଛି। ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ୩ ପେସର, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କ ସ୍ଥାନ ଏକ ପ୍ରକାର ନିଶ୍ଚିତ ବୋଲି ଆଶା କରାଯାଉଛି।

### ଟି-୨୦ ବିଶ୍ୱକପ୍ କ୍ରିକେଟ

## ଅଷ୍ଟ୍ରେଲିଆ ଦଳରେ ୫ ସ୍ପିନର




ମେଲବୋର୍ଣ୍ଣ,୧।୧(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାମାସ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ୫ଜଣ ସ୍ପିନର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଆଦାମ ଜାମ୍ପା ଓ ମାଥ୍ୟୁ କୁନେମାନ ସ୍ପେଶାଲିଷ୍ଟ ସ୍ପିନ୍ ବୋଲର। ଏମାନଙ୍କ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ, କୁପର କନୋଲୀ ଓ ଟ୍ରାଭିସ୍ ହେଡ୍ ସ୍ପିନ୍ ବୋଲିଂ କରନ୍ତି। ଦଳରେ ମଧ୍ୟ ୩ଜଣ ଆହତ ଖେଳାଳିଙ୍କୁ ନିଆଯାଇଛି। ସେମାନେ ହେଲେ ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ୍ ଓ ଟିମ୍ ଡେଭିଡ୍। ଏମାନେ ଫିଟ୍ ହେଲେ ଦଳରେ ରହିବେ ନଚେତ ଅନ୍ୟ ଖେଳାଳିଙ୍କୁ ନିଆଯିବ। ତେବେ ଦୁଇ ଦମ୍‌ଦାର ଖେଳାଳି ମିଚେଲ ଓଏନ ଓ ବେନ୍ ଡ୍ୱାରସୁଇସ୍‌ଙ୍କୁ ପ୍ରାରମ୍ଭିକ ଦଳରେ ସ୍ଥାନ ପାଇପାରି ନାହାନ୍ତି। ଜାନୁଆରୀ ୩୧ ସୁଦ୍ଧା ଦଳଗୁଡିକ ଖେଳାଳି ପରିବର୍ତ୍ତନ କରିପାରିବେ। ଅଷ୍ଟ୍ରେଲିଆ ଉଭୟ ଭାରତ ଓ ଶ୍ରୀଲଙ୍କାରେ ଲିଗ୍ ମ୍ୟାଚ୍ ଖେଳିବ।

**ଘୋଷିତ ଦଳ**

ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଂଲିଶ (ୱିକେଟକିପର), ମାଥ୍ୟୁ ସର୍ଟ, କାମେରନ ଗ୍ରୀନ୍, କୁପର କନୋଲୀ, ଟିମ୍ ଡେଭିଡ୍, ଗ୍ଲେନ୍ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ୍, ନାଥାନ ଏଲିସ୍, ଜାଭିୟର ବାର୍ଟଲେଟ୍, ମାଥ୍ୟୁ କୁନେମାନ ଓ ଆଦାମ ଜାମ୍ପା।



## ଥାଇଲାଣ୍ଡରେ ନୂଆ ବର୍ଷ ପାଳିଲେ ଧୋନି

ନୂଆଦିଲ୍ଲୀ, ୧।୧ (ସମିସ): ନୂତନ ଆଶା ଓ ସ୍ୱପ୍ନ ନେଇ ପାଦଥାପିଛି ବର୍ଷ ୨୦୨୬। ଭାରତୀୟ କ୍ରିକେଟ୍ ଖେଳାଳି ଏହି ନୂତନ ବର୍ଷକୁ ନିଜ ନିଜ ଢଙ୍ଗରେ ପାଳନ କରିଛନ୍ତି। ନୂଆ ବର୍ଷର ଏହି ଖୁସିର ମୁହୂର୍ତ୍ତକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କ୍ରିକେଟର୍‌ମାନେ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଏଥର ଥାଇଲାଣ୍ଡରେ ପୁରା ପରିବାର ସହ ନୂଆ ବର୍ଷ ସେଲିବ୍ରେସନ କରିଥିଲେ। ଧୋନିଙ୍କ ସହ ପତ୍ନୀ ସାକ୍ଷୀ ଓ ଝିଅ ଜିଭା ମଧ୍ୟ ଉପସ୍ଥିତ ରହିଥିଲେ। ସାକ୍ଷୀ ନିଜର ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି 'ସମସ୍ତଙ୍କୁ ନୂଆ ବର୍ଷର ଅଭିନନ୍ଦନ' ବୋଲି ଉଲ୍ଲେଖ କରିଛନ୍ତି। ଏହି ଫଟୋରେ ଧୋନି ଓ ସାକ୍ଷୀ ଗୋଲ୍ଡେନ ହେଟ୍ ଟୋପି ପିନ୍ଧିଥିବା ଦେଖିବାକୁ ମିଳିଛି। ସେହିଭଳି ବିରାଟ କୋହଲି ପତ୍ନୀ ଅନୁଷ୍କାଙ୍କ ସହ ନୂଆ ବର୍ଷ ପାଳିଥିଲେ। 'ମୋ ଜୀବନର ଆଲୋକ ସହିତ ନୂଆବର୍ଷ ଆରମ୍ଭ କରିବାକୁ ଯାଉଛି' ବୋଲି କ୍ୟାପସନ ଲେଖି ଅନୁଷ୍କାଙ୍କ ସହ ଏକାଠି ଠିଆ ହୋଇଥିବାର ଫଟୋ ଶେୟାର କରିଛନ୍ତି କୋହଲି। ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ପତ୍ନୀ ସଞ୍ଜନା, ମା ଦଲଜିତ୍ ବୁମରା ଓ ପୁଅ ଅଙ୍ଗଦ ସହ ଏକାଠି ନୂଆ ବର୍ଷକୁ ସ୍ୱାଗତ କରିଛନ୍ତି। ସେହିଭଳି 'ନିଜର ପ୍ରିୟ ଲୋକଙ୍କ ହାତ ଧରି ୨୦୨୬ରେ ପ୍ରବେଶ କରୁଛି' ବୋଲି ଫଟୋ ଶେୟାର କରି ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ନୂଆ ବର୍ଷ ଅଭିନନ୍ଦନ ଜଣାଇଥିଲେ।

## ବେସ୍‌ବଲ୍ ମହାସଂଘର ସଭାପତି ହେଲେ ପଙ୍କଜ




କଟକ,୧।୧(ସମିସ): ଭାରତୀୟ ଆମେଚର ବେସ୍‌ବଲ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଶାର ଜଣାଶୁଣା କ୍ରୀଡ଼ା ସଙ୍ଗଠକ ପଙ୍କଜଲୋଚନ ମହାନ୍ତି। ୩୦ ତାରିଖରେ ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ମହାସଂଘର କର୍ମକର୍ତ୍ତା ନିର୍ବାଚନରେ ପଙ୍କଜ ସର୍ବସମ୍ମତିକ୍ରମେ ସଭାପତି ପଦରେ ବିଜୟୀ ହୋଇଥିଲେ। ସେହିଭଳି ହରିୟାଣାର ଅରବିନ୍ଦ କୁମାର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ନିର୍ବାଚନ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ପଙ୍କଜ ମହାସଂଘର ସଭାପତି ରହିଥିଲେ। ତାଙ୍କ ତିନିବର୍ଷର କାର୍ଯ୍ୟକାଳ ଭିତରେ ଭାରତରେ ବେସ୍‌ବଲ୍ କ୍ରୀଡ଼ାର ବ୍ୟାପକ ଉନ୍ନତି ହୋଇଥିଲା।

## ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ: ଗ୍ରୁପ୍-ବି'ରେ ଓଡ଼ିଶା

ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ଦେଶର ସବୁଠୁ ସମ୍ମାନଜନକ ଘରୋଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଲାଗି ଡ୍ର' ଘୋଷଣା ହୋଇଯାଇଛି। ମୋଟ୍ ୧୨ ଗୋଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏଥିରେ ଓଡ଼ିଶା ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଓଡ଼ିଶା ସହ ପଞ୍ଜାବ, କେରଳ, ରେଲବାଇ, ସର୍ଭିସେସ ଓ ମେଘାଳୟ ରହିଛି। ସେହିଭଳି ଗ୍ରୁପ୍-ଏ'ରେ ଆୟୋଜକ ଆସାମ ସହ ଡିଫେଣ୍ଡିଂ ଚାମ୍ପିଅନ ପଶ୍ଚିମବଙ୍ଗ, ତାମିଲନାଡୁ, ଉତ୍ତରାଖଣ୍ଡ, ନାଗାଲାଣ୍ଡ ଓ ରାଜସ୍ଥାନ ସ୍ଥାନ ପାଇଛି। ଆସାମ ଆୟୋଜକ ଭାବେ ଏବଂ ପଶ୍ଚିମବଙ୍ଗ ଓ କେରଳ ଯଥାକ୍ରମେ ଡିଫେଣ୍ଡିଂ ଚାମ୍ପିଅନ ଓ ରନର୍ସଅପ୍ ଭାବେ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ଅନ୍ୟ ୯ଟି ଦଳ ପ୍ରଥମ ପର୍ଯ୍ୟାୟରେ ନିଜ ନିଜ ଗ୍ରୁପ୍ ପର୍ଯ୍ୟାୟରେ ଶୀର୍ଷରେ ରହି ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାଲ ରାଉଣ୍ଡରେ ଦୁଇଟି ଗ୍ରୁପର ଶ୍ରେଷ୍ଠ-୪ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଜାନୁଆରୀ ୨୧ରୁ ଆସାମର ଦୁଇଟି ଭେନ୍ୟୁରେ ଆରମ୍ଭ ହେବ। ଏହାପରେ ଫେବୃଆରୀ ୨ ଓ ୩ରେ କ୍ୱାର୍ଟର ଫାଇନାଲ, ୫ରେ ସେମିଫାଇନାଲ ଏବଂ ୮ରେ ଫାଇନାଲ ମୁକାବିଲା ଖେଳାଯିବ।

## ଏଚ୍‌ଆଇଏଲ୍: ପାଇପର୍ସକୁ ଜିତାଇଲେ ନବନୀତ୍

ରାଞ୍ଚି, ୧।୧ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଚଳିତ ଦ୍ୱିତୀୟ ସଂସ୍କରଣରେ ଏସ୍‌ଜି ପାଇପର୍ସ କ୍ରମାଗତ ଡବଲ୍ ବିଜୟ ହାସଲ କରିଛି। ଗତକାଲି ଖେଳାଯାଇଥିବା ଏକ ମ୍ୟାଚରେ ପାଇପର୍ସ ୧-୦ ଗୋଲ୍‌ରେ ସୁରମା ହକି କ୍ଲବକୁ ହରାଇଛି। ନବନୀତ୍ କୌର ମ୍ୟାଚର ପ୍ରଥମ କ୍ୱାର୍ଟରର ୪ର୍ଥ ମିନିଟ୍‌ରେ ପାଇପର୍ସ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପୂର୍ବରୁ ଉଦ୍‌ଘାଟନୀ ଦିବସରେ ପାଇପର୍ସ ୨-୦ ଗୋଲ୍‌ରେ ଘରୋଇ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଥିଲା।

### ଜାତୀୟ ଥ୍ରୋ'ବଲ୍

## ଓଡ଼ିଶା ଦଳକୁ କାଂସ୍ୟ ପଦକ



ଭୁବନେଶ୍ୱର,୧।୧(ସମିସ): ଓଡ଼ିଶା ଥ୍ରୋ ବଲର ସିନିଅର ପୁରୁଷ ଟିମ୍ କେରଳର କୋଟାୟମ୍‌ଠାରେ ଅନୁଷ୍ଠିତ ୪୭ତମ ଜାତୀୟ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶା ଦଳ ପୁରୁଷ ବିଭାଗ କାଂସ୍ୟ ପଦକ ମୁକାବିଲାରେ ମଧ୍ୟପ୍ରଦେଶକୁ ୨-୧ ସେଟ୍‌ରେ ପରାସ୍ତ କରି ଏହି ସଫଳତା ପାଇବାରେ ସମର୍ଥ ହୋଇଛି। ପୂର୍ବରୁ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ରାଜସ୍ଥାନକୁ ୨-୦ସେଟ୍‌ରେ ହରାଇଥିଲାବେଳେ ସେମିରେ ଦିଲ୍ଲୀ ନିକଟରୁ ୧-୨ ସେଟ୍‌ରେ ହାରିଯାଇଥିଲା। ମହିଳା ଦଳ ଲଢୁଆ ଖେଳିବା ସତ୍ତ୍ୱେ କ୍ୱାର୍ଟର ଫାଇନାଲରେ ୪ଥରର ଚାମ୍ପିଅନ ଦିଲ୍ଲୀ ନିକଟରୁ ପରାଜିତ ହୋଇ ସନ୍ତୁଷ୍ଟ ହୋଇଥିଲା। ଓଡ଼ିଶା ଦଳର ପଦକ ବିଜୟ ସଫଳତା ଲାଗି ପ୍ରୋଗାମିଂ ଅଫିସର ହରେଶ ମିଶ୍ର, ଓଡ଼ିଶା ଥ୍ରୋ'ବଲ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ, ଓଡ଼ିଶା ସଂଘ ସଭାପତି ଭୁପିନ୍ଦର ସିଂହ, ଉପସଭାପତି ମଧୁସୂଦନ ମିଶ୍ର ଓ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଫିଫା ରେଫରୀ ତାଲିକାରେ ୩ ଭାରତୀୟ ସାମିଲ

ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫାର ମ୍ୟାଚ୍ ଅଫିସିଆଲ୍ ତାଲିକାରେ ଆଉ ୫ଜଣ ଭାରତୀୟ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗୁଜରାଟର ରଚନା କମାନି, ପୁଡୁଚେରୀର ଅଶ୍ୱିନ କୁମାର ଓ ଦିଲ୍ଲୀର ଆଦିତ୍ୟ ପୁର୍କୟସ୍ଥା ଫିଫାର ପୁରୁଷ ଓ ମହିଳା ରେଫରୀ ତାଲିକାରେ ସ୍ଥାନ ପାଇଛନ୍ତି। ସେହିଭଳି ପୁଡୁଚେରୀର ମୁରଲୀଧରନ ପଣ୍ଡୁରଙ୍ଗାନ ଓ ମହାରାଷ୍ଟ୍ରର ପିଟର କ୍ରିଷ୍ଟୋଫର୍ ଫିଫାର ସହାୟକ ରେଫରୀ ମାନ୍ୟତା ଲାଭ କରିଛନ୍ତି। ଫଳରେ ଏବେ ଫିଫାର ୨୦୨୬ ମ୍ୟାଚ୍ ଅଫିସିଆଲ୍ ତାଲିକାରେ ଭାରତର ପ୍ରତିନିଧି ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। ଅଶ୍ୱିନ ଓ ଆଦିତ୍ୟ ମଧ୍ୟ କ୍ୱାଲାଲାମ୍ପୁରରେ ଅନୁଷ୍ଠିତ ଏଏଫ୍‌ସି ରେଫରୀ ଏକାଡେମୀ କୋର୍ସକୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧।୧ (ସମିସ): ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଦୀନଦୟାଲ୍ ଉପାଧ୍ୟାୟ ଗୋରଖପୁର ବିଶ୍ୱବିଦ୍ୟାଳୟ ୭ ରନରେ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ (ଛତିଶଗଡ଼)କୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୭୧ ରନରେ ଅଟଳ ବିହାରୀ ବାଜପେୟୀ ବିଶ୍ୱବିଦ୍ୟାଳୟ (ଛତିଶଗଡ଼) ନିକଟରୁ ହାରିଯାଇଛି। ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୬ଟି ବିଶ୍ୱବିଦ୍ୟାଳୟର ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

## ରାଜ୍ୟ ବରିଷ୍ଠ ବାସ୍କେଟବଲ୍ ଦଳ ଘୋଷିତ




କଟକ,୧।୧(ସମିସ): ଚେନ୍ନଇର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆସନ୍ତା ୪ରୁ ୭୫ତମ ଜାତୀୟ ବରିଷ୍ଠ ବାସ୍କେଟବଲ ଚାମ୍ପିଅନସିପ୍ ଖେଳାଯିବ। ଏଥି ନିମନ୍ତେ ଓଡ଼ିଶା ବାସ୍କେଟବଲ ସଂଘ ପକ୍ଷରୁ ଗୁରୁବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ପୁରୁଷ ଦଳରେ ଅମିତ ସାମଲ, ସେଖ୍ ରିୟାଜ, ଅନିବେଶ ସାହୁ, ସାହିଦ ଖାନ, ଶିବଶଙ୍କର ବେହେରା, ଆଦିତ୍ୟ ବିକ୍ରମ ପ୍ରଧାନ, ଶରତ ନାୟକ, ହାର୍ଦ୍ଦିକ ପଟ୍ଟନାୟକ, ବ୍ରହ୍ମାନନ୍ଦ ବେହେରା, ଲକ୍ଷ୍ମୀଧର ବାରିକ, ଦିବ୍ୟଜିତ ମହାପାତ୍ର ଓ ଅଭିଷେକ ପଶୁପାଳକ ସ୍ଥାନ ପାଇଛନ୍ତି। ଏହି ଦଳରେ ପ୍ରହ୍ଲାଦ ବେହେରା କୋଚ୍, ଆଶିଷ ସିଂହ ସହକାରୀ କୋଚ୍ ଏବଂ ପ୍ରଦୀପ ବେହେରା ମ୍ୟାନେଜର ଭାବେ ରହିଛନ୍ତି। ସେହିପରି ମହିଳା ଦଳରେ ଲିଜାଲିନ ଜେନା, ସଙ୍ଗୀତା କୁମାର ନାଏକ, ଆୟୁଷି ମଲ୍ଲିକ, ତନୁଶ୍ରୀ ଶାସିନି, ଶ୍ୱେତା ପ୍ରଧାନ, ତନୁଶ୍ରୀ ମହାନ୍ତି, ଶୋହନା ପାତ୍ର, ଚିନ୍ମୟୀ ରଣା, ସ୍ୱାଗତିକା ସାହୁ, ବନିତା ଚାର୍ଲସ, ଅନୀଶା ନିଶାନ, ହେମା ସାହୁ ସ୍ଥାନ ପାଇଥିବା ବେଳେ ଦଳର ମୁଖ୍ୟ କୋଚ୍ ରହିଛନ୍ତି ଶଶୀକାନ୍ତ ନାୟକ। ଶୁଭଶ୍ରୀ ସାହୁ ସହକାରୀ କୋଚ୍ ଏବଂ ରାଜେନ୍ଦ୍ର ଖୁଣ୍ଟିଆଙ୍କୁ ମ୍ୟାନେଜର ଭାବେ ଦଳରେ ସାମିଲ କରାଯାଇଛି।

## ବାଂଲା ଖେଳାଳିଙ୍କୁ ନେଇ କେକେଆର୍‌କୁ ଚେତାବନୀ

ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ଆଇପିଏଲ୍ ନିଲାମୀରେ ବାଂଲାଦେଶ ଖେଳାଳିଙ୍କୁ କ୍ରୟ କରିଥିବାରୁ କୋଲକାତା ନାଇଟରାଇଡର୍ସ ମାଲିକ ଶାହରୁଖ ଖାନଙ୍କୁ ପ୍ରସିଦ୍ଧ କଥାବାଚକ ଦେବକୀନନ୍ଦନ ଠାକୁର ଚେତାବନୀ ଦେଇଛନ୍ତି। ଯାହା ଏବେ ନୂଆ ବିବାଦ ସୃଷ୍ଟି କରିଛି। ଠାକୁର କହିଛନ୍ତି ଯେ, ମୁଁ ବିସିସିଆଇକୁ ପ୍ରଶ୍ନ କରିବାକୁ ଚାହୁଁଛି। ବାଂଲାଦେଶୀ କ୍ରିକେଟରଙ୍କୁ ଏଠାକୁ ଅଣାଯିବା ଉଚିତ୍ ନୁହେଁ। ଯଦି ସେମାନେ ଆଇପିଏଲ୍ ଖେଳାଳି ନିଲାମୀରେ ସାମିଲ ହେଲେ ତେବେ ଅନ୍ୟକୌଣସି ଫ୍ରାଞ୍ଚାଇଜ ସେମାନଙ୍କୁ ଯେତେବେଳେ କ୍ରୟ କଲାନି କୋଲକାତା କାହିଁକି ଆଗ୍ରହ ଦେଖାଇ କିଣିଲା। ସେହି ବାଂଲାଦେଶୀ ଖେଳାଳିଙ୍କୁ କେକେଆର ଦଳରୁ ବାହାର କରିବାକୁ ପଡ଼ିବ। ନଚେତ ଆମେ ଦଳକୁ ବୟକଟ୍ କରିବୁ।

### ଜାତୀୟ ସିନିଅର ଭଲିବଲ୍

## ରାହୁଲ, ଅଶ୍ୱଥୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ

ଭୁବନେଶ୍ୱର, ୧।୧ (ସମିସ):



ଆଗାମୀ ଜାତୀୟ ସିନିଅର ଭଲିବଲ୍ ଚାମ୍ପିଅନସିପ୍‌ର ୭୨ତମ ସଂସ୍କରଣ ଲାଗି ଗୁରୁବାର ଓଡ଼ିଶା ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଏଥିରେ ରାହୁଲ ବାରିକଙ୍କୁ ପୁରୁଷ ଦଳର ଏବଂ ଅଶ୍ୱଥୀ ପି.ଆର.ଙ୍କୁ ମହିଳା ଦଳର ନେତୃତ୍ୱ ଭାର ଦିଆଯାଇଛି। ଜାନୁଆରୀ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବାରଣାସୀରେ ଏହି ଚାମ୍ପିଅନସିପ୍ ଖେଳାଯିବ। ବାରଣାସୀରେ ପ୍ରଥମଥର ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟକୁ ପ୍ରଧାନମନ୍ତ୍ରୀ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଓଡ଼ିଶା ମହିଳା ଭଲିବଲ୍ ଦଳ ଗତ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାରୁ ଏଥର ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଓଡ଼ିଶା ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଆଶାବାଦୀ ରହିଛନ୍ତି।

**ଓଡ଼ିଶା ପୁରୁଷ ଦଳ:** ରାହୁଲ ବାରିକ (ଅଧିନାୟକ), ଦୀପ୍ତିରାଜ ମିଶ୍ର, ମହସୀମ ଖାନ, ରାଖଲ କିଶୋର, ଅନିଲ ସେନାପତି, ଆକାଶ ସିଂ, ଗୋବିନ୍ଦ ପ୍ରସାଦ ବାରିକ, ଶୁଭ୍ରାଂଶୁ ଶେଖର ଓଝା, ଏମ୍‌ଡି ରାଜା, ମାନସ ପ୍ରଧାନ, ମାନସ ପାଣି, ମୋହନ ବିଶ୍ୱାଳ, ଜ୍ଞାନରଞ୍ଜନ ମହାପାତ୍ର ଓ ପ୍ରଜ୍ଞା ସାରଥୀ ଜେନା। ମୁଖ୍ୟକୋଚ୍: ଶୁଭ୍ରାଂଶୁ ଭୂଷଣ ମିଶ୍ର, ସହାୟକ କୋଚ୍: ଲୋତନବିନ୍ଦୁ ଦାଶ ଓ ରମେଶ ଚନ୍ଦ୍ର ଓଝା।

**ଓଡ଼ିଶା ମହିଳା ଦଳ:** ସୁଚିସ୍ମିତା ଦିଣ୍ଡା, ଅଶ୍ୱଥୀ ପି.ଆର୍. (ଅଧିନାୟିକା), ସ୍ମିଜପ୍ରଜ୍ଞା ଜେନା, କେ. ଭିନା, ଶ୍ରୁତି ଲକ୍ଷ୍ମୀ, କମଳେଶ କୁମାରୀ, ସ୍ନେହମୟୀ କିଶାନ, ସଞ୍ଚାରୀ ସୁନିଲ ଭୋୱାତେ, ମାମାଲି ନାଗ, ଲିପିକା ଖେସ୍, ଶିବାନୀ ପ୍ରିୟଦର୍ଶିନୀ, ଆରତୀ ହେପରିକା, ପାୟଲ କାଣ୍ଡି, ବି. ଅନିଶା। ମୁଖ୍ୟକୋଚ: ସଙ୍ଗୀତା ଟପ୍ପୋ, ମ୍ୟାନେଜର: ରତ୍ନାକର ପ୍ରଧାନ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS